# ସାହିତ୍ୟକଳିକା

## ଚତୁର୍ଥ ଶ୍ରେଣୀ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଭୁବନେଶ୍ୱର

# ସାହିତ୍ୟକଳିକା

## ଚତୁର୍ଥ ଶ୍ରେଣୀ


ସମ୍ପାଦକ ମଣ୍ଡଳୀ :

ଶ୍ରୀ ନିତ୍ୟାନନ୍ଦ ସାହୁ
ଡ. ମହେଶ୍ୱର ମହାନ୍ତି
ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ
ସୁଶ୍ରୀ ବିଦ୍ୟୁଲ୍ଲତା ମିଶ୍ର
ଶ୍ରୀ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମ

ସମୀକ୍ଷକ ମଣ୍ଡଳୀ :

ଶ୍ରୀ କୈଳାସ ଚନ୍ଦ୍ର ବଳିୟାରସିଂହ
ଶ୍ରୀମତୀ ବିଜୟଲକ୍ଷ୍ମୀ ମହାରଣା
ଶ୍ରୀମତୀ ବିଦ୍ୟୁଲ୍ଲତା ମିଶ୍ର

ସଂଯୋଜନା :

ଶ୍ରୀମତୀ ବିଜୟା କୁମାରୀ ପାତ୍ର
ଶ୍ରୀମତୀ ଅଞ୍ଜଳି ନାଥ
ଡ. ତିଲୋତ୍ତମା ସେନାପତି
ଡ. ସବିତା ସାହୁ

ପ୍ରକାଶକ:

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା


ମୁଦ୍ରଣ ବର୍ଷ : ୨୦୧୦
୨୦୧୯

ପ୍ରସ୍ତୁତି :

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର
ଓ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର


ମୁଦ୍ରଣ :

ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର



ଜଗତମାତାଙ୍କର ଚରଣରେ ଅଦ୍ୟାବଧି ମୁଁ ଯେଉଁ ଯେଉଁ ଭେଟି ଦେଉଅଛି, ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

ମହାତ୍ମା ଗାନ୍ଧି



## ଆମ ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳ ଦାୟକ ଜୟ ହେ,
ଭାରତ ଭାଗ୍ୟ ବିଧାତା,
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"



# ଭାରତର ସମ୍ବିଧାନ

## ପ୍ରସ୍ତାବନା

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ


- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା ;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା ;
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସଂବିଧାନ ପ୍ରଣୟନ ସଭାରେ ଏତଦ୍ୱାରା ଏହି ସଂବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

# ସୂଚୀପତ୍ର


| କ୍ର. ନଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ଟିକିଟିକି (ପଦ୍ୟ) | ପଣ୍ଡିତ ଗୋଦାବରୀଶ ମିଶ୍ର | ୧ |
| ୨. | ହଜିଲା ଦିନର କଥା | ରମେଶ ଚନ୍ଦ୍ର ଭଞ୍ଜ | ୬ |
| ୩. | ରାଜାଙ୍କ ନୂତନ ପରିଚ୍ଛଦ | କାଳିନ୍ଦୀ ଚରଣ ପାଣିଗ୍ରାହୀ | ୧୫ |
| ୪. | ସନ୍ଧ୍ୟା (ପଦ୍ୟ) | ମଧୁସୂଦନ ରାଓ | ୨୪ |
| ୫. | ଜନ୍‌ଙ୍କ ପ୍ରିୟସାଥୀ ଡିକ୍ | ଡ. ଦିଗରାଜ ବ୍ରହ୍ମା | ୩୦ |
| ୬. | ଭାରତର ବୁଲ୍‌ବୁଲ୍ | ଭଗବାନ ମହାନ୍ତି | ୩୮ |
| ୭. | ଗଛ ଓ କାଠୁରିଆ (ପଦ୍ୟ) | ନନ୍ଦ କିଶୋର ବଳ | ୪୫ |
| ୮. | ସେମାନେ ଆମ ଭାଇଭଉଣୀ | ଡ. ପ୍ରତିଭା ରାୟ | ୪୯ |
| ୯. | ସାଇତି ରଖିବା, ସଜାଇ ରଖିବା | ପଦ୍ମଲୋଚନ ପାଲ୍‌ଟାସିଂହ | ୫୬ |
| ୧୦. | ଭଲ କି କରିନି ମୁହିଁ (ପଦ୍ୟ) | କୃଷ୍ଣ ଚନ୍ଦ୍ର କର | ୬୨ |
| ୧୧. | ମାଟି ଗଲା ବିଗିଡ଼ି | ଡ. ନରେନ୍ଦ୍ର ପ୍ରସାଦ ଦାସ | ୬୯ |
| ୧୨. | କରିଦିଅ ମୋତେ ସାଇଁ (ପଦ୍ୟ) | ବଟକୃଷ୍ଣ ସ୍ୱାଇଁ | ୭୮ |
| ୧୩. | କୁହୁକୀବନ ଭିତର କନିକା | ଡ. ଶରତ କୁମାର ବିଶ୍ୱାଳ | ୮୩ |
| ୧୪. | ମାଟି (ପଦ୍ୟ) | ନନ୍ଦକିଶୋର ସାମଲ | ୯୧ |
| ୧୫. | ପାହାଡ଼ର ଡାକ (ଏକାଙ୍କିକା) | ମଙ୍ଗୁଳୁ ଚରଣ ବିଶ୍ୱାଳ | ୯୬ |





# ଟିକିଟିକି


ପଣ୍ଡିତ ଗୋଦାବରୀଶ ମିଶ୍ର

ଟିକିଟିକି ଟୋପା ପାଣିରେ
ଗଢା ହୋଇଛି ସିନ୍ଧୁ,
ଦିଶୁ ନାହିଁ ସିନା ଆଖିକି
ତାର ଅସଂଖ୍ୟ ବିନ୍ଦୁ ।
ଟିକିଟିକି ଧୂଳି କଣିକା
ମିଶି ହୋଇଛି ଧରା,
ପାହାଡ଼, ପଡ଼ିଆ, ନଗର
ସବୁ ଧୂଳିରେ ଗଢ଼ା ।
ଗୋଟିଗୋଟି କେତେ ଗଛରେ
ପରା ତିଆରି ବନ,
ଏତେ ଲୋକହିତ ସାଧୁଛି
ଏତେ ବାଣ୍ଟୁଛି ଧନ ।

ଟିକିଟିକି କୋଟି ତାରକା
ଫୁଟି ଗଗନେ ନିତି,
ରାତିର ଅନ୍ଧାର ବିନାଶି
ତୋଫା କରନ୍ତି କ୍ଷିତି ।
ଲବେଲବେ ଦୟା ହୃଦୟୁ
ଦେଇ ପାରେ ଯେ ନର,
ସେ ଏକା ବୋଲାଏ ଜଗତେ
ଦୟାମୟଙ୍କ ଚର ।
ପଦୁଁ ପଦକଥା ମଧୁର ଯେହୁ
ଭାସଇ ମୁଖେ,
ପରକୁ ଆପଣା କରି ସେ
ବାନ୍ଧି ପାରଇ ସୁଖେ ।

ଟିକିଟିକି କାର୍ଯ୍ୟେ ସୁଗତି
ଯେବେ ଦେଖାଇ ପାର,
ତେବେ ସିନା ମର୍ତ୍ତ୍ୟେ ପିଲାଏ
ଜନ୍ମ କରିବା ସାର !





## ଶିକ୍ଷକଙ୍କ ପାଇଁ ସୂଚନା

- ଶିକ୍ଷାଦାନ ସମୟରେ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ଧାରଣା ଦେବେ ଯେ, କୌଣସି ଜିନିଷ ଯେତେ ଛୋଟ ହେଲେ ମଧ୍ୟ ତାହା ଅଲୋଡ଼ା ନୁହେଁ । ଏଥିପାଇଁ ସେ ବିଭିନ୍ନ ପ୍ରକାର ଉଦାହରଣ ଦେବେ ।
- ଖଣ୍ଡିଏ ଖଣ୍ଡିଏ ଇଟାକୁ ଯୋଡ଼ି କିପରି ବିରାଟ କୋଠାଘର ତିଆରି କରାଯାଉଛି ତାହାରଛବି ଦେଖାଇବେ ।
- କେତେଗୁଡ଼ିଏ ଛୋଟ ଛୋଟ ଜିନିଷକୁ ଏକାଠି ଗୁନ୍ଥି କିପରି ସୁନ୍ଦର ମାଳଟିଏ ତିଆରି କରାଯାଉଛି, ତାହା ଦେଖାଇବେ ।
- ସରୁସରୁ ସୂତାକୁ ନେଇ ସୁନ୍ଦରସୁନ୍ଦର ଲୁଗା ତିଆରି କରାଯାଉଥିବାର ଉଦାହରଣ ଦେବେ ।
- ଛୋଟଛୋଟ ଜିନିଷକୁ ଏକାଠି ରଖି କିପରି ବଡ଼ବଡ଼ ଜିନିଷ ତିଆରି କରାଯାଇପାରେ, ସେହିଭଳି କେତୋଟି ଉଦାହରଣ ପିଲାମାନଙ୍କ ଠାରୁ ଆଦାୟ କରିବେ ।
- ଶେଷରେ ପିଲାଙ୍କ ମନରେ ଏହି ବିଶ୍ୱାସ ଦେବାକୁ ଚେଷ୍ଟା କରିବେ ଯେ, କେହି ନିଜକୁ ଛୋଟ ବୋଲି ମନେ କରିବା ଉଚିତ ନୁହେଁ ।

### ଆସ ଜାଣିବା କେତୋଟି ଶବ୍ଦ

| | | |
|---|---|---|
| ଧରା | ତୋଫା | କ୍ଷିତି |
| ତାରକା | ଦୟାମୟ | ଚର |
| ବିନାଶି | ସୁଗତି | ଲଭେ |

## ଅଭ୍ୟାସ

୧. ଆସ କଥାବାର୍ତ୍ତା ହେବା

କ. ସମୁଦ୍ର କିପରି ସୃଷ୍ଟି ହୋଇଛି ବୋଲି କବି କହିଛନ୍ତି ?

ଖ. ପାହାଡ଼, ପଡ଼ିଆ, ନଗର ସବୁ ଧୂଳିରେ ଗଢ଼ା ହୋଇଛି ବୋଲି କବି କାହିଁକି କହିଛନ୍ତି ?

ଗ. ଜଙ୍ଗଲ କିପରି ଲୋକମାନଙ୍କର ଉପକାର କରୁଛି ?

ଘ. 'ତୋଫା କରନ୍ତି କ୍ଷିତି' ପଦଟିର ଅର୍ଥ କ'ଣ ?

ଙ. ଦୟାମୟଙ୍କ ଚର କହିଲେ କ'ଣ ବୁଝାଯାଏ ?

ଚ. କ'ଣ କଲେ ଆମର ଜୀବନ ସାର୍ଥକ ହେବ ?

୨. ଯେମିତି 'ଟିକିଟିକି ଧୂଳିକଣା', ସେହିପରି ଟିକିଟିକି ଲଗାଇ ଆଉ କେତୋଟି ପଦ ଲେଖ ।

ଟିକିଟିକି ................................

ଟିକିଟିକି ................................

ଟିକିଟିକି ................................

ଟିକିଟିକି ................................

ଟିକିଟିକି ................................



୩. ତଳେ ୪ଟି ଶବ୍ଦ ଲେଖା ହୋଇଛି । ପ୍ରତି ଶବ୍ଦ ତଳେ ଦୁଇଟି ଲେଖାଏଁ ଏପରି ଶବ୍ଦ ଲେଖିବା, ଯେପରି ତଳକୁ ତଳ ଥିବା ଶବ୍ଦଗୁଡ଼ିକ ଏକାଭଳି ଶୁଭୁଥିବ ।

| | | | | |
|---|---|---|---|---|
| ଯେପରି | ସିନ୍ଧୁ | ଧରା | ଧନ | ନର |
| | ଇନ୍ଦୁ | ......... | ......... | ......... |
| | | ......... | ......... | ......... |

୪. ଆସ ତଳ ଶବ୍ଦଗୁଡ଼ିକର ଅର୍ଥ ଅଭିଧାନରୁ ବାହାର କରିବ ଲେଖିବା ।

ଧରା...................... କ୍ଷିତି......................

ତୋଫା.................... ସୁଗତି.....................

ବିନାଶି..................... ମର୍ତ୍ତ୍ୟ......................

୫. କବିତାର କିଛି ଅଂଶ ଛାଡ଼ି ଦିଆଯାଇଛି । ଆସ ସେହି ଅଂଶକୁ ମନେପକାଇ ଶୂନ୍ୟ ସ୍ଥାନ ପୂରଣ କରିବା ।

(କ) ଟିକିଟିକି ଧୂଳି କଣିକା.....................................

........................... ସବୁ ଧୂଳିରେ ଗଢ଼ା ?

(ଖ) ..............................ଦେଇପାରେ ଯେ ନର

ସେ ଏକା.............. ................ ଚର

୬. "ଗୋଟିଗୋଟି କେତେ ଗଛରେ ପରା ତିଆରି ବନ

ଏତେ ଲୋକହିତ ସାଧୁଛି ଏତେ ବାଣ୍ଟୁଛି ଧନ ।''

ଉପରେ ଲେଖାଥିବା ପଦର ଅର୍ଥ ପାଞ୍ଚଟି ବାକ୍ୟରେ ଲେଖିବା ।

..................................................................

..................................................................

..................................................................

..................................................................

..................................................................

..................................................................

..................................................................

୭. ପଠିତ କବିତାର ଯେଉଁ ପଦଗୁଡ଼ିକରେ ମଣିଷର କିଛି ଭଲ ଗୁଣ କଥା କୁହାଯାଇଛି ସେହି ପଦଗୁଡ଼ିକୁ ଆବୃତ୍ତି କରିବା ।

୮. ଯେମିତି 'ସିନ୍ଧୁ' ର ଅର୍ଥ ବୁଝାଉଥିବା ଆଉ କେତୋଟି ଶବ୍ଦ ହେଉଛି ସାଗର, ସମୁଦ୍ର, ପାରାବାର । ସେହିପରି ତଳ ଶବ୍ଦଗୁଡ଼ିକର ଅର୍ଥ ବୁଝାଉଥିବା ଆଉ କେତୋଟି ଶବ୍ଦ ଲେଖିବା ।

| | | | |
|---|---|---|---|
| ଧରା | .................. | .................. | .................. |
| ବନ | .................. | .................. | .................. |
| ନର | .................. | .................. | .................. |

## ତୁମ ପାଇଁ କାମ


- ଛୋଟଛୋଟ ଫୁଲଗୁଡ଼ିଏ ଗୁନ୍ଥି ଗୋଟିଏ ମାଳ ତିଆରି କର ।
- କବି ଗୋଦାବରୀଶ ଶିଶୁମାନଙ୍କ ପାଇଁ ଲେଖିଥିବା ଅନ୍ୟାନ୍ୟ କବିତାଗୁଡ଼ିକ ସଂଗ୍ରହ କରି ପଢ଼ ।



# ହଜିଲା ଦିନର କଥା

ରମେଶ ଚନ୍ଦ୍ର ଭଞ୍ଜ

ସକାଳବୁଲା ଦେହକୁ ବଡ଼ ହିତ । ବେଶ୍ ଫୁର୍ତ୍ତି ଲାଗେ, ସତେଜ ଲାଗେ । ସେଦିନ ମଧୁବାବୁ ସବୁଦିନିଆ ସକାଳବୁଲା ସାରି କୋଠିକୁ ଫେରି ଆସୁଥାନ୍ତି । ନିତି କିଲ୍ଲା ପଡ଼ିଆରେ ଘେରାଏ ବୁଲି ନ ଆସିଲେ ବାବୁଙ୍କୁ ଶାନ୍ତି ଲାଗେ ନାହିଁ । ବେଳେବେଳେ ବାରବାଟୀ କଡ଼ଦେଇ ମହାନଦୀ କୂଳେକୂଳେ ଥୋଡ଼ାଏ ବାଟ ଚାଲିଯାଆନ୍ତି । ହାତରେ ଥାଏ ଶିଙ୍ଗ ବାଡ଼ି । ଘରଲେଉଟାଣି ମନଟା ଟିକିଏ ହାଲୁକା ଲାଗେ । ଶିଙ୍ଗ ବାଡ଼ିଟା ହାତରେ ଘୂରୁଥାଏ । କାଳି ଅନ୍ଧାରରୁ ସେ ବାହାରି ଯାଆନ୍ତି । ଫେରୁଫେରୁ କଅଁଳ ଖରା ପଡ଼ିଯାଇ ଥାଏ, ସେଦିନ କାହିଁକି କେଜାଣି ଟିକିଏ ସଅଳ ଲେଉଟି ଆସିଥାନ୍ତି । ହତା ଭିତରେ ପଶୁପଶୁ ଆଖିରେ ପଡ଼ିଲା – ଗିନା, ଗଡୁ, ଠେକି, ଢାଳ ଥୁଆ ହୋଇଛି । କୋତରା କନ୍ତାପିନ୍ଧା ସ୍ତ୍ରୀଲୋକ କେତୋଟି ଅପେକ୍ଷା କରି ଠିଆ ହୋଇଛନ୍ତି । ସେମାନଙ୍କ କାଖରେ କୁନିକୁନି ଛୁଆ । ବାବୁଙ୍କୁ ଦେଖି ସଭିଏଁ ଶଙ୍କି ଗଲେ ।



ସ୍ତ୍ରୀ ଲୋକଙ୍କ ଚେହେରା ଯେମିତି, ଛୁଆଙ୍କ ଚେହେରା ତାକୁ ବଳି । ସମସ୍ତଙ୍କ ମୁଣ୍ଡ ନୁଖୁରା, ହାଡୁଆ ଦେହକୁ ଠାକରା ମୁହଁ, ଓଠ ଶୁଖିଲା, ଆଖି ନିସ୍ତେଜ, ଛୁଆଗୁଡ଼ିକଙ୍କ ଦେହ ଫୁଙ୍ଗୁଳା, ପତଳା ଓ ଦୁର୍ବଳ ଚେହେରା ।

ବାବୁ କାବା ହେଲେ, ଏମାନେ ଆଜି କୁଆଡ଼େ ! ଏଠାରେ କାହିଁକି ! ସମସ୍ତଙ୍କ ଉପରେ ଥରେ ଆଖି ବୁଲାଇ ବାବୁ ପଚାରିଲେ

- କୁଆଡ଼େ ସବୁ ଆସିଛ ?
- କ୍ଷୀର ପାଇଁ। ଏଇ ପିଲାଙ୍କ ସକାଶେ।
- କିଏ କ୍ଷୀର ଦେବ ?
- ସୁଦାମ ଭଲ କ୍ଷୀର ଟିକିଏ ଦଉଚି ତ.......... ।

ସୁଦାମର ଘର ବିଡ଼ାନାସୀରେ। ସେ ବାବୁଙ୍କ ଗାଇମାନଙ୍କର ହେପାଜତ୍ କରେ। ଗୁହାଳ ଗୋବର, ଚୂନି, ଚୋକଡ଼, ନଡ଼ା, କୁଟା, ଘାସ, କୋଳଥ ସବୁ ତଦାରଖ କରେ। ଖାଇପିଇ ବାବୁଙ୍କ ଘରେ ଥାଏ। ବେଳେବେଳେ ଅନ୍ୟ ବୋଲହାକ କରେ।

ବାବୁ ତଲାସ କରି ବୁଝିଲେ, ଏମାନେ ଆଜି କେବଳ ଆସି ନାହାନ୍ତି। ଏମିତି ଗଲା କେତେଦିନ ଧରି ଆସୁଛନ୍ତି। ପୁଣି ପଇସା ଦେଇ କ୍ଷୀର ନେଉଛନ୍ତି। କିଏ ପାଏ ତ କିଏ ଅଧପାଏ। ସବୁ ପଇସା ଦେଉଛନ୍ତି ସୁଦାମକୁ। ବାବୁଙ୍କର ମଥାକୁ ରାଗ ଚଢ଼ିଗଲା, ମନେମନେ ସେ ନିଆଁ ହୋଇଗଲେ ସୁଦାମ ଉପରେ। ତାଙ୍କ ଅଜାଣତରେ ସୁଦାମ କ୍ଷୀର ବିକି ପଇସା ରଖୁଛି ? ଆଜି ସୁଦାମ ଘରୁ ବିଦା ହେବ। ହେଲେ ସୁଦାମ ତ ସେପରି ଲୋକ ନୁହେଁ ଏତେଦିନ ଧରି ରହିଲାଣି, ବାବୁଙ୍କର ଲୋକ ଚିହ୍ନିବାରେ ତେବେ କ'ଣ ଏତେ ଭୁଲ୍ ରହିଗଲା ?

ସୁଦାମକୁ ପାଖକୁ ଡାକି ବାବୁ ପଚାରିଲେ। ସୁଦାମ ସିଧାସିଧା ମାନିଗଲା। ସିଏ କାହିଁକି ଲୁଚାଇବ! କୋଠି ଖର୍ଚ୍ଚ ବାଦ୍ କ୍ଷୀର ଢେର୍ ବଳକା ହେଉଛି। ସେ କ୍ଷୀର ଆଉ କ'ଣ ହେବ ? ତେଣୁ ସେ ବିକି ଦେଉଛି। ସେହି ପଇସାରେ ଗାଈଙ୍କ ପାଇଁ ଚୂନି, ଚୋକଡ଼, ପିଡ଼ିଆ, ନଡ଼ାପାଳ, କିଣି ଖାଇବାକୁ ଦେଉଛି।

ଏ ସବୁ ଶୁଣି ଗର୍ଜି ଉଠିଲେ ବାବୁ – "ହଇରେ! ମଧୁ ଦାସ ଶେଷକୁ କ୍ଷୀର ବିକିବ? ଛିଃ-ଛିଃ! ତା' ପୁଣି ଏଇ ଗରିବ ଲୋକଗୁଡ଼ାଙ୍କୁ! ଲୋକେ ଶୁଣିଲେ କ'ଣ କହିବେ ? ଗାଈଙ୍କର ଯଦି ଦାନାର ଅଭାବ ହେଉଛି ମୋତେ ଜଣାଇଲୁ ନାହିଁ ? ଖାଇବାକୁ ଦେଇ ନ ପାରିଲେ ମଧୁ ଦାସ ଗୋଟିଗୋଟି କରି ସବୁ ଗାଈ ବିକିଦେବ ସିନା, କ୍ଷୀର ବିକି ପାରିବ ନାହିଁ। ଅଭାବ ଭିତରେ ଉତ୍କଳ ଟ୍ୟାନେରୀ ଜୋତା କାରଖାନାଟା ନିଲାମ ହୋଇଗଲା। ତା' ଦେହ ସହିଲା, ତଥାପି ମଧୁ ଦାସ ତଳକୁ ଖସିଯାଇ ନାହିଁ । ନା, ତା' ହୋଇପାରିବ ନାହିଁ। କାଲିଠାରୁ କ୍ଷୀର ମାଗଣା ଦିଆଯିବ। "ଗାଈ ଦୁହାଁଳ ଥିବା ପର୍ଯ୍ୟନ୍ତ କୋଠି ଖର୍ଚ୍ଚରୁ କାଟି ଏହି ଛୁଆମାନଙ୍କୁ କ୍ଷୀର ଦିଆଯିବ।"

ଓଡ଼ିଆମାନଙ୍କର ଦୁର୍ଦ୍ଦଶା ଦେଖି ଯାହାଙ୍କର ପ୍ରାଣ ସବୁବେଳେ କାନ୍ଦୁଥିଲା, ସେ କ'ଣ କେବେ ଏଭଳି କ୍ଷୀର ବିକି ପାରିଥା'ନ୍ତେ ? ଏ ମଧୁ ଦାସ କିଏ; ସେ ବିଷୟରେ ଅଧିକ କହିବାର ଆବଶ୍ୟକତା ନାହିଁ । କାରଣ ସେ ମଧୁ ବାରିଷ୍ଟର, ମିଷ୍ଟର ଦାସ୍, ମଧୁବାବୁ ଭାବେ ଓଡ଼ିଶାରେ ସବୁଠାରେ ଜଣାଶୁଣା। ଏବେ ମଧ ଅନେକ ଲୋକଙ୍କ ମୁହଁରୁ ଢଗଟିଏ ଶୁଣିବାକୁ ମିଳେ- "ପାଠ ପଢ଼ିବି, କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି", ତାଙ୍କ ପରି ପଢୁଆ ଓ ଲଢୁଆ ମଣିଷ ସେତେବେଳେ ଓଡ଼ିଶାରେ ଖୁବ୍ କମ୍ ଥିଲେ । ସେ ରେଭେନ୍ସା

କଲିଜିଏଟ୍ ସ୍କୁଲ୍‌ରୁ ପ୍ରବେଶିକା ପରୀକ୍ଷାରେ ପାସ୍ କରିବା ପରେ ପ୍ରଥମେ କଲିକତା ପଢ଼ିବାକୁ ଯାଇଥିଲେ। ସେଠାରୁ ଏମ୍.ଏ., ବି.ଏଲ୍, ପାସ୍ କରିଥିଲେ।

୧୮୮୦ ମସିହାରେ ସେ କଲିକତା ଛାଡ଼ି କଟକ ଚାଲି ଆସିଲେ । ପହିଲେ କଟକର "ବିହାରୀ ବାଗ"ରେ ରହି ଅଦାଲତରେ ଓକିଲାତି ଆରମ୍ଭ କଲେ । ପରେ ମିଶନ୍‌ରୋଡ୍‌ରେ ନିଜ ଘର ତୋଳି ଜୀବନର ଶେଷ ପର୍ଯ୍ୟନ୍ତ ସେହିଠାରେ ରହିଥିଲେ । ଏବେ ତାଙ୍କରି ଘରେ "ଶୈଳବାଳା ମହିଳା କଲେଜ" ଠିଆ ହୋଇଛି । ସେହି ହତା ଭିତରେ "ମଧୁସ୍ମୃତି" ନାମକ ଏକ କୋଠରୀ ଅଛି। ମଧୁବାବୁଙ୍କର ହାତବାଡ଼ି, ପଗଡ଼ି, ଚଷମା, ଜୋତା, ଦୋସଡ଼ା, ଶାଲ୍ ଇତ୍ୟାଦି ସବୁ ଜିନିଷ ସେଇଠି ସାଇତା ହୋଇ ରହିଛି।

୧୯୦୫ ମସିହାରେ ମଧୁବାବୁ କଟକରେ "ଉତ୍କଳଟ୍ୟାନେରୀ" ନାମରେ ଗୋଟିଏ ବିରାଟ ଜୋତା କାରଖାନା ବସାଇଥିଲେ । ସେହି କାରଖାନାରେ ଗୋରୁ, ମଇଁଷି, ମେଣ୍ଢା, ଗୋଧି ଓ କୁମ୍ଭୀର ଚମଡ଼ାରୁ ଓଡ଼ିଆ କାରିଗରମାନେ ସୁନ୍ଦର ଓ ମଜବୁତ୍ ଜୋତା ତିଆରି କରୁଥିଲେ । ଏ ଜୋତା ବହୁତ ପରିମାଣରେ ବିଦେଶକୁ ଚାଲାଣ ହେଉଥିଲା । ଦେଶ ବିଦେଶରେ ଜୋତା ପାଇଁ ଓଡ଼ିଶାର ଟେକ ଥିଲା । କାମରେ



ଟିକିଏ ଖଇଚା ଦେଖିଲେ ମଧୁବାବୁ ବିଡ଼ାବିଡ଼ା ଜୋତା ପୋଡ଼ି ଦେଉଥିଲେ । ସେଥିପାଇଁ ମଧୁବାବୁଙ୍କୁ ଟଙ୍କା ପଇସାର ଘୋର ଅଭାବ ସହିବାକୁ ପଡ଼ିଥିଲା । ଶେଷରେ କରଜ ଶୁଝି ନ ପାରିବାରୁ କାରଖାନାଟି ନିଲାମ ହୋଇଗଲା ।

ମଧୁବାବୁଙ୍କର ଶେଷ ଜୀବନରେ ସବୁବେଳେ ଦାରୁଣ ଅଭାବ ଘୋଟି ରହିଥିଲା । ହେଲେ ସେ ଅଭାବ ତାଙ୍କୁ ତିଳେ ହେଲେ ବିଚଳିତ କରି ପାରୁ ନ ଥିଲା । ଯେଉଁ ଖାଦ୍ୟ ସାଧାରଣ ଓଡ଼ିଆ ଖାଏ, ସେହି ଖାଦ୍ୟ ମଧୁବାବୁ ନିତିଦିନ ଖାଉଥିଲେ । ତା' ଥିଲା ପୋଷେ ଢିଙ୍କିକୁଟା ଉଷୁନା ଚାଉଳର ଭାତ, ଦୁଇ ଚାରିଖଣ୍ଡ ଅମୃତଭଣ୍ଡା ସିଝା, ଅଳ୍ପ କିଛି କ୍ଷୀର, ମଦରଙ୍ଗା କିମ୍ବା ହିଡ଼ିମିଚା ଶାଗ। ଚାରି ପାଞ୍ଚ ମୁଠା ଖଇ ତାଙ୍କର ସବୁଠାରୁ ଅତି ପ୍ରିୟ ଜଳଖିଆ ଥିଲା, ଯେ ମର୍ମେମର୍ମେ ଓଡ଼ିଆମାନଙ୍କର ଦୁଃଖ ଦୁର୍ଦ୍ଦଶାକୁ ଅନୁଭବ କରୁଥିଲେ; ସେ କିପରି କ୍ଷୀର ବିକିଥା'ନ୍ତେ ଦୁଃଖୀ ଦରିଦ୍ରମାନଙ୍କୁ !

ମଧୁବାବୁ ଥିଲେ ଓଡ଼ିଶାର ପ୍ରଥମ ଇଂରାଜୀ ପଢୁଆ ଏମ୍.ଏ., ପ୍ରଥମ ଓକିଲ, ପ୍ରଥମ ମନ୍ତ୍ରୀ, ପ୍ରଥମ ବିଲାତଯାତ୍ରୀ । ତାଙ୍କୁ ଦେଖିଲାମାତ୍ରେ ଯେକୌଣସି ଲୋକର ମୁଣ୍ଡ ନଇଁ ଯାଉଥିଲା । ସେ ଓଡ଼ିଶାର ଗୌରବ, ଆମ ଜାତିର ଗୌରବ, ତାଙ୍କୁ 'ଉତ୍କଳଗୌରବ' ବୋଲି କୁହାଯାଏ । ୧୮୪୮ ମସିହା ଏପ୍ରିଲ ମାସ ୨୮ ତାରିଖ ଦିନ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ତାଙ୍କର ଜନ୍ମ ହୋଇଥିଲା ଏବଂ ୧୯୩୪ ମସିହା ଫେବୃୟାରୀ ୪ ତାରିଖ ଦିନ କଟକରେ ତାଙ୍କର ମୃତ୍ୟୁ ହେଲା ।

## ଶିକ୍ଷକଙ୍କ ପାଇଁ ସୂଚନା

- ★ ଶିକ୍ଷକ ଶ୍ରେଣୀରେ ପାଠଦାନ ପୂର୍ବରୁ ମଧୁସୂଦନ ଦାସଙ୍କର ଗୋଟିଏ ଫଟୋ ସଂଗ୍ରହ କରି କାନ୍ଥରେ ଟାଙ୍ଗିବେ କିମ୍ବା ଟେବୁଲ ଉପରେ ରଖିବେ ।
- ★ ପାଠଟି ଶେଷ କରିବା ପରେ ମଧୁସୂଦନ ଦାସଙ୍କ ବିଷୟରେ ପାଠ ବାହାରୁ କିଛି ନୂଆ କଥା କହିବେ।
- ★ ବିଶେଷକରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କ ଭୂମିକା ସମ୍ପର୍କରେ ସଂକ୍ଷେପରେ ଧାରଣା ଦେବେ।
- ★ ମଧୁବାବୁଙ୍କ ଭଳି ଓଡ଼ିଶାର ଆଉ କେତେକ ଜାତୀୟ ବୀରଙ୍କର ନାମ ପିଲାଙ୍କଠାରୁ ଆଦାୟ କରିବାକୁ ଚେଷ୍ଟା କରିବେ ଏବଂ ସେମାନଙ୍କ ବିଷୟରେ ସଂକ୍ଷେପରେ ସୂଚନା ଦେବେ ।

## ସୂଚନା

| | | |
|---|---|---|
| କିଲ୍ଲାପଡ଼ିଆ | : | କଟକ ସହରର ବାରବାଟୀଦୁର୍ଗ ସାମନାରେ ଥିବା ଖୋଲା ପଡ଼ିଆ । |
| ବାରବାଟୀ ଦୁର୍ଗ | : | ଏହି ସ୍ଥାନ କଟକ ସହରରେ ମହାନଦୀ କୂଳରେ ଅବସ୍ଥିତ। ଏହା ପୂରାପୂରି ଭାଙ୍ଗିଯାଇ ପୋତିହୋଇ ପଡ଼ିଥିଲା, ଏବେ ଖୋଳାଯାଇ ମାଟିତଳୁ ଅନେକ ପୁରୁଣା ଜିନିଷ ଉଦ୍ଧାର କରାଯାଉଛି। |
| ପାଏ | : | କୌଣସି ଜିନିଷର ଚାରି ଭାଗରୁ ଭାଗେ। |
| ପ୍ରବେଶିକା ପରୀକ୍ଷା | : | ଆଜି କାଲିର ମାଟ୍ରିକ୍ୟୁଲେସନ୍ ପରୀକ୍ଷାକୁ ସେତେବେଳେ ପ୍ରବେଶିକା ପରୀକ୍ଷା ବୋଲି କୁହାଯାଉଥିଲା। |
| ବିଡ଼ାନାସୀ | : | କଟକ ସହରର ପଶ୍ଚିମ ଭାଗରେ ଥିବା ଗୋଟିଏ ପୁରୁଣା ଗାଁ। |
| ବିହାରୀବାଗ | : | କଟକ ସହରର ଚାନ୍ଦିନୀଚୌକ ଛକ ନିକଟସ୍ଥ ଏକ ସ୍ଥାନ। |
| ଦୋସଡ଼ା | : | ଚଦର |

### ଆସ ଜାଣିବା କେତୋଟି ଶବ୍ଦ

| | | | |
|---|---|---|---|
| କାଳିଅନ୍ଧାର | କୋତରା | ନିସ୍ତେଜ | କାବା |
| ନୁଖୁରା | ହେପାଜତ୍ | ଠାକରା | ଦୁର୍ଦ୍ଦଶା |
| ନିଲାମ | ଫୂର୍ତ୍ତି | ବୋଲହାକ | ବାରିଷ୍ଟର |
| ଚୂନି | ତଲାସ୍ | ଫୁଙ୍ଗୁଳା | ତଦାରଖ |

### ଅଭ୍ୟାସ

**୧. ଆସ କଥାବାର୍ତ୍ତା ହେବା ।**

କ. ସକାଳବୁଲାରୁ ଫେରି ମଧୁବାବୁ କ'ଣ ଦେଖିଲେ ?

ଖ. ମଧୁବାବୁ ସୁଦାମ ଉପରେ କାହିଁକି ରାଗିଲେ ?

ଗ. ସୁଦାମର କଥା ଶୁଣି ମଧୁବାବୁ କ'ଣ କହିଲେ ?

ଘ. ଗରିବ ଲୋକମାନଙ୍କୁ କ୍ଷୀର ଦେବା ବିଷୟରେ ମଧୁବାବୁ ସୁଦାମକୁ କି ପରାମର୍ଶ ଦେଲେ ?

ଙ. ମଧୁବାବୁଙ୍କର ଅଭାବ ଘଟିଲା କାହିଁକି ?

**୨. ବହିପତ୍ର, ପାଣିପବନ ପରି ଏହି ବିଷୟରେ ପଢ଼ିଥିବା କେତୋଟି ଯୋଡ଼ି ଶବ୍ଦ ଖୋଜି ବାହାର କରିବା ।**

.............. .............. .............. ..............

.............. .............. .............. ..............

.............. .............. .............. ..............

୩. ଚକ୍ରଟିକୁ ଦେଖି କିଏ କେଉଁ ଉପାଧିରେ ଭୂଷିତ ତାହା ତଳେ ଲେଖ ।




ମଧୁସୂଦନ ଦାସ.................................

ଗୋପବନ୍ଧୁ ଦାସ ...............................

ଯଦୁମଣି ମହାପାତ୍ର ............................

ହରେକୃଷ୍ଣ ମହତାବ ..........................

କୁନ୍ତଳା କୁମାରୀ ସାବତ .......................

ପଦ୍ମଚରଣ ରାୟ ...............................

୪. କେଉଁ ଶବ୍ଦର ଅର୍ଥ କ'ଣ ତାହା ପତ୍ରରୁ ଖୋଜି ବାହାର କରି ଲେଖିବା ।

ତଲାସ .......................

ହେପାଜତ୍ ...................

ନିସ୍ତେଜ ......................

କିଲ୍ଲା .........................



୫. ତଳଲିଖିତ ଉତ୍ତରଗୁଡ଼ିକ ପାଇବା ପାଇଁ ଆସ ପ୍ରଶ୍ନ ତିଆରି କରିବା ଓ ଲେଖିବା ।

କ. ଛୁଆଗୁଡ଼ିକ ଫୁଙ୍ଗୁଲା, ପତଳା ଓ ଦୁର୍ବଳ ଚେହେରାର ଥିଲେ ।

..........................................................

ଖ. ସୁଦାମର ଘର ବିଡ଼ାନାସୀରେ ।

..........................................................

ଗ. ଜୋତାଗୁଡ଼ିକ ଦେଶ ବିଦେଶକୁ ଚାଲାଣ ହେଉଥିଲା ।

..........................................................

ଘ. ୧୮୮୦ ମସିହାରେ ସେ କଲିକତା ଛାଡ଼ି କଟକ ଆସିଲେ ।

..........................................................

ଙ. ଗରି ପାଞ୍ଚ ମୁଠା ଖଇ ତାଙ୍କର ଅତି ପ୍ରିୟ ଜଳଖିଆ ଥିଲା ।

..........................................................

୬. ଯେପରି - "ମଥାକୁ ରାଗ ଚଢ଼ିଯିବା" ସେହିପରି ତଳେ ଲେଖାଥିବା ଅଂଶଗୁଡ଼ିକୁ ପଢ଼ି ଶୂନ୍ୟ ସ୍ଥାନ ପୂରଣ କର ।

କ. ................. ରୁ ଜୁଳୁଜୁଳିଆପୋକ ବାହାରିବା ।

ଖ. ................. ରେ ହଂସା ଉଡ଼ିଯିବା ।

ଗ. ................. ରେ ଦେହ ଜଳିଯିବା ।

ଘ. .................. ରେ ନାକଟେକିବା ।

ଙ. .................. ମୁଣ୍ଡ ନଇଁଯିବା ।

୭. ଆସ ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ଲଗାଇ ଗୋଟିଏ ଲେଖାଏଁ ବାକ୍ୟ ଗଠନ କରିବା ।

କ. ହିତ................................................ ।

ଖ. ଫୂର୍ତ୍ତି ............................................ ।

ଗ. ସତେଜ .......................................... ।

ଘ. ଦୁର୍ଦ୍ଦଶା............................................ ।

ଙ. ସଅଳ.............................................. ।

୮. ତଳ ବାକ୍ୟଟି ପଢ଼ । ସେହି ଅନୁସାରେ ଖାଲି ସ୍ଥାନଗୁଡ଼ିକ ପୂରଣ କର ।
ଯେପରି 'ସେ ହତା ଭିତରେ ପଶୁପଶୁ ଅନେକ ଲୋକଙ୍କୁ ଦେଖିଲେ ।'

କ. ମୁଁ ଘରେ ଗୋଡ଼ ଦେଉଦେଉ ................................................ ।

ଖ. ସେ ଖେଳାଳିଟି ପେଣ୍ଡୁଟିକୁ ମାରୁମାରୁ ........................................ ।

ଗ. ଆଇ ମୋତେ ଗପଟି କହୁକହୁ ................................................ ।

ଘ. ଭୀମ ମଣ୍ଡାପିଠାତକ ଖାଉଖାଉ ................................................ ।

୯. 'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭରେ ଥିବା ଯେଉଁ ଶବ୍ଦର ସମ୍ପର୍କ ଅଛି ତାକୁ ବାଛି ଏକାଠି କରିବା ଓ 'ଗ' ସ୍ତମ୍ଭରେ ନୂଆ ଶବ୍ଦଟି ଲେଖିବା ।

| 'କ' | 'ଖ' | 'ଗ' |
|---|---|---|
| ଦାରୁଣ | ଲୁଗା | ............................ |
| କସ୍ତା | ମୁଣ୍ଡ | ............................ |
| ପ୍ରବେଶିକା | ଅନ୍ଧାର | ............................ |
| କଅଁଳ | ହିତ | ............................ |
| କାଳି | ପରୀକ୍ଷା | ............................ |
| ନୁଖୁରା | ଅଭାବ | ............................ |
| | ଖରା | ............................ |

୧୦. ବନ୍ଧନୀ ମଧ୍ୟରେ ଭିନ୍ନ ଭିନ୍ନ ପ୍ରକାରର କେତେଗୁଡ଼ିଏ ନାମ ଦିଆଯାଇଛି । ଏଇ ନାମଗୁଡ଼ିକ କାହାର ତାହା ବାଛି ଖାଲି ଜାଗାରେ ଲେଖିବା ।

(ସୁଦାମ, କଟକ, ଓକିଲାତି, ଗାଈ, ସହିଷ୍ଣୁତା)

ଗୋଟିଏ ପଶୁର ନାମ ..................................

ଜଣେ ବ୍ୟକ୍ତିର ନାମ ..................................

ଗୋଟିଏ ସ୍ଥାନର ନାମ ..................................

ଏକ ପ୍ରକାର ଜୀବିକାର ନାମ ............................

ଗୋଟିଏ ଭଲ ଗୁଣର ନାମ ................................

## ୧୧. ଫୁଲର ପାଖୁଡ଼ା ମଧ୍ୟରୁ ଗୋଟିଏଗୋଟିଏ କାମକୁ ବାଛି ତଳେ ଦିଆଯାଇଥିବା ଶୂନ୍ୟ ସ୍ଥାନ ପୂରଣ କରିବା ।




ସୁଦାମ ଗାଈମାନଙ୍କର ..........................

ସୁଦାମ ସବୁ ଜିନିଷର ..........................

ସୁଦାମ ବାବୁଙ୍କର ..........................

ମଧୁବାବୁ ପ୍ରବେଶିକା ପରୀକ୍ଷାରେ ..........................

ମଧୁବାବୁ ଜଳଖିଆରେ ଖଇ ..........................

ଉତ୍କଳ ଟ୍ୟାନେରିରେ ଓଡ଼ିଆ କାରିଗରମାନେ ଜୋତା ..........................

## ୧୨. ମଧୁବାବୁଙ୍କ ବିଷୟରେ ଯାହା ଜାଣିଲେ ପାଞ୍ଚଟି ବାକ୍ୟ ଲେଖିବା ।

..........................................................................

..........................................................................

..........................................................................

..........................................................................

..........................................................................

### ତୁମ ପାଇଁ କାମ

- ମଧୁବାବୁଙ୍କର ଫଟୋଟିଏ ସଂଗ୍ରହ କରି ଘରେ ରଖ ।
- ମଧୁବାବୁଙ୍କର ଜୀବନୀ ସଂଗ୍ରହ କରି ପଢ଼ ।
- କଟକ ଗଲେ ଶୈଳବାଳା ମହିଳା କଲେଜ ପରିସରରେ ଥିବା 'ମଧୁସ୍ମୃତି' ସଂଗ୍ରହାଳୟଟି ବୁଲି ଦେଖ ।



821HCZ

# ରାଜାଙ୍କ ନୂତନ ପରିଚ୍ଛଦ

କାଳିନ୍ଦୀ ଚରଣ ପାଣିଗ୍ରାହୀ



ଗୋଟିଏ ଦେଶରେ ଜଣେ ରାଜା ଥିଲେ। ପ୍ରତିଦିନ ଗୋଟିଏଗୋଟିଏ ନୂତନ ପୋଷାକ ପିନ୍ଧିବା ଥିଲା ତାଙ୍କର ପ୍ରଧାନ ସଉକ । ସେ ଯେ 'ଭଲ ଶାସନ କରୁଛନ୍ତି' ଅଥବା 'ଭଲରେ ପ୍ରଜାପାଳନ କରୁଛନ୍ତି' ଏକଥା କେହି ନ କହି ବରଂ କହନ୍ତି ରାଜା ଆଜି ଭଲ ପୋଷାକ ପିନ୍ଧିଛନ୍ତି।'

ନୂତନ ପରିଚ୍ଛଦ ପାଇଁ ରାଜା ଏକ ପ୍ରକାର ପାଗଳ ହୋଇପଡ଼ିଥିଲେ। ଥରେ ସେ ଘୋଷଣା କଲେ ଯେ ଯେଉଁ କାରିଗର ତାଙ୍କ ପାଇଁ ସମ୍ପୂର୍ଣ୍ଣ ଏକ ନୂତନ ଧରଣର ପୋଷାକ ତିଆରି କରିପାରିବ, ତାକୁ ସେ ଏକ ସହସ୍ର ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ଦେବେ।

ଏ ସମ୍ବାଦ ଶୁଣି ଦୁଇଜଣ ଶଠ ଅର୍ଥ ଲୋଭରେ ରାଜାଙ୍କ ସମ୍ମୁଖରେ ଯାଇ ଉପସ୍ଥିତ ହୋଇ କହିଲେ, "ମହାରାଜ ! ଆମ୍ଭେ ସମ୍ପୂର୍ଣ୍ଣ ଏକ ନୂତନ ଧରଣର ପୋଷାକ ଆପଣଙ୍କ ନିମନ୍ତେ ପ୍ରସ୍ତୁତ କରିଦେବୁ ।"

ସେଭଳି ପୋଷାକ ଆଜି ପର୍ଯ୍ୟନ୍ତ କେହି ଦେଖି ନ ଥିବେ। ସେ ହେବ ଏକ ଅଦ୍ଭୁତ ପୋଷାକ। ତା'ର ଏକ ବିଚିତ୍ର ଗୁଣ ହେଉଛି ଏହି ଯେ , ଯେଉଁ ଲୋକ ବୁଦ୍ଧିହୀନ ଏବଂ ନିଜ ଆସନର ଅଯୋଗ୍ୟ ତାହାର ଚକ୍ଷୁକୁ ସେ ବସ୍ତ୍ର ଆଦୌ ଦେଖାଯିବ ନାହିଁ ।"

ରାଜା ଭାବିଲେ, ଏହା ନିଶ୍ଚେ ଏକ ଅଦ୍ଭୁତ ପରିଚ୍ଛଦ ହେବ। ସେ କାରିଗର ଦୁଇ ଜଣଙ୍କୁ ପଚାରିଲେ ଏପରି ଏକ ପରିଚ୍ଛଦ ତିଆରି କରିବାରେ କେତେ ଅର୍ଥ ଖର୍ଚ୍ଚ ହେବ ?''

ଶଠ ଦୁହେଁ ଯେଉଁ ପରିମାଣର ରେଶମସୂତା, ସ୍ୱର୍ଣ୍ଣଜରି ଓ ମୋତିମାଣିକ୍ୟର ହିସାବ ଦେଲେ, ତାହା ଶୁଣି ରାଜା ଅଧିକ ଆନନ୍ଦିତ ହେଲେ। ସେ ଭାବିଲେ 'ଏଭଳି ମୂଲ୍ୟବାନ ପୋଷାକ ତ ମୋ ଭଣ୍ଡାରରେ ନାହିଁ'। ତହୁଁ ସେ କାରିଗର ଦୁହିଁଙ୍କୁ କହିଲେ "ଆଜିଠାରୁ ପନ୍ଦର ଦିନ ମଧ୍ୟରେ ଏହି ପୋଷାକ ସମ୍ପୂର୍ଣ୍ଣ କରି ଆମ୍ଭଙ୍କୁ ଦେବ। ଏହି ମୂଲ୍ୟବାନ ପୋଷାକ ପିନ୍ଧି ଆମ୍ଭେ ଏଥର ଆମ୍ଭ ଜନ୍ମଦିନ ପାଳନ କରିବୁ ।''

ଶଠ ଦୁଇଜଣ ତନ୍ତ ପାଖରେ ବସି ବସ୍ତ୍ର ବୟନର ଛଳନା କଲେ। ରାଜଭଣ୍ଡାରରୁ ଯେତେ ରେଶମ ସୂତା, ସ୍ୱର୍ଣ୍ଣଜରି, ମଣିମାଣିକ୍ୟ ଇତ୍ୟାଦି ପାଇଲେ ସେ ସବୁକୁ ଲୁଚାଇ ରଖିଲେ । ଦିନରାତି ତନ୍ତ ପାଖରେ ବସି ମିଛରେ ବୟନ କରିବା ଭଳି ଅଭିନୟ କଲେ। ଦିନକୁ ଦିନ ସେ ଦୁହିଁଙ୍କୁ ରାଜଭଣ୍ଡାରରୁ ଅଧିକରୁ ଅଧିକ ପରିମାଣର ସ୍ୱର୍ଣ୍ଣଜରି ଓ ମଣିମୁକ୍ତା ଇତ୍ୟାଦି ମିଳିଲା । ଏହି ଅଦ୍ଭୁତ ବସ୍ତ୍ର ଦେଖିବା ପାଇଁ ରାଜାଙ୍କ ମନରେ କ୍ରମେ ଆଗ୍ରହ ବଢ଼ିଲା । କିନ୍ତୁ ତାଙ୍କର ମନେପଡ଼ିଲା ଯେ, କାରିଗର ଦୁହେଁ କହିଛନ୍ତି ନିତାନ୍ତ ବୋକା ଏବଂ ଅଯୋଗ୍ୟ ବ୍ୟକ୍ତିଙ୍କୁ ଏଇ ପୋଷାକ ଦେଖାଯିବ ନାହିଁ। ତେଣୁ ସେ ପ୍ରଥମେ ତାଙ୍କ ପ୍ରଧାନମନ୍ତ୍ରୀଙ୍କୁ ପଠାଇଲେ।

ସେତେବେଳକୁ ଏହି ଅଦ୍ଭୁତ ବସ୍ତ୍ର ବିଷୟରେ ରାଜ୍ୟସାରା ପ୍ରଚାର ହୋଇଗଲାଣି। ପ୍ରତ୍ୟେକ ଲୋକ ରାଜାଙ୍କର ଜନ୍ମଦିନ ପାଳନକୁ ଅପେକ୍ଷା କରି ରହିଥାଆନ୍ତି । ପ୍ରଧାନମନ୍ତ୍ରୀ ଯାଇ ଦେଖିଲେ, କାରିଗର ଦୁହେଁ ବସ୍ତ୍ର ବୟନରେ ବ୍ୟସ୍ତ; ଅଥଚ ତନ୍ତଟି ଶୂନ୍ୟ । ସେଥିରେ କୌଣସି ବସ୍ତ୍ର ନାହିଁ । ସେ ଭାବିଲେ, "ମୁଁ ତ କାହିଁ ସୂତା ଖିଅଟିଏ ମଧ୍ୟ କେଉଁଠି ଦେଖିବାକୁ ପାଉ ନାହିଁ। ତେବେ କଅଣ ମୁଁ ବୁଦ୍ଧିହୀନ ଓ ପ୍ରଧାନମନ୍ତ୍ରୀ ପଦ ପାଇଁ ଅଯୋଗ୍ୟ।''

ମନ୍ତ୍ରୀ ଚିନ୍ତାମଗ୍ନ ହୋଇପଡ଼ିବାର ଦେଖି ଜଣେ ଶଠ କହିଲା, "ପ୍ରଧାନମନ୍ତ୍ରୀ ମହୋଦୟ, ଏ ବସ୍ତ୍ରଟି ଆପଣଙ୍କ ପସନ୍ଦକୁ କିପରି ଆସୁଛି,'' ତା' ପରେ ସେହି ଶୂନ୍ୟ ତନ୍ତରେ ଅଙ୍ଗୁଳି ଦେଖାଇ କହିଲା, "ଏଠାରେ ଏଇ ରଙ୍ଗଟି କିପରି ମାନୁଛି ? ସେଠାରେ ଯେଉଁ ସ୍ୱର୍ଣ୍ଣଜରି ଦିଆଯାଇଛି ଏବଂ ତା' ପାଖରେ ଯେଉଁ ମୁକ୍ତା ଓ ମାଣିକ୍ୟର କଣିକାଗୁଡ଼ିକ ଖଞ୍ଜାଯାଇଛି ତାହା ଆପଣଙ୍କ ମନକୁ ପାଉଛି ତ ?''

ପ୍ରଧାନମନ୍ତ୍ରୀ ବଡ଼ ଚିନ୍ତାରେ ପଡ଼ିଗଲେ । ସେ ଯଦି କହିବେ ଯେ କିଛି ଦେଖିପାରୁ ନାହାନ୍ତି, ତେବେ ସେ ଜଣେ ବୋକା ଓ ନିଜ ଆସନ ପାଇଁ ଅଯୋଗ୍ୟ ବୋଲି ପ୍ରମାଣିତ ହେବେ । ରାଜା ହୁଏତ ଏହା ଜାଣି ତାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ତଡ଼ିଦେବେ । ତେଣୁ ସେ ମଧ୍ୟ ଛଳନା କରି କହିଲେ, "ନିଶ୍ଚୟ, ନିଶ୍ଚୟ ଏହା ଏକ ଚମତ୍କାର ପୋଷାକ । ରାଜାଙ୍କ ଦେହକୁ ଏହା ଖୁବ୍ ମାନିବ ।''

ଏହା ପରେ ସେ ରାଜାଙ୍କ ନିକଟକୁ ଫେରି ଆସି ସେଇକଥା କହିଲେ । ରାଜା ଏଥର ତାଙ୍କ ପ୍ରଧାନ ବିଚାରପତିଙ୍କୁ ପଠାଇଲେ । ତାଙ୍କର ମଧ୍ୟ ସେଇ ଅବସ୍ଥା ହେଲା । ସେ ତନ୍ତରେ କୌଣସି ବସ୍ତ୍ର ନ ଦେଖି ବିଚାରିଲେ, "କଅଣ, ମୁଁ ପ୍ରଧାନ ବିଚାରପତି ଭାବରେ କେତେକେତେ ମାମଲାର ବିଚାର କରି ତା'ର ସମାଧାନ କରିଛି । ନ୍ୟାୟ ବିଚାର ପାଇଁ ସମସ୍ତଙ୍କ ଦ୍ୱାରା ପ୍ରଶଂସିତ ହୋଇଛି । ମୁଁ ତେବେ କଅଣ ବୁଦ୍ଧିହୀନ ଓ ପ୍ରଧାନ ବିଚାରପତି ପଦ ପାଇଁ ଅଯୋଗ୍ୟ ? କାହିଁ ! ମୁଁ ତ କୌଣସି ବସ୍ତ୍ର ଦେଖିପାରୁ ନାହିଁ ।" ସେ ତାଙ୍କର ଦୁର୍ବଳତା ଲୁଚାଇବା ପାଇଁ ରାଜାଙ୍କ ପାଖରେ ଆସି ଜଣାଇଲେ । "ମହାରାଜ, ଏହି କାରିଗର ଦୁହେଁ ଅସାଧାରଣ ଓ ଆଶ୍ଚର୍ଯ୍ୟଜନକ ପୋଷାକ ପ୍ରସ୍ତୁତ କରୁଛନ୍ତି ।"


ଏଥର ରାଜା ସ୍ୱୟଂ ତାଙ୍କର କେତେକ ବିଶ୍ୱସ୍ତ କର୍ମଚାରୀଙ୍କ ସହିତ ଯାଇ ତନ୍ତ ନିକଟରେ ଉପସ୍ଥିତ ହେଲେ । ସେମାନଙ୍କ ସହିତ ପ୍ରଧାନମନ୍ତ୍ରୀ ଓ ପ୍ରଧାନବିଚାରପତି ମଧ୍ୟ ଗଲେ । ସେ ଦୁହେଁ ସେହି ଅଦ୍ଭୁତ ବସ୍ତ୍ରଟିକୁ ଦେଖିପାରୁଥିବା ଭଳି ଛଳନା କରି କହିଲେ, "ଦେଖନ୍ତୁ ମହାରାଜ, ଏଇ ନୂତନ ପରିଚ୍ଛଦଟି କେଡ଼େ ସୁନ୍ଦର ହୋଇଛି । ସ୍ୱର୍ଣ୍ଣଜରି ଓ ମଣିମୁକ୍ତା ଯଥା ସ୍ଥାନରେ ଖଞ୍ଜାଯାଇ କେତେ ମନୋହର ଦିଶୁଛି ।'' ସେମାନେ ଭାବୁଥାଆନ୍ତି ଯେ, ବୋଧହୁଏ କେବଳ ତାଙ୍କରି ବ୍ୟତୀତ ଅନ୍ୟମାନେ ସମସ୍ତେ ସେହି ବସ୍ତ୍ରଟିକୁ ଦେଖିପାରୁଛନ୍ତି ।

ରାଜା କିନ୍ତୁ ମନେମନେ ଭାବୁଥାଆନ୍ତି, ସମସ୍ତେ ସେହି ବସ୍ତ୍ରଟିକୁ ଦେଖିପାରୁଥିବା ସ୍ଥଳେ ସେ ନିଜେ କାହିଁକି ଦେଖିପାରୁ ନାହାନ୍ତି ? ସେ ତେବେ କ'ଣ ରାଜପଦ ପାଇଁ ଅଯୋଗ୍ୟ ? ପ୍ରଜାମାନେ ଏକଥା ଜାଣିଲେ କଅଣ ଭାବିବେ ? ସେ ମଧ୍ୟ ନିଜର ଲଜ୍ଜାକୁ ଘୋଡ଼ାଇବା ପାଇଁ ମିଛରେ କହିଲେ, "ସାବାସ୍, ସାବାସ୍ ! ଅତି ଚମତ୍କାର ବସ୍ତ୍ର ହୋଇଛି ।'' ରାଜାଙ୍କ ସାଙ୍ଗରେ ଯାଇଥିବା ଅନ୍ୟାନ୍ୟ କର୍ମଚାରୀମାନେ ମଧ୍ୟ କୌଣସି ବସ୍ତ୍ର ଦେଖିପାରୁ ନ ଥିଲେ । ସେମାନେ କାଳେ ବୋକା ଓ ଅଯୋଗ୍ୟ ପ୍ରମାଣିତ ହେବେ, ସେଥିପାଇଁ ଅନ୍ୟମାନଙ୍କ ଭଳି ମିଛରେ କହିଲେ, "ବାଃ, ଚମତ୍କାର ହୋଇଛି ।''

ରାଜାଙ୍କର ଜନ୍ମୋତ୍ସବର ପୂର୍ବଦିନ ଶଠ ଦୁଇଜଣ ସୁବର୍ଣ୍ଣ ଥାଳିରେ ନୂତନ ପରିଚ୍ଛଦଟିକୁ ରଖିଥିବାର ଅଭିନୟ କରି ଶୂନ୍ୟ ଥାଳିକୁ ନେଇ ରାଜାଙ୍କୁ ଉପହାର ଦେଲେ । ଏହା ପରେ ରାଜାଙ୍କଠାରୁ ପୁରସ୍କାର ଘେନି ଚାଲିଗଲେ । ଜନ୍ମଦିନ ସକାଳୁ ରାଜାଙ୍କର ଭୃତ୍ୟ ତାହାଙ୍କୁ ନୂତନ ପରିଚ୍ଛଦଟି ପିନ୍ଧାଇଦେବାକୁ ଆସିଲା । ସେ

ଦେଖିଲା ଥାଳିଟି ଶୂନ୍ୟ, ତା' ଭିତରେ ପ୍ରକୃତରେ କୌଣସି ପୋଷାକ ନାହିଁ। ସେ କହିଲା, "ମହାରାଜ, ମୁଁ ପଛକେ ବୋକା ଓ ଅଯୋଗ୍ୟ ବୋଲି ପ୍ରମାଣିତ ହୋଇପାରେ, କିନ୍ତୁ ଆପଣଙ୍କୁ ଖୁସି କରିବା ପାଇଁ କେବେହେଲେ ମିଥ୍ୟା କହିପାରିବି ନାହିଁ। ପ୍ରକୃତରେ ଏ ଥାଳିରେ କୌଣସି ବସ୍ତ୍ର ନାହିଁ, ମୋର ମନେହୁଏ, ସେ ଦୁଇଜଣ ମିଥ୍ୟାବାଦୀ ଓ ଠକ ଅଟନ୍ତି। ଆମକୁ ଠକି ବହୁ ଅର୍ଥ ନେଇ ପଳାଇଛନ୍ତି।''

ରାଜା ଏଇ କଥା ଶୁଣି ନିଜର ଭ୍ରମ ବୁଝିପାରିଲେ ଏବଂ ମନେମନେ ଅତ୍ୟନ୍ତ ଲଜ୍ଜିତ ହେଲେ। ସେଇଦିନ ତାଙ୍କର ସୌଖୀନ ପୋଷାକ ପ୍ରତି ମମତା ଛାଡ଼ିଗଲା। ସେ ଏଣିକି ରାଜକାର୍ଯ୍ୟରେ ମନୋନିବେଶ କଲେ। ଶଠ ଦୁଇଜଣ ସମଗ୍ର ରାଜ୍ୟର ଲୋକଙ୍କୁ ବୋକା ଓ ଅଯୋଗ୍ୟ ପ୍ରମାଣ କରି ପ୍ରଚୁର ଅର୍ଥ ନେଇ ଚାଲିଯିବା ପୂର୍ବରୁ ଧରାପଡ଼ି କଠିନ ଶାସ୍ତି ଭୋଗକଲେ।



## ଶିକ୍ଷକଙ୍କ ପାଇଁ ସୂଚନା

* ବିଷୟଟି ପଢ଼ାଇବା ପୂର୍ବରୁ ଶିକ୍ଷକ ପ୍ରଥମେ ଛାତ୍ରଛାତ୍ରୀମାନଙ୍କୁ ପଚାରିବେ କାହାର କେଉଁଥିରେ ଅଧିକ ସଉକ ଅଛି ।
* ଏହାପରେ ସେ ପଚାରିବେ ଭଲଭଲ ପୋଷାକ ପିନ୍ଧିବାରେ କେଉଁମାନଙ୍କର ସଉକ ଅଛି, ସେମାନେ ହାତ ଟେକିବେ ।
* ପୋଷାକପତ୍ରରେ ଅଧିକ ସଉକ ନ ରଖି ବରଂ ଯାହା ପିନ୍ଧନ୍ତୁ, ତାହା ପରିଷ୍କାର ପରିଚ୍ଛନ୍ନ ହୋଇଥିବା ଉଚିତ ବୋଲି କହିବେ ।
* ଜଣେ ରାଜା ନିଜର କର୍ତ୍ତବ୍ୟ ଛାଡ଼ି ପୋଷାକ ପରିଚ୍ଛଦରେ ଅଧିକ ସଉକ ରଖିବାରୁ କି ଅସୁବିଧାରେ ପଡ଼ିଲେ, ସେ ସମ୍ପର୍କୀୟ ଗୋଟିଏ କାହାଣୀ ଆଜି ପିଲାମାନେ ପଢ଼ିବେ ବୋଲି କହିବେ।
* ଶେଷରେ ଶିକ୍ଷକ ପିଲାମାନଙ୍କୁ ଏହି ବାର୍ତ୍ତା ଦେବେ ଯେ, ନିଜର ଉଚିତ କାର୍ଯ୍ୟ ବା କର୍ତ୍ତବ୍ୟକୁ ଛାଡ଼ି କେହି ଆଡ଼ମ୍ବରପୂର୍ଣ୍ଣ ଦେଖାଣିଆ କାର୍ଯ୍ୟରେ ଅଧିକ ସଉକ ରଖିଲେ ତାହା ନିଜର କ୍ଷତି କରିଥାଏ।

## ସୂଚନା

ସ୍ୱର୍ଣ୍ଣମୁଦ୍ରା - ସୁନାମୋହର
ତନ୍ତ - ଯେଉଁଥିରେ ଲୁଗା ବୁଣାଯାଏ
ଶଠ - ଠକ

### ଆସ ଜାଣିବା କେତୋଟି ଶବ୍ଦ

| | | | | |
|---|---|---|---|---|
| ପରିଚ୍ଛଦ | ବସ୍ତ୍ରବୟନ | ବିଶ୍ୱସ୍ତ | ଚିନ୍ତାମଗ୍ନ | ଭୃତ୍ୟ |
| ଭ୍ରମ | ସହସ୍ର | ସମଗ୍ର | ପ୍ରଚୁର | |

## ୧. ଆସ କଥାବାର୍ତ୍ତା ହେବା ।

(କ) ରାଜାଙ୍କର ପ୍ରଧାନ ସଉକ କ'ଣ ଥିଲା ?

(ଖ) ନୂତନ ପରିଚ୍ଛଦଟି ଦେଖିବା ପାଇଁ ରାଜା ପ୍ରଥମେ କାହାକୁ ପଠାଇଥିଲେ ?

(ଗ) ପ୍ରଧାନମନ୍ତ୍ରୀ ନିଜର ଦୁର୍ବଳତା ଘୋଡ଼ାଇବାକୁ ଯାଇ ଶଠ ଦୁଇଜଣଙ୍କୁ କ'ଣ କହିଥିଲେ ?

(ଘ) ପ୍ରଧାନବିଚାରପତି କାରିଗରଙ୍କ ନିକଟରୁ ଫେରିଆସି ରାଜାଙ୍କୁ କ'ଣ ଜଣାଇଥିଲେ ?

(ଙ) ନୂତନ ପରିଚ୍ଛଦଟି ପିନ୍ଧାଇବାକୁ ଆସି ଭୃତ୍ୟଟି ରାଜାଙ୍କୁ କ'ଣ କହିଲା ?

## ୨. ଆସ ଉତ୍ତର ଲେଖିବା ।

(କ) ନୂଆନୂଆ ପୋଷାକ ପାଇଁ ପାଗଳ ହୋଇ ରାଜା ଦିନେ କ'ଣ ଘୋଷଣା କଲେ ?

(ଖ) ଅର୍ଥ ଲୋଭରେ ଶଠ ବ୍ୟକ୍ତି ଦୁଇଜଣ ରାଜାଙ୍କୁ କ'ଣ କହିଲେ ?

(ଗ) ପ୍ରଧାନମନ୍ତ୍ରୀ ଚିନ୍ତାମଗ୍ନ ହୋଇପଡ଼ିଲେ କାହିଁକି ?

(ଘ) ରାଜା କାହିଁକି 'ସାବାସ୍ ସାବାସ୍' କହିଲେ ?

(ଙ) ରାଜା ନିଜର ଭ୍ରମ ବୁଝିପାରିଲେ କିପରି ?

## ୩. ନିମ୍ନଲିଖିତ ଉତ୍ତର ପାଇବା ପାଇଁ ଆସ ପ୍ରଶ୍ନ ତିଆରି କରିବା ଓ ଲେଖିବା ।

(କ) ନିଜ ଆସନର ଅଯୋଗ୍ୟ ବ୍ୟକ୍ତିର ଚକ୍ଷୁକୁ ସେ ବସ୍ତ୍ର ଆଦୌ ଦେଖାଯିବ ନାହିଁ ।

..........................................................................................

(ଖ) ଶଠ ବ୍ୟକ୍ତି ଦୁହେଁ ତନ୍ତ ପାଖରେ ବସି ବସ୍ତ୍ର ବୟନର ଛଳନା କଲେ ।

..........................................................................................

(ଗ) ରାଜାଙ୍କ ନିକଟକୁ ଆସି ମନ୍ତ୍ରୀ ସେହି କଥା ବର୍ଣ୍ଣନା କଲେ ।

..........................................................................................

(ଘ) ଲୋକମାନେ କହିଲେ ଅତି ମନୋରମ ବସ୍ତ୍ର ହୋଇଛି ।

..........................................................................................

(ଙ) ରାଜା ରାଜକାର୍ଯ୍ୟରେ ଅଧିକ ମନୋନିବେଶ କଲେ ।

..........................................................................................

## ୪. ଆସ ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଢ଼ିବା ।

ସଉକ.... ..........................................................................

ବୁଦ୍ଧିହୀନ..........................................................................

ଚିନ୍ତାମଗ୍ନ..........................................................................

ଚମତ୍କାର..........................................................................

ଭ୍ରମ ..........................................................................

୫. ନିମ୍ନ ଶବ୍ଦଗୁଡ଼ିକର ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ ପାଖ କୋଠରୀରେ ଲେଖିବା ।

| | | | |
|---|---|---|---|
| ନୂତନ - | | ଭଲ - | |
| ଅଯୋଗ୍ୟ - | | ସାଧାରଣ - | |
| ସମ୍ପୂର୍ଣ୍ଣ - | | ପୁରସ୍କାର - | |

୬. ପିଲାମାନଙ୍କର ଅଙ୍କ କଷା ଚାଲିଥାଏ । ଏହାକୁ ଏପରି ମଧ୍ୟ ଲେଖାଯାଇପାରେ - ପିଲାମାନେ ଅଙ୍କ କଷୁଥାନ୍ତି । ସେହିପରି ତଳ ବାକ୍ୟଗୁଡ଼ିକ କିପରି ଲେଖାଯାଇପାରିବ, ଆସ ଖାଲି ସ୍ଥାନରେ ଲେଖିବା ।

(କ) ମାଆଙ୍କର ଭାତ ରନ୍ଧା ଚାଲିଥାଏ ......................................................

(ଖ) ପିଲାମାନଙ୍କର ହସ୍ତାକ୍ଷର ଲେଖା ଚାଲିଥାଏ ..........................................

(ଗ) ଭାଇଙ୍କର ପାଠପଢ଼ା ଚାଲିଥାଏ......................................................

(ଘ) ଶ୍ରମିକମାନଙ୍କର ମାଟି ଖୋଳିବା ଚାଲିଥାଏ..........................................

୭. ନିମ୍ନ ଅନୁଚ୍ଛେଦଟିରୁ ବିଶେଷ୍ୟ ପଦଗୁଡ଼ିକୁ ବାଛି ତଳ ବାକ୍ସରେ ଲେଖିବା ।

ରାଜା ଭାବିଲେ ଏହା ନିଶ୍ଚେ ଏକ ଅଦ୍ଭୁତ ପରିଚ୍ଛଦ ହେବ । ସେ କାରିଗର ଦୁଇଜଣଙ୍କୁ ପଚାରିଲେ "ଏପରି ଏକ ପରିଚ୍ଛଦ ତିଆରି କରିବାରେ କେତେ ଅର୍ଥ ଖର୍ଚ୍ଚ ହେବ ?''

................................................................................................

................................................................................................

................................................................................................

୮. ତଳେ କେତେଗୁଡ଼ିଏ ଶବ୍ଦ ଦିଆଯାଇଛି । ସେଗୁଡ଼ିକର ଉଚ୍ଚାରଣ ସମାନ ହେଲେ ମଧ୍ୟ ଅର୍ଥ ଭିନ୍ନ । ଆସ ସେଗୁଡ଼ିକର ଭିନ୍ନଭିନ୍ନ ଅର୍ଥ ପାଖରେ ଥିବା କୋଠରୀରେ ଲେଖିବା ।

| | | | | | |
|---|---|---|---|---|---|
| ବଳି | | ଲକ୍ଷ | | ପରିଚ୍ଛଦ | |
| ବଳୀ | | ଲକ୍ଷ୍ୟ | | ପରିଚ୍ଛେଦ | |

୯. ଯେପରି 'ଆନନ୍ଦ'ରୁ 'ଆନନ୍ଦିତ' ହେଉଛି । ସେହିପରି କ'ଣ ହେବ ଲେଖିବା ।

ଉତ୍ସାହ.............................. ଚିତ୍ରଣ ..............................

ପାଳନ.............................. ଘୋଷଣା ..............................

ଉପସ୍ଥାନ .......................... ଚମତ୍କାର ..............................

୧୦. ଆସ ନିମ୍ନଲିଖିତ ପଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଢିବା ।

ଉଦାହରଣ - ଯେମିତି............ ସେମିତି

ତୁମେ ଯେମିତି କରିବ, ସେମିତି ଫଳ ପାଇବ ।

ଯେତିକି.............ସେତିକି ..............................................................

ଯେତେବେଳେ....ସେତେବେଳେ ..............................................................

୧୧. 'ପୁଅ' ଶବ୍ଦ ପାଇଁ ଯେପରି 'ଝିଅ' ଶବ୍ଦ, ତଳେ ଦିଆଯାଇଥିବା ଶବ୍ଦ ପାଇଁ ସେପରି କ'ଣ ହେବ ଭାବି କହିବା ଓ ଲେଖିବା ।

ରାଜା .......... ବାପା ..........

ଛାତ୍ର .......... ଶିକ୍ଷକ ..........

ବୁଢା ..........

୧୨. ତଳେ ଦୁଇଟି ବାକ୍ସରେ କେତେଗୁଡ଼ିଏ ଶବ୍ଦ ରଖାଯାଇଛି । ସେଗୁଡ଼ିକର ପରସ୍ପର ସହିତ ସମ୍ବନ୍ଧ ରହିଛି । ଆସ ସମ୍ବନ୍ଧ ଥିବା ଶବ୍ଦଗୁଡ଼ିକୁ ଏକାଠି ଯୋଡ଼ି ତଳେ ଲେଖିବା ।

ନୂତନ, ସ୍ୱର୍ଣ୍ଣ, ଶୂନ୍ୟ ଭଲ, ରେଶମ, ବିଚିତ୍ର

ସୂତା, ଗୁଣ, ପରିଚ୍ଛଦ, ତନ୍ତ, ଶାସନ, ଜରି, ଭଣ୍ଡାର

.......... .......... ..........

.......... .......... ..........

.......... .......... ..........

୧୩. ରାଜାଙ୍କ ମନରେ କ୍ରମେ ଆଗ୍ରହ ବଢ଼ିଲା- ଏହାକୁ ଏହିପରି ଲେଖାଯାଇପାରିବ
- ରାଜାଙ୍କ ମନରେ କ୍ରମେ ଆଗ୍ରହ ବଢ଼ିବ ।
ସେହିପରି ତଳ ବାକ୍ୟଗୁଡ଼ିକୁ ଲେଖିବା ।

(କ) ଲୋକଟି ଅଙ୍ଗୁଳି ନିର୍ଦ୍ଦେଶ କରି କହିଲା ।

..............................................................

(ଖ) ମନ୍ତ୍ରୀ ଫେରିଆସି ସେହି କଥା ବର୍ଣ୍ଣନା କଲେ ।

..............................................................

(ଗ) ରାଜା ତାହା ଦେଖି ବିଚାର କଲେ ।

..............................................................

(ଘ) ଶଠବ୍ୟକ୍ତି ଦୁଇଜଣ ପୁରସ୍କାର ନେଇ ଚାଲିଗଲେ ।

..............................................................

## ତୁମ ପାଇଁ କାମ

- ତୁମେ ଏହି ଲେଖକଙ୍କର ଅନ୍ୟ ଲେଖା ସଂଗ୍ରହ କରି ପଢ଼ ।



# ସନ୍ଧ୍ୟା

ମଧୁସୂଦନ ରାଓ



ଅସ୍ତ ହେଲେ ଦିନମଣି ହେଲା ଦିନ ଶେଷ
ଆସଇ ରଜନୀରାଣୀ ଧରି କଳାବେଶ,
ସନ୍ଧ୍ୟା ହେଲା ସନ୍ଧ୍ୟା ହେଲା ବୋଲି ପକ୍ଷୀଗଣ
ରାବଦେଇ ଯେଝା ବାସେ କରନ୍ତି ଗମନ ।



ଧୂଳି ଉଡ଼ାଇଣ ଦାଣ୍ଡେ କରି ହମ୍ବା ରଡ଼ି
ଯାଉଛନ୍ତି ଗୋରୁପଲ ଗୋଠରୁ ବାହୁଡ଼ି,
ହଳ କାମ ସାରି ଚଷା ମହାଆନନ୍ଦରେ
ନାନା ରଙ୍ଗେ ଗୀତ ଗାଇ ବାହୁଡ଼ଇ ଘରେ ।



ଚାହୁଁ ଚାହୁଁ ଅନ୍ଧକାର ଘୋଟଇ ଗଗନ
ଆବରଇ ଜଳ ସ୍ଥଳ ପର୍ବତ କାନନ ।
ରତ୍ନ ଦୀପାବଳି ପ୍ରାୟେ ତାରା କୋଟିକୋଟି,
ଜଳୁଛନ୍ତି ଆକାଶରେ ହୋଇ ଗୋଟିଗୋଟି ।



ଭାଙ୍ଗି ଯାଇଅଛି ଏବେ ଦିବସ ଗହଳ,
ନାହିଁ ଆଉ ଏ ଭୁବନେ ଜୀବନ ଚହଳ ।
ଦିନ-ଶ୍ରମ ଅନ୍ତେ ବସି ନିଜନିଜ ଘରେ,
ବିଶ୍ରାମ ଲୋଡ଼ନ୍ତି ସର୍ବେ ଆକୁଳ ଅନ୍ତରେ ।
ଧୀରେ ଆସୁଅଛି ନିଦ୍ରା, ନରନାରୀଗଣ,
ତାହାର ପରଶେ ଏବେ ମୁଦିବେ ନୟନ ।

## ଶିକ୍ଷକଙ୍କ ପାଇଁ ସୂଚନା

୧. ଶିକ୍ଷାଦାନ ପୂର୍ବରୁ ମଧୁସୂଦନ ରାଓଙ୍କର ଏକ ଫଟୋ ସଂଗ୍ରହ କରି ଶ୍ରେଣୀଗୃହର କାନ୍ଥରେ ଟାଙ୍ଗିବେ ବା ଟେବୁଲ ଉପରେ ରଖିବେ ।

୨. କେଉଁ ସମୟଟି ସନ୍ଧ୍ୟା ଓ କେଉଁ ସମୟଟିରାତି,ସେ ସମ୍ପର୍କରେ ସଂକ୍ଷେପରେ ଧାରଣା ଦେବେ ।

୩. ସକାଳ, ମଧ୍ୟାହ୍ନ, ଅପରାହ୍ନ, ସନ୍ଧ୍ୟା, ଆଦି ଦିନର ବିଭିନ୍ନ ସମୟ ସମ୍ପର୍କରେ ଧାରଣା ଦେବେ ।

୪. ସନ୍ଧ୍ୟା ହେଲେ ସହରର ରାସ୍ତାରେ କିପରି ଆଲୁଅ ଜଳେ, ଗ୍ରାମରେ ଥିବା ମନ୍ଦିରରେ କିପରି ଦୀପ ଓ ଆଳତି କରାଯାଏ ଓ ବିଭିନ୍ନ ଉପାସନା ଗୃହରେ ଯାହାଯାହା ସବୁ କରାଯାଏ ତାହା କହିବେ ।

## ଆସ ଜାଣିବା କେତୋଟି ଶବ୍ଦ

| | | | |
|---|---|---|---|
| ଦିନମଣି | ମହାଆନନ୍ଦ | ଆବରଇ | ଅନ୍ତେ |
| ରଜନୀରାଣୀ | ରତ୍ନ | ଭୁବନେ | ଆକୁଳ |
| ଯେଝା | ଗୋଠ | ମୁଦିବେ | ଅନ୍ତରେ |

## ଅଭ୍ୟାସ

**୧. ଆସ ପ୍ରଶ୍ନଗୁଡ଼ିକର ଉତ୍ତର କବିତାରୁ ବାହାର କରି ଲେଖିବା ।**

(କ) ଦିନମଣି ବୋଲି କାହାକୁ କୁହାଯାଇଛି ଓ କାହିଁକି ?

.................................................................................................

.................................................................................................

(ଖ) 'ଆସଇ ରଜନୀରାଣୀ ଧରି କଳାବେଶ' ଏକଥା କହିବାର ଅର୍ଥ କ'ଣ ?

.................................................................................................

.................................................................................................

(ଗ) ସନ୍ଧ୍ୟାବେଳେ ଚାଷୀ କାହିଁକି ଆନନ୍ଦରେ ଘରକୁ ଫେରେ ବୋଲି କୁହାଯାଇଛି ?

.................................................................................................

.................................................................................................

(ଘ) 'ଖୁବ ଶୀଘ୍ର ଚାରିଆଡ଼ ଅନ୍ଧକାର ହୋଇଯାଏ' କବିତାର କେଉଁ ପଦରେ ଏହା କୁହାଯାଇଛି ।

.................................................................................................

.................................................................................................

(ଙ) ରାତି ସମୟରେ ଗହଳଚହଳ ଶୁଭେ ନାହିଁ କାହିଁକି ?

.................................................................................................

.................................................................................................

★ ଏହିଭଳି ଆଉକିଛି ପ୍ରଶ୍ନ ତିଆରି କରିବା ଏବଂ ସାଙ୍ଗମାନଙ୍କ ସହ ଆଲୋଚନା କରିବା ।

**୨. ଆସ କବିତାଟି ପଢ଼ିବା । 'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭରେ ଥିବା କେଉଁ ଶବ୍ଦର ସମ୍ପର୍କ ଅଛି, ତାହାକୁ ଯୋଡ଼ି ଖାଲି ସ୍ଥାନରେ ଲେଖିବା ।**

| 'କ' | 'ଖ' | |
|---|---|---|
| ଆକୁଳ | ନୟନ | ........................... |
| ଯେଝା | ଅନ୍ତରେ | ........................... |
| ଧୂଳି | କଳାବେଶ | ........................... |
| ବାହୁଡ଼ଇ | ବାସେ | ........................... |
| ଘୋଟଇ | ଘରେ | ........................... |
| ମୁଦଇ | ଗଗନ | ........................... |
| | ଉଡ଼ାଇଣ | ........................... |

**୩. ତଳେ କେତୋଟି ଶବ୍ଦ ଦିଆଯାଇଛି । ତା'ର ଆଗରେ ଓ ପଛରେ ଖାଲି ଜାଗା ରହିଛି । କବିତା ଅନୁସାରେ ଧାଡ଼ିଗୁଡ଼ିକ ପୂରଣ କରିବା ।**

..........................................ଦିନମଣି..................................

..........................................ଗୋରୁପଲ..................................

..........................................ଗୀତଗାଇ..................................

..........................................ଜଳସ୍ଥଳ..................................

..........................................ଏ ଭୁବନେ..................................

୪. 'ଉଡ଼ାଇଣ ଦାଣ୍ଡେ' ଏଠାରେ 'ଉଡ଼ାଇଣ'ର ଅର୍ଥ 'ଉଡ଼ାଇ' ଏହିଭଳି ଆଉ କିଛି ଶବ୍ଦ ଲେଖିବା ।

| | | |
|---|---|---|
| ଯେପରି | ଭସାଇଣ | ଭସାଇ |
| | ........... | ........... |
| | ........... | ........... |
| | ........... | ........... |
| | ........... | ........... |

୫. 'ଅସ୍ତହେଲା ଦିନମଣି ହେଲା ଦିନ ଶେଷ'

ଏହି ପଦର ଅର୍ଥ ବୁଝାଇଲା ଭଳି ଚିତ୍ରଟିଏ ଆଙ୍କିବା

**୬. ଆସ ମନରୁ କବିତାର ପଦ ପୂରଣ କରିବା**

ପଶ୍ଚିମ ଆକାଶେ ଦେଖ ବୁଡ଼ିଲେଣି ରବି

ଆହାକି ................................................ ଛବି

ଧୀରେ ଧୀରେ ଜହ୍ନମାମୁଁ ଉଇଁଲେ ଆକାଶେ

ଗପ ଶୁଣେ ........................................ ପାଶେ

**୭. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ସମାନ ଅର୍ଥ ବୁଝାଉଥିବା ଶବ୍ଦ କବିତାରୁ ଖୋଜିଆଣି ପାଖ ଘରେ ଲେଖିବା ।**

| | | | |
|---|---|---|---|
| ସୂର୍ଯ୍ୟ | | ପାହାଡ଼ | |
| ରାତି | | ପାଣି | |
| ସଞ୍ଜ | | ପୃଥିବୀ | |
| ଚଢ଼େଇ | | ବଣ | |

୮. ସୂର୍ଯ୍ୟ ଅସ୍ତ ହେଉଥାନ୍ତି ।
ପୂର୍ବ ଆକାଶ ଲୋହିତ ଦେଖାଯାଏ
ପକ୍ଷୀମାନେ ନିଜନିଜ ବସାକୁ ଫେରନ୍ତି ।
ଗୋରୁପଲ ଘରକୁ ଫେରନ୍ତି ।
ଲୋକମାନେ ନିଦରୁ ଉଠନ୍ତି ।
ଚାଷୀ ବିଲକୁ ଯାଏ ।
ଧୀରେଧୀରେ ଆକାଶରେ ତାରା ଦେଖାଯାଆନ୍ତି ।
ଲୋକମାନେ ନିଘୋଡ଼ ନିଦରେ ଶୋଇଥାନ୍ତି ।
ଠାକୁରଙ୍କ ପାଖରେ ଦୀପ ଦିଆଯାଏ ।
ଚାରିଆଡ଼େ କୋଳାହଳ ଶୁଭୁଥାଏ ।
ଚାଷୀମାନେ ଆନନ୍ଦରେ ଗୀତ ଗାଇ ଘରକୁ ଫେରନ୍ତି ।

**ଉପରେ କେତେଗୁଡ଼ିଏ କଥା ଲେଖାଯାଇଛି । ସେଥି ମଧ୍ୟରୁ 'ସନ୍ଧ୍ୟା' ସମ୍ପର୍କରେ ଥିବା କଥା ଗୁଡ଼ିକୁ ବାଛି ଖାତାରେ ଲେଖିବା ।**

୯. **ନିଜ ଭାଷାରେ ତଳ ପଦଟିର ଅର୍ଥ ଲେଖିବା ।**

ରତ୍ନ ଦୀପାବଳି ପ୍ରାୟେ ତାରା କୋଟିକୋଟି
ଜଳୁଛନ୍ତି ଆକାଶରେ ହୋଇ ଗୋଟିଗୋଟି ।

..................................................................

..................................................................

..................................................................

..................................................................

..................................................................

..................................................................

୧୦. **ସନ୍ଧ୍ୟା ହେଲେ ଆମେ କ'ଣ କ'ଣ କରୁ ଆସ ଲେଖିବା ।**

..................................................................

..................................................................

..................................................................


..................................................................

..................................................................

..................................................................

**ତୁମ ପାଇଁ କାମ**

- ସନ୍ଧ୍ୟା ସମ୍ପର୍କରେ ଲେଖାଯାଇଥିବା ଅନ୍ୟାନ୍ୟ କବିତା ସଂଗ୍ରହ କର ।
- ସନ୍ଧ୍ୟା ହେଲେ ତୁମଗାଆଁ ବା ସହରର ଲୋକମାନେ କ'ଣ କରନ୍ତି ଲେଖ ।



# ଜନ୍‌ଙ୍କ ପ୍ରିୟ ସାଥୀ ଡିକ୍

ଡ. ଦିଗରାଜ ବ୍ରହ୍ମା

ସେଦିନ କାର୍ଲାଇଲ ସହରର ଏକ ରାସ୍ତାରେ ଯାଉଥିଲେ ଜଣେ ଭାରତୀୟ ଯୁବକ। ସାଙ୍ଗରେ ଥିଲେ ତାଙ୍କର ଜଣେ ବନ୍ଧୁ। ବନ୍ଧୁଙ୍କ ନାମ ଥିଲା ଥମ୍ପସନ୍। ସେ ଥିଲେ ବିଲାତର ଲୋକ।

ବିଲାତର ଚାଲିଚଳଣି ବିଷୟରେ ଜାଣିବା ପାଇଁ ଯୁବକଙ୍କ ମନରେ ଆଗ୍ରହ ଥିଲା। ସେଥିପାଇଁ ସେ ବନ୍ଧୁ ଥମ୍ପସନ୍‌ଙ୍କୁ ବହୁତ କଥା ପଚାରୁଥିଲେ । ରାସ୍ତାରେ ଅନେକ ଲୋକ କୁକୁର ଧରି ଯାଉଥିବାର ଦେଖି ଯୁବକ ଜଣକ ପଚାରିଲେ "ଆପଣଙ୍କ ଦେଶର ଲୋକ କୁକୁରକୁ ଖୁବ୍ ଭଲପାଆନ୍ତି ବୋଧହୁଏ ?"

ଯୁବକଙ୍କ ପ୍ରଶ୍ନ ଶୁଣି ଥମ୍ପସନ୍ କହିଲେ "କୁକୁର ହେଉଛି ଆମ ସମସ୍ତଙ୍କର ପ୍ରିୟ । ଘରେଘରେ ଲୋକେ କୁକୁର ପାଳିଥାନ୍ତି। ଏପରିକି ସ୍ୱାମୀଙ୍କର ଗୋଟିଏ ଓ ସ୍ତ୍ରୀଙ୍କର ଆଉ ଗୋଟିଏ ପୋଷା କୁକୁର ମଧ୍ୟ ଥାଏ। ସେମାନେ ନିଜ କୁକୁରଙ୍କୁ ନେଇ ଗର୍ବ ଅନୁଭବ କରନ୍ତି।"



କଥା କହୁକହୁ ଥମ୍ପସନ୍ ରାସ୍ତାର ଗୋଟିଏ କଡ଼ରେ ଠିଆ ହୋଇଗଲେ। ତାଙ୍କର ଦୃଷ୍ଟିପଡ଼ିଲା ରାସ୍ତାର ଅନ୍ୟ ପାର୍ଶ୍ୱରେ ଯାଉଥିବା ପଦଚାରୀଙ୍କ ଉପରେ। ପଦଚାରୀଙ୍କୁ ଦେଖି ତାଙ୍କ ମନ ଉଲ୍ଲସିତ ହୋଇଉଠିଲା। ସେ ଡାକ ଛାଡ଼ିଲେ "ମିଷ୍ଟର ଜନ୍ ! ଆପଣ ଏପଟକୁ ଟିକିଏ ଆସିବେ କି ?"

ଭାରତୀୟ ଯୁବକ ଜଣକ ରାସ୍ତାର ଆରପଟକୁ ଲକ୍ଷ୍ୟ କଲେ। ଦେଖିଲେ, ଜଣେ ବୃଦ୍ଧ ବ୍ୟକ୍ତି ଥମ୍ପସନ୍‌ଙ୍କ ଡାକରେ ଅଟକି ଯାଇଛନ୍ତି। ତାଙ୍କ ହାତରେ ଅଛି ଗୋଟିଏ ଚମଡ଼ାର ବେଲ୍ଟ। ସେଇଟି ବନ୍ଧା ହୋଇଛି ଗୋଟିଏ କୁକୁର ବେକରେ। କୁକୁରଟି ତାଙ୍କ ଆଗରେ ଠିଆ ହୋଇଛି ଏବଂ କ'ଣ ଗୋଟିଏ ନିର୍ଦ୍ଦେଶ ପାଇବା ପାଇଁ ତା'ର ମାଲିକକୁ ଉତ୍କଣ୍ଠାର ସହିତ ଚାହିଁ ରହିଛି।

ଏହି ସମୟରେ ବୃଦ୍ଧ କହିଲେ "ଡିକ୍, ମୋର ବନ୍ଧୁ ରାସ୍ତାର ଅପର ପାର୍ଶ୍ୱରେ ଅଛନ୍ତି। ମୋତେ ଟିକିଏ ପାରିକରି ଦେ"।

ଜନ୍ ଯେ ଜଣେ ଅନ୍ଧ ଏକଥା ଯୁବକ ଜଣକ ବୁଝିପାରିଲେ। ଡିକ୍ ହେଉଛି ଏ ଅନ୍ଧଙ୍କର ଲଉଡ଼ି, ଏକଥା ତାଙ୍କୁ ଅଛପା ରହିଲା ନାହିଁ।

ଯୁବକ ଜଣକ ଲକ୍ଷ୍ୟ କଲେ, ଡିକ୍ ରାସ୍ତା ଉପରେ ନଜର ପକାଇଲା। କାରଣ ରାସ୍ତାରେ ଅନବରତ ଗାଡ଼ିଘୋଡ଼ା ଯା' ଆସ କରୁଥିଲା। ଟିକିଏ ସୁବିଧା ମିଳିଲେ ତ ସେ ତା'ର ମାଲିକକୁ ରାସ୍ତା ପାରି କରିଦେବ।

କିଛି ସମୟ ପରେ ଡିକ୍ ଦେଖିଲା, ରାସ୍ତା ଟିକିଏ ଫାଙ୍କା ପଡ଼ିଛି। ଡିକ୍ ଲକ୍ଷ୍ୟ କଲା, ଦୂରରୁ ଗୋଟିଏ ଗାଡ଼ି ଆସୁଛି। ହୁଏତ ସେ ଠିଆ ହୋଇଥିବା ସ୍ଥାନରେ ଗାଡ଼ିଟି ପହଞ୍ଚିବାକୁ ପ୍ରାୟ ଦୁଇ ମିନିଟ୍ ସମୟ ଲାଗିବ। ବାସ୍ ! ଏଇ ଦୁଇ ମିନିଟ୍ ଥିଲା ଡିକ୍ ପାଇଁ ସୁବର୍ଣ୍ଣ ସୁଯୋଗ। ସେ ଆଗେଇ ଚାଲିଲା ପ୍ରଧାନ ରାସ୍ତାର ମଝିକୁ। ହାତମୁଠାରେ ଥିବା ବେଲ୍ଟଟି ଝିଙ୍କି ହେବାରୁ ଡିକ୍ ଯିବା କଥା ଜନ୍ ଜାଣିପାରିଲେ। ସେ ଚାଲିଲେ ଡିକ୍‌ର ପଛେପଛେ । ଗାଡ଼ିଟି ଆସିବା ପୂର୍ବରୁ ଡିକ୍ ଜନ୍‌ଙ୍କୁ ରାସ୍ତା ପାରି କରିଦେଇଥିଲା।

ଗୋଟିଏ କୁକୁରର ଏଭଳି କାର୍ଯ୍ୟ ଦେଖି ଯୁବକଙ୍କର ବିସ୍ମୟର ସୀମା ରହିଲା ନାହିଁ। ସେ ମନେମନେ କହିଲେ "ସାବାସ୍ ଡିକ୍ ! ତୋତେ କିଏ ବା କୁକୁର ବୋଲି କହିବ ?"

ଥମ୍ପସନ୍, ଜନ୍‌ଙ୍କ ସହିତ ଯୁବକଙ୍କ ପରିଚୟ କରାଇଦେଲେ । ହଜାରହଜାର କିଲୋମିଟର ଦୂରରୁ ଭାରତରୁ ଆସିଥିବା ଯୁବକଙ୍କ ପ୍ରତି ଜନ୍‌ଙ୍କ ମୁଖମଣ୍ଡଳରେ ଶୁଭେଚ୍ଛାର ଭାଷା ଫୁଟି ଉଠିଲା ।

ଡିକ୍‌ର ପିଠିରେ ହାତ ବୁଲାଇ ଆଣୁଆଣୁ ଜନ୍‌ଙ୍କୁ ଯୁବକ ଜଣକ ପଚାରିଲେ "ଡିକ୍ ଆପଣଙ୍କର ସବୁ କାମ କରିଦିଏ ?"

ଜନ୍ କହିଲେ "ହଁ ଡିକ୍ ହେଉଛି ମୋର ସବୁକିଛି । ତାକୁ ମୁଁ ପରିବା ଦୋକାନକୁ ଯିବାକୁ କହିଲେ ସେ ମୋତେ ସେଠାକୁ ନେଇଯାଏ। ଜଳଖିଆ ଦୋକାନକୁ ସେ ମଧ୍ୟ ମୋତେ ବାଟ ଦେଖାଇଦିଏ । ଆମେ ଦୁଇବନ୍ଧୁ ରୁଟି ଓ ବିସ୍କୁଟ ଖାଉ। ଅନାବିଳ ବନ୍ଧୁତ୍ୱର ଆନନ୍ଦ ପାଉ।"



"ଏପରି ସାହାଯ୍ୟକାରୀ ବନ୍ଧୁଟିଏ ଆପଣ ପାଇଲେ କେଉଁଠୁ ?" ଯୁବକ ଜଣକ ପଚାରିଲେ "ସେ ବନ୍ଧୁଟିକୁ ମୋ' ହାତରେ ଟେକି ଦେଇଛନ୍ତି ଆମ ଦେଶର ପୋଲିସ୍ ସଂସ୍ଥା । ଏହି ସଂସ୍ଥା ତରଫରୁ ମୋ' ଭଳି ଚକ୍ଷୁହୀନ ଲୋକମାନଙ୍କୁ ତାଲିମ୍‌ପ୍ରାପ୍ତ କୁକୁରମାନ ଯୋଗାଇ ଦିଆଯାଇ ଥାଏ ।" ଏହା କହି ଜନ୍ ପକେଟ୍‌ରୁ ଚିଠିଟିଏ ବାହାର କଲେ ଓ ଯୁବକ ଜଣକୁ ଦେଖାଇଲେ ।

ଚିଠିଟି ଉପରେ ଯୁବକ ଜଣକ ଟିକିଏ ଆଖି ବୁଲେଇ ଆଣିଲେ । କୁକୁର ତାଲିମ୍ ସଂସ୍ଥାର ନିର୍ଦ୍ଦେଶକ ଜନ୍‌ଙ୍କ ପାଖକୁ ଏ ଚିଠିଟି ଲେଖିଥିଲେ । ସେଥିରେ ଲେଖାଥିଲା "ପ୍ରିୟବନ୍ଧୁ ଜନ୍, ଡିକ୍ ଆପଣଙ୍କ ସେବାରେ ଯାଉଛି, ମୋର ଆଶା, ସେ ତା'ର ସମସ୍ତ ବୁଦ୍ଧି ଓ କୌଶଳ ଖଟାଇ ଆପଣଙ୍କୁ ସାହାଯ୍ୟ କରିବ । ଆପଣଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ ମଧ୍ୟ ହୋଇପାରିବ ।" "ବାଃ, ଆପଣଙ୍କ ଦେଶରେ କି ଚମତ୍କାର ବ୍ୟବସ୍ଥା !" ଯୁବକଙ୍କ ତୁଣ୍ଡରୁ ସ୍ୱତଃ ବାହାରିପଡ଼ିଲା ।

ଯୁବକ ଜଣକ କ୍ଷଣକ ପାଇଁ ଜନ୍‌ଙ୍କ କଳା ଚଷମା ଓ ଡିକ୍‌ର ଉଜ୍ଜ୍ୱଳ ଆଖି ଉପରେ ନଜର ବୁଲାଇ ଆଣିଲେ । ଜନ୍‌ଙ୍କର ସିନା ଆଖି ନାହିଁ, ହେଲେ ଡିକ୍‌ର ତ ଆଖି ଅଛି ! ଡିକ୍‌ର ସେହି ଆଖି କ'ଣ ଜନ୍‌ଙ୍କ ଆଖି ନୁହେଁ ।

## ଶିକ୍ଷକଙ୍କ ପାଇଁ ସୂଚନା

- ଗୃହପାଳିତ ପଶୁମାନେ କିପରି ମନୁଷ୍ୟର ଉପକାରରେ ଲାଗନ୍ତି, ସେ ବିଷୟରେ ଶିକ୍ଷକ ଶିକ୍ଷାଦାନ ପୂର୍ବରୁ ଆଲୋଚନା କରିବେ ।
- କୁକୁରଟି ଯେ ଜନଗହଳି ରାସ୍ତାରେ ଜଣେ ଦୃଷ୍ଟିହୀନ ଲୋକକୁ ବାଟ କଢ଼ାଇ ନେଇ ପାରୁଛି; ତାହାର ଏକ ସୁନ୍ଦର କାହାଣୀ ଆଜି ଏଠାରେ କୁହାଯିବ ବୋଲି ସୂଚାଇବେ।
- ଏହି ପ୍ରସଙ୍ଗରେ କୁକୁରଟି ମନୁଷ୍ୟର କିଭଳି ଅଧିକ ବିଶ୍ୱସ୍ତ ଓ ଉପକାରୀ, ତାହା କହିବେ।
- ଆଜିକାଲି କୁକୁରକୁ କିଭଳି ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରାଯାଉଛି, ବିଶେଷକରି ପୋଲିସ୍ କୁକୁର କିଭଳି କାର୍ଯ୍ୟ ସମ୍ପାଦନ କରୁଛି, ତାହା କହିବେ ।
- କୁକୁରକୁ ଏକଦା ଗବେଷଣା ପାଇଁ କିପରି ମହାକାଶକୁ ପଠାଯାଇଥିଲା, ସେ ସମ୍ପର୍କରେ ସୂଚନା ଦେବେ ।

## ଆସ ଜାଣିବା କେତୋଟି ଶବ୍ଦ

| | | | |
|---|---|---|---|
| ପାର୍ଶ୍ୱ | ପଦଚାରୀ | ନିର୍ଦ୍ଦେଶ | ଉତ୍କଣ୍ଠା |
| ଲଉଡ଼ି | ଅଛପା | ଅନବରତ | ସୁବର୍ଣ୍ଣସୁଯୋଗ |
| ବିସ୍ମୟ | ଶୁଭେଚ୍ଛା | ଅନାବିଳ | ଅନ୍ତରଙ୍ଗ |
| ଉଲ୍ଲସିତ | | | |

## ଅଭ୍ୟାସ

**୧. ଆସ କଥାବାର୍ତ୍ତା ହେବା ।**

(କ) ଭାରତୀୟ ଯୁବକ କ'ଣ ପାଇଁ ବିଲାତ ଯାଇଥିଲେ ?

(ଖ) ଭାରତୀୟ ଯୁବକ ବିଲାତର କେଉଁ ସହରକୁ ଯାଇଥିଲେ ?

(ଗ) ରାସ୍ତା ପାରିହେବାରେ ଜନ୍ କାହିଁକି ଡିକ୍‌ର ସାହାଯ୍ୟ ନେଲେ ?

**୨. ଗାର ଦିଆଯାଇଥିବା ଶବ୍ଦ ବଦଳରେ ସେହି ଅର୍ଥ ବୁଝାଉଥିବା ଶବ୍ଦ ଲଗାଇ ବାକ୍ୟଗୁଡ଼ିକୁ ଲେଖିବା ।**

(କ) ମୁଁ ଶ୍ରେଣୀରେ ପ୍ରଥମ ହେବାରୁ ଘରଲୋକେ <u>ଆନନ୍ଦିତ</u> ହେଲେ ।

.................................................................................................

(ଖ) ଆଜି <u>ଅବିରତ</u> ବର୍ଷା ହେଉଛି ।

..........................................................................................

(ଗ) ଆମ ଗାଁ ରାସ୍ତାରେ ଓଟ ଦେଖି ଆମେ <u>ବିସ୍ମିତ</u> ହେଲୁ ।

..........................................................................................

(ଘ) ନୂଆ ଜାଗା ଦେଖିବା ପାଇଁ ସମସ୍ତଙ୍କର ମନରେ <u>ଉତ୍କଣ୍ଠା</u> ଥାଏ ।

..........................................................................................

**୩. ଯେପରି 'କୁକୁର' ସହିତ ପୋଷା ଲଗାଇ ପୋଷାକୁକୁର କରାଯାଉଛି, ସେଇଭଳି ତଳଲିଖିତ ଶବ୍ଦଗୁଡ଼ିକ ସହିତ କ'ଣ ଲଗାଇ ନୂଆ ଶବ୍ଦ ତିଆରି କରାଯାଇପାରିବ ଲେଖିବା ।**

ଉଜ୍ଜ୍ୱଳ................ ଅନାବିଳ .............

ଅନ୍ତରଙ୍ଗ.............. ବୃଦ୍ଧ ..................

........... ........... . .......... ..........

**୪. ବିକାଶର ଗାଁ ମହୁଲପାଲି । ଗାଁ ଟି ମହାନଦୀ କଡ଼ରେ, ତା' ବାପା ରାମହରି ବାବୁ ଲଣ୍ଡନରେ ଚାକିରି କରନ୍ତି । ସେ ବର୍ଷକୁ ଥରେ ଘରକୁ ଆସନ୍ତି । ସେଇଟା ପୁଣି ଡିସେମ୍ବର ମାସରେ । ତେଣୁ ଡିସେମ୍ବର ମାସଟି ବିକାଶ ଓ ତା' ସାନଭାଇ ମୁନାର ଭାରି ଭଲରେ କଟେ ।**

ଉପରୋକ୍ତ ଅନୁଚ୍ଛେଦରୁ ନାମକୁ ବୁଝାଉଥିବା ଶବ୍ଦଗୁଡ଼ିକ ଲେଖ।

................ ................ ................

................ ................ ................

................ ................ ................

**୫. ଯୁବକ ଜଣକ ରାସ୍ତାର ଆରପଟକୁ ଲକ୍ଷ୍ୟ କଲେ । ଦେଖିଲେ, ଜଣେ ବୃଦ୍ଧ ବ୍ୟକ୍ତି ଥମ୍ପସନ୍‌ଙ୍କ ଡାକରେ ଅଟକି ଯାଇଛନ୍ତି । କୁକୁର ବେକରେ ବନ୍ଧା ହୋଇଥିବା ବେଲ୍‌ଟ୍‌ଟିକୁ ଧରିଛନ୍ତି । କୁକୁରଟି ତାଙ୍କ ଆଗରେ ଠିଆ ହୋଇଛି ଏବଂ ମାଲିକର ନିର୍ଦ୍ଦେଶ ପାଇଁ ଚାହିଁ ରହିଛି ।"**

ଉପରେ ଲେଖାଯାଇଥିବା ଅନୁଚ୍ଛେଦରୁ କାମକୁ ବୁଝାଉଥିବା ଶବ୍ଦଗୁଡ଼ିକୁ ବାଛି ଲେଖିବା।.

..........................................................................................

..........................................................................................

......................... ....................................................

୬. 'ଯେ ସାହାଯ୍ୟ କରେ' ତାକୁ ଗୋଟିଏ ପଦରେ 'ସାହାଯ୍ୟକାରୀ' କହିଥାଉ । ସେହିପରି ତଳଲିଖିତ ଉକ୍ତିଗୁଡ଼ିକ ଗୋଟିଏ ପଦରେ କ'ଣ ହେବ ଲେଖିବା -

ଯେ ପାଦରେ ଚାଲେ ..................................
ଯେ ତାଲିମ୍ ପାଇଛି ..................................
ଯେ ନିର୍ଦ୍ଦେଶ ଦିଏ ..................................
ଯେ ଭାରତର ଲୋକ ..................................
ଯାହାର ଚକ୍ଷୁ ନାହିଁ ..................................
.................................. ..................................

୭. 'କ' ଓ 'ଖ' ବାକ୍ୟ ଦୁଇଟିରେ ଥିବା ଭାବକୁ 'ଗ'ରେ ଥିବା ଗୋଟିଏ ବାକ୍ୟରେ ପ୍ରକାଶ କରାଯାଇଛି । ସେହିପରି ତଳେ ଦିଆଯାଇଥିବା ଦୁଇଦୁଇଟି ବାକ୍ୟର ଭାବକୁ ଏକାଠି ଯୋଡ଼ି ଗୋଟିଏ ବାକ୍ୟରେ ଲେଖିବା ।

ଯେପରି -

କ. ଆମେ ଦୁଇବନ୍ଧୁ ରୁଟି ଖାଉ
ଖ. ଆମେ ଦୁଇବନ୍ଧୁ ବିସ୍କୁଟ୍ ଖାଉ
ଗ. ଆମେ ଦୁଇବନ୍ଧୁ ରୁଟି ଓ ବିସ୍କୁଟ୍ ଖାଉ

କ. କୁକୁରଟି ତା'ର ସମସ୍ତ ବୁଦ୍ଧି ଖଟାଇ ଆପଣଙ୍କୁ ସାହାଯ୍ୟ କରିବ ।
ଖ. କୁକୁରଟି ତା'ର ସମସ୍ତ କୌଶଳ ଖଟାଇ ଆପଣଙ୍କୁ ସାହାଯ୍ୟ କରିବ ।
ଗ. ............................................................................................

କ. ନନ୍ଦନକାନନରେ ଚିଡ଼ିଆଖାନା ଦେଖିବା ।
ଖ. ନନ୍ଦନକାନନରେ ଉଦ୍ଭିଦଉଦ୍ୟାନ ଦେଖିବା ।
ଗ. ..............................................................................



୮. ଆସ ଉପରେ ଦିଆଯାଇଥିବା ଚିତ୍ରକୁ ଭଲକରି ଦେଖିବା ଓ ତା' ବିଷୟରେ ଖାଲି ସ୍ଥାନରେ ଲେଖିବା ।

..............................................................................

..............................................................................

..............................................................................

..............................................................................

..............................................................................

..............................................................................

..............................................................................

୯. ସରଳ ଭାଷାରେ ବୁଝାଇ ଲେଖିବା
‘ଡିକ୍‌ର ସେହି ଆଖି କ’ଣ ଜନ୍‌ଙ୍କ ଆଖି ନୁହେଁ !’

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

## ତୁମ ପାଇଁ କାମ

- ‘କୁକୁର ଆମର ଉପକାରୀବନ୍ଧୁ’ ଏ ବିଷୟରେ ୧୦ଟି ବାକ୍ୟ ଘରୁ ଲେଖିଆଣିବା ।



# ଭାରତର ବୁଲ୍‌ବୁଲ୍

**ଭଗବାନ ମହାନ୍ତି**

ଝିଅଟିଏ ଥିଲା। କବିତା ଲେଖାରେ ତା'ର ଭାରି ମନ। କି ଦିନ କି ରାତି, ସେ ଏକୁଟିଆ ବସେ। ମନେ ମନେ କ'ଣ ଗୁଣୁଗୁଣୁ ହୋଇ ଖାତାରେ ଲେଖି ପକାଏ। ବେଳ ପାଇଲେ ବାହାରେ ବୁଲି ସୁନ୍ଦରସୁନ୍ଦର ଫୁଲ, ଚଢ଼େଇ, ଗଛଲତା ସବୁକୁ ଅନେଇ କ'ଣ ଭାବେ। ସତେ ଯେପରି ଏମାନେ ତା'ର ଅତି ଆପଣାର। ଏକଥା ମାଆଙ୍କ ଛଡ଼ା ଅନ୍ୟ କେହି ଜାଣିପାରନ୍ତି ନାହିଁ। ମାଆ ଝିଅକୁ ଉତ୍ସାହ ଦିଅନ୍ତି । ବାପା କିନ୍ତୁ ଚାହାନ୍ତି ଓଲଟା। ବାପାଙ୍କ ଇଚ୍ଛା, ଝିଅ ଅଙ୍କ କଷୁ, ହିସାବ କିତାବ ଭଲ ଜାଣୁ। ଥରେ ବାପା ଝିଅକୁ କେତେଖଣ୍ଡ ଅଙ୍କ କଷିବାକୁ ଦେଲେ। ମାତ୍ର ଝିଅର ଅଙ୍କ କଷିବାରେ ମନ ନାହିଁ। ଅଙ୍କ କଷିବାପାଇଁ ବାଧ୍ୟକରି ବାପା ତାକୁ ଗୋଟିଏ କୋଠରୀ ଭିତରେ ରଖି ବାହାରୁ କବାଟ କିଳିଦେଲେ। କେତେ ସମୟ ପରେ ଆସି କବାଟ ଖୋଲିଲେ। ମାତ୍ର ଏ କ'ଣ ? ଝିଅଟି ଅଙ୍କ ନ କଷି ଲେଖି ପକାଇଛି ଗୋଟିଏ ସୁନ୍ଦର କବିତା। କବିତାଟି ଲେଖାଯାଇଛି ଇଂରାଜୀ ଭାଷାରେ।



ବାପା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ମନେ ମନେ କହି ପକାଇଲେ, "ବାଃ, କେଡ଼େ ସୁନ୍ଦର କବିତା !" ସେ ଭାବିଲେ ତାଙ୍କ ଝିଅ ଭବିଷ୍ୟତରେ ନିଶ୍ଚେ ଜଣେ ବଡ଼ କବି ହେବ। କବି ଭାବରେ ନାଆଁ କରିବ।

ପାଠପଢ଼ା ସହିତ ଝିଅଟିର ମନପ୍ରାଣ ଲାଗି ରହିଲା କବିତା ଲେଖାରେ। ବଡ଼ ହେଲା ପରେ ସତକୁସତ ସାରା ପୃଥିବୀରେ ନାଁ କଲା। ଏବେ ତାଙ୍କ କବିତା ସ୍କୁଲ୍, କଲେଜରେ ପଢ଼ା ହେଉଛି। ତାଙ୍କ ଲେଖା ପଢ଼ି ଲୋକେ ଆନନ୍ଦ ପାଉଛନ୍ତି। ଏହି ନାରୀ କବିଙ୍କର ଇଂରାଜୀ ଭାଷାରେ ବେଶ୍ ଦକ୍ଷତା ଥିଲା। ଇଂରେଜ ଲୋକମାନେ ମଧ୍ୟ ତାଙ୍କ କବିତାକୁ ପ୍ରଶଂସା କରୁଥିଲେ। ତାଙ୍କ କବିତାରେ ମୁଗ୍‌ଧ ହୋଇ ତାଙ୍କୁ କହୁଥିଲେ "ପ୍ରାଚ୍ୟ ଜଗତର କୋକିଳ'' ଆଉ କେହି କେହି କହିଲେ 'ଭାରତର ବୁଲ୍‌ବୁଲ୍'। ଏହି ମହିଳା ଜଣକ ହେଉଛନ୍ତି ଭାରତର ଲୋକପ୍ରିୟ ନେତ୍ରୀ, ସ୍ୱାଧୀନତାସଂଗ୍ରାମୀ ସରୋଜିନୀ ନାଇଡୁ।

ସରୋଜିନୀ ନାଇଡୁ ଗୋଟିଏ ମଧ୍ୟବିତ୍ତ ବଙ୍ଗାଳୀ ପରିବାରରେ ୧୮୭୯ ମସିହା, ଫେବୃଆରୀ ୧୩ ତାରିଖରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ଅଘୋରନାଥ ଚଟ୍ଟୋପାଧ୍ୟାୟ ଓ ମାତା ବରଦା ସୁନ୍ଦରୀଙ୍କର ସନ୍ତାନମାନଙ୍କ ମଧ୍ୟରେ ସେ ଥିଲେ ସବୁଠାରୁ ବଡ଼। ସରୋଜିନୀ ହାଇଦ୍ରାବାଦ୍‌ର ଜଣେ ଡାକ୍ତର ଗୋବିନ୍ଦ ରାଜୁଲୁ ନାଇଡୁଙ୍କୁ ବିବାହ କରିଥିଲେ। ବିବାହ ପରେ ସେ ନିଜ ନାଆଁ ଲେଖିଲେ ସରୋଜିନୀ ନାଇଡୁ।

ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କର ପ୍ରତିଭା ବାଲ୍ୟକାଳରୁ ଫୁଟି ଉଠୁଥିଲା। ମାତ୍ର ବାରବର୍ଷ ବୟସରେ ମାଟ୍ରିକ୍ ପରୀକ୍ଷା ଦେଇ ସମସ୍ତ ପରୀକ୍ଷାର୍ଥୀଙ୍କ ମଧ୍ୟରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହା ପରେ ସେ ଯାଇ ଇଂଲଣ୍ଡର କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ନାଆଁ ଲେଖାଇଲେ। ପାଠ ପଢିବା ସଙ୍ଗେସଙ୍ଗେ ସୁନ୍ଦରସୁନ୍ଦର କବିତା ରଚନା କରିବା ଓ ବକ୍ତୃତା ଦେବାରେ ମଧ୍ୟ ସେ ନିଜର ଦକ୍ଷତାର ପରିଚୟ ଦେଲେ।

ସେତେବେଳକୁ ଭାରତ ଇଂରେଜ ଶାସନ ଅଧୀନରେ ଥାଏ। ନିଜ ଜନ୍ମଭୂମିର ପରାଧୀନତା ତାଙ୍କ ହୃଦୟରେ ଗଭୀର ଦୁଃଖ ଆଣିଦେଲା । ଏଣୁ ସେ ଦେଶପ୍ରେମମୂଳକ କବିତା ଲେଖିବାକୁ ଲାଗିଲେ। ତାଙ୍କ ଦେଶପ୍ରେମମୂଳକ କବିତା ଓ ବକ୍ତୃତା ସେ କାଳର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଅନୁପ୍ରାଣିତ କରିଥିଲା। ଏପରିକି ଜବାହାରଲାଲ୍ ନେହେରୁ ଏବଂ ସୁଭାଷଚନ୍ଦ୍ର ବୋଷ୍‌ଙ୍କ ଭଳି ସେକାଳର ସଂଗ୍ରାମୀ ଯୁବକମାନେ ମଧ୍ୟ ସେଇ କବିତା ଦ୍ୱାରା ଅନୁପ୍ରାଣିତ ହୋଇଥିଲେ।




୧୯୦୩ ମସିହାରେ ବମ୍ବେ (ମୁମ୍ବାଇ)ରେ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଏକ ବିରାଟ ସଭା ହେଉଥାଏ। ସେହି ସଭାରେ ସେ ନିଜେ ଇଂରାଜୀରେ ଲେଖିଥିବା ଏକ ଉଦ୍‌ବୋଧନମୂଳକ କବିତା ସୁନ୍ଦର ସ୍ୱରରେ ଗାନ କରିଥିଲେ। ତାଙ୍କ କଣ୍ଠ ସ୍ୱର କୋକିଳର ସ୍ୱର ଭଳି ଖୁବ୍ ମଧୁର ଥିଲା । ସେହି କବିତାଟି ସେଠାରେ ଉପସ୍ଥିତ ଥିବା ସମସ୍ତଙ୍କ ହୃଦୟକୁ ଗଭୀର ଭାବରେ ସ୍ପର୍ଶ କରିଥିଲା। ସେ ଯେଭଳି ସୁନ୍ଦରସୁନ୍ଦର କବିତା ଲେଖୁଥିଲେ ତାକୁ ସେଇଭଳି ସୁନ୍ଦର ସ୍ୱରରେ ଗାନ କରିପାରୁଥିଲେ। ସେଥିପାଇଁ ତାଙ୍କୁ କୁହାଯାଉଥିଲା 'ଭାରତର ବୁଲ୍‌ବୁଲ୍'।

ପରବର୍ତ୍ତୀ କାଳରେ ସରୋଜିନୀ ନାଇଡୁ ଭାରତର ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିଥିଲେ। ୧୯୧୪ ମସିହାରେ ପ୍ରଥମ ଥର ପାଇଁ ସେ ଗାନ୍ଧିଜୀଙ୍କୁ ଭେଟିଲେ। ଗାନ୍ଧିଜୀଙ୍କ ନୀତି, ଆଦର୍ଶ ଓ ସରଳତା ତାଙ୍କୁ ପ୍ରଭାବିତ କରିଥିଲା।

କବିତ୍ୱ ଓ ଭଲ ଭାଷଣ ଦେବାର ଦକ୍ଷତା ସହ ରାଜନୀତି କ୍ଷେତ୍ରରେ ମଧ୍ୟ ତାଙ୍କର ନିପୁଣତା ପ୍ରକାଶିତ ହୋଇଥିଲା।

୧୯୩୦ ମସିହା କଥା। ସେତେବେଳକୁ ଭାରତରେ ଲବଣ ସତ୍ୟାଗ୍ରହ ଚାଲିଥାଏ। ଗାନ୍ଧିଜୀ ସତ୍ୟାଗ୍ରହରେ ମାତିଥାଆନ୍ତି। ଇଂରେଜମାନେ ଯେତେବେଳେ ଗାନ୍ଧିଜୀଙ୍କୁ ଗିରଫ କଲେ, ସରୋଜିନୀ ନାଇଡୁ ଏହି ସତ୍ୟାଗ୍ରହର ନେତୃତ୍ୱ ନେଇ ଆନ୍ଦୋଳନକୁ ଚାଲୁ ରଖିଲେ। ଦେଶପାଇଁ ସେ ବହୁବାର କାରାବରଣ କରିଛନ୍ତି ଓ ବହୁ ଦୁଃଖ କଷ୍ଟ ସହିଛନ୍ତି।

ଭାରତର ସ୍ୱାଧୀନତା ଲାଭ ପରେ ସେ ଉତ୍ତରପ୍ରଦେଶର ରାଜ୍ୟପାଳ ପଦବୀ ମଣ୍ଡନ କରିଥିଲେ। ଏପରି ଗୌରବ ଅର୍ଜନ କରିବାରେ ସେ ହେଉଛନ୍ତି ଭାରତର ପ୍ରଥମ ମହିଳା। ରାଜ୍ୟପାଳରୂପେ କର୍ତ୍ତବ୍ୟ ସମ୍ପାଦନ କରୁଥିବା ସମୟରେ ୭୦ ବର୍ଷ ବୟସରେ ୧୯୪୯ ମସିହା ମାର୍ଚ୍ଚ ୨ ତାରିଖରେ ତାଙ୍କର ମୃତ୍ୟୁ ହେଲା। ଭାରତବାସୀଙ୍କ ହୃଦୟରେ ତାଙ୍କର ସ୍ମୃତି ଚିରଦିନ ଅମଳିନ ହୋଇ ରହିଥିବ। ସେ କେବଳ ପ୍ରାଚ୍ୟ ଜଗତର କୋକିଳ ବା ଭାରତର ବୁଲ୍‌ବୁଲ୍ ନ ଥିଲେ, ସେ ଥିଲେ ପ୍ରକୃତରେ ହୀରାଟିଏ।



## ଶିକ୍ଷକଙ୍କ ପାଇଁ ସୂଚନା

- ପାଠ ଆରମ୍ଭ ପୂର୍ବରୁ ସରୋଜିନୀ ନାଇଡୁଙ୍କର ଏକ ଫଟୋ ସଂଗ୍ରହ କରି ଶ୍ରେଣୀ ଗୃହର କାନ୍ଥରେ ଟାଙ୍ଗିବେ ବା ଟେବୁଲ୍ ଉପରେ ରଖିବେ।
- ବିଷୟଟିର ପଢ଼ା ଶେଷରେ ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କରେ ସଂକ୍ଷେପରେ କହିବେ।
- ସ୍ୱାଧୀନତା ଆନ୍ଦୋଳନରେ ସରୋଜିନୀ ନାଇଡୁଙ୍କ ଭୂମିକା ସମ୍ପର୍କରେ ସମାନ୍ୟ ସୂଚନା ଦେବେ।
- ସରୋଜିନୀ ନାଇଡୁଙ୍କ ସମ୍ପର୍କରେ ପାଠ ବାହାରେ ଥିବା କିଛି ନୂଆ କଥା କହିବେ।

## ସୂଚନା

ତୁଳସୀ ଦୁଇପତ୍ରରୁ ବାସେ - ଭବିଷ୍ୟତର ସୁଗୁଣ ପିଲାଦିନରୁ ଜଣାପଡ଼ିଥାଏ ।

କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ - ବିଲାତର ଏକ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ।

## ଆସ ଜାଣିବା କେତୋଟି ଶବ୍ଦ

| | | |
|---|---|---|
| ମଧ୍ୟବିତ୍ତ | ଉଦ୍‌ବୋଧନ | ସ୍ୱର୍ଣ୍ଣ |
| ଦକ୍ଷତା | ମୁଗ୍ଧ | ନିପୁଣତା |
| ଅନୁପ୍ରାଣିତ | ପ୍ରାଚ୍ୟ | କାରାବରଣ |
| ଅମଳିନ | ପ୍ରତିଭା | ସ୍ମୃତି |

## ଅଭ୍ୟାସ

### ୧. ଆସ କଥାବାର୍ତ୍ତା ହେବା।

(କ) ସରୋଜିନୀ ନାଇଡୁ ପିଲାଦିନେ କ'ଣ କରିବାକୁ ଅଧିକ ଭଲ ପାଉଥିଲେ ?

(ଖ) ସରୋଜିନୀ କାହାଙ୍କୁ ବିବାହ କରିଥିଲେ ?

(ଗ) କବିତା ଲେଖିବା ସହିତ ସରୋଜିନୀଙ୍କର ଆଉ କେଉଁ ବିଷୟରେ ଦକ୍ଷତା ଥିଲା।

(ଘ) ସରୋଜିନୀଙ୍କର କବିତା ଓ ବକ୍ତୃତା କାହାକୁ ଅନୁପ୍ରାଣିତ କରୁଥିଲା ?

(ଙ) କେଉଁ ମସିହାରେ ସରୋଜିନୀଙ୍କର ମୃତ୍ୟୁ ହୋଇଥିଲା ?

**୨. ଆସ ଉତ୍ତର ଲେଖିବା ।**

(କ) ପିଲାଦିନେ ସରୋଜିନୀଙ୍କୁ ତାଙ୍କ ବାପା କୋଠରୀ ଭିତରେ ବନ୍ଦ କରି ଦେଇଥିଲେ କାହିଁକି ?

(ଖ) ସରୋଜିନୀଙ୍କୁ 'ପ୍ରାଚ୍ୟ ଜଗତର କୋକିଳ' ବୋଲି କୁହାଯାଉଥିଲା କାହିଁକି ?

(ଗ) ସରୋଜିନୀ କାହିଁକି କାରାବରଣ କରିଥିଲେ ?

(ଘ) ସରୋଜିନୀଙ୍କ ଇଂରାଜୀ କବିତାଟି ଦେଖି ତାଙ୍କ ବାପା କ'ଣ ଭାବିଥିଲେ ?

**୩. ସରଳ ଭାଷାରେ ବୁଝାଇ ଲେଖିବା ।**

(କ) ତୁଳସୀ ଦୁଇପତ୍ରରୁ ବାସେ ।

..........................................................................................

..........................................................................................

..........................................................................................

(ଖ) ସେ ଥିଲେ 'ପ୍ରାଚ୍ୟଜଗତର କୋକିଳ' ।

..........................................................................................

..........................................................................................

..........................................................................................

(ଗ) ସେ ପ୍ରକୃତରେ ଥିଲେ ହୀରାଟିଏ ।

..........................................................................................

..........................................................................................

..........................................................................................

**୪. ଆସ ତଳେ ଥିବା ଶବ୍ଦଗୁଡ଼ିକୁ ଲଗାଇ ବାକ୍ୟ ଗଠନ କରିବା ।**

ଉତ୍ସାହ ..........................................................................

ସ୍ମୃତି..........................................................................

ପ୍ରତିଭା..........................................................................

ଅମଳିନ..........................................................................

କର୍ତ୍ତବ୍ୟ..........................................................................

..........................................................................................

**୫. 'ଦକ୍ଷ'ରୁ ଯେପରି 'ଦକ୍ଷତା' ହୁଏ ; ସେହିପରି ତଳ ଶବ୍ଦଗୁଡ଼ିକର ନୂଆ ରୂପ କ'ଣ, ହେବ ତା' ପାଖରେ ଲେଖିବା ।**

ସରଳ..........................................

ଲୋକପ୍ରିୟ..........................................

ସୁନ୍ଦର..........................................

ଜଟିଳ..........................................

୬. 'ସରୋଜିନୀ' ଜଣେ ଝିଅର ନାମକୁ ବୁଝାଉଛି । 'ଭାରତ' ଏକ ଦେଶର ନାମକୁ ବୁଝାଉଛି । ସେହିପରି ଆଉ ପାଞ୍ଚଗୋଟି ନାମ ଏ ପାଠରୁ ଖୋଜି ତଳେ ଦିଆଯାଇଥିବା କୋଠରୀମାନଙ୍କରେ ଲେଖିବା ।

୭. ଯୋଡ଼ା ଶବ୍ଦର ଗୋଟିଏ ଭାଗ ପ୍ରଜାପତିର ଗୋଟିଏ ଡେଣାରେ, ଆର ଭାଗଟି ଅନ୍ୟ ଡେଣାରେ ରହିଛି । ଆସ, ଯେଉଁ ଭାଗ ସହିତ ଯେଉଁ ଭାଗର ସମ୍ପର୍କ ଅଛି ତାକୁ ବାଛି କୋଠରୀ ଭିତରେ ଲେଖିବା ।




୮. ବନାନ ଠିକ୍ ଥିବା ଶବ୍ଦଟିକୁ ତଳ କୋଠରୀରେ ଲେଖିବା ।

ସାହାର୍ଯ୍ୟ ଅଧିବେଶନ ପ୍ରଶଂସା ସରୋଜୀନି

ସାହାଯ୍ୟ ଅଧିବେସନ ପ୍ରସଂଶା ସରୋଜିନୀ

୯. ନିମ୍ନ ଉତ୍ତରଗୁଡ଼ିକ ପାଇବା ପାଇଁ ଗୋଟିଏଗୋଟିଏ ପ୍ରଶ୍ନ ତିଆରି କରିବା ।

(କ) ସରୋଜିନୀଙ୍କ ପିତାଙ୍କ ନାମ ଅଘୋରନାଥ ଚଟ୍ଟୋପାଧ୍ୟାୟ ।

..........................................................................................

(ଖ) ଛିଅଟି ଅଙ୍କ ନ କଷି ଲେଖିପକାଇଲା ଗୋଟିଏ କବିତା ।

..........................................................................................

(ଗ) କବିତାଟି ଇଂରାଜୀ ଭାଷାରେ ଲେଖା ହୋଇଥିଲା ।

..........................................................................................

(ଘ) ୧୯୧୪ ମସିହାରେ ପ୍ରଥମ ଥର ପାଇଁ ସରୋଜିନୀ ଗାନ୍ଧିଜୀଙ୍କୁ ଭେଟିଲେ ।

..........................................................................................

(ଙ) ଭାରତ ସ୍ୱାଧୀନ ହେଲା ପରେ ସେ ଉତ୍ତରପ୍ରଦେଶର ରାଜ୍ୟପାଳ ହେଲେ ।

..........................................................................................

୧୦. 'ଗଲେ'କୁ ଯେପରି 'ଗମନ କଲେ' ବୋଲି ଲେଖାଯାଇ ପାରୁଛି, ସେହିପରି ନିମ୍ନରେ ଥିବା ଶବ୍ଦଗୁଡ଼ିକୁ ଲେଖିବା ।

ଦେଖିଲେ ..........................................

ଶୋଇଲେ ..........................................

ଶୁଣିଲେ ..........................................

କାଟିଲେ ..........................................

୧୧. ମୁଁ ଗଲି । ତୁମେ ଗଲ । ସେ ଗଲା ।

ସେହିପରି କ'ଣ ହେବ

ମୁଁ ଖାଇଲି । ତୁମେ .................. । ସେ .................. ।

ମୁଁ ବସିଲି । ତୁମେ .................. । ସେ .................. ।

ମୁଁ ଲେଖିଲି । ତୁମେ .................. । ସେ .................. ।

## ତୁମପାଇଁ କାମ

- ସରୋଜିନୀଙ୍କର ଯେପରି ପିଲାଦିନୁ କବିତା ଲେଖିବା ପ୍ରତି ଆଗ୍ରହ ଥିଲା, ତୁମର ସେହିପରି କେଉଁକେଉଁ ବିଷୟରେ ବିଶେଷ ଆଗ୍ରହ ଅଛି ଲେଖ ।
- ଗାଈ, କିମ୍ବା ଚଢେଇ କିମ୍ବା ଫୁଲ ବିଷୟରେ ଗୋଟିଏ କବିତା ଲେଖ ।
- ସରୋଜିନୀ ନାଇଡୁଙ୍କ ବିଷୟରେ ୫ଧାଡ଼ିରେ ଲେଖିବା ।

# ଗଛ ଓ କାଠୁରିଆ

**ନନ୍ଦ କିଶୋର ବଳ**

ରହ ଆରେ କାଠୁରିଆ ନ ପକାଅ ହାଣି,
ଶୁଣ କାନ ଡେରି ଥରେ ଏ ଗଛ କାହାଣୀ ।
ନ ଫୁଟୁ ପଛକେ ବାସଫୁଲ ଗଛ ଦେହେ,
ନ ଉଡୁ ପଛକେ ମଧୁମକ୍ଷିକା ସେନେହେ ।
ବସି କୁହୁକୁହୁ ତାନେ ନବ ମଧୁକାଳେ,
ନ ଗାଉ କୋକିଳ ପଛେ ଫୁଲଭରା ଡାଳେ ।
ନ ଫଳୁ ପଛେ ଏ ଗଛେ ମିଠାମିଠା ଫଳ,
ଖରାବେଳେ ବାଟୋଇ ତ ବସେ ଏହା ତଳ ।





ଛାଡ଼ି ଯାଅ କାଠୁରିଆ ନ ପକାଅ ହାଣି,
ଶୁଣ କାନ ଡେରି ଥରେ ଏ ଗଛ କାହାଣୀ ।
କାଠୁରିଆ ନ ହାଣ ସେ ଗଛ, ରହରହ,
ତାହାକୁ ଲଗାଇ ଗଲେ ପିତୃପିତାମହ ।
କେତେ ଦୁଃଖସୁଖ ସେ ଯେ ଦେଖିଛି ଆମ୍ଭର,
କେତେ ଝିଅପୁଅ କେତେ ଯାତ ବିଭାଘର ।
ମନେ ପଡ଼େ ପିଲାଦିନେ ଏହାରି ମୂଳରେ,
ଖେଳୁଥିଲି ମୁହିଁ ଖେଳ ସାଥୀ ଗହଳରେ ।

ଏବେ ବାଲ୍ୟକାଳେ ପୋଥି ଧରି ଛାଇ ତଳେ,
ପଢ଼ଇ ବସି ମୁଁ ସଞ୍ଜ ସକାଳେ ନିଶ୍ଚଳେ ।
କାଠୁରିଆ ନ ହାଣ ସେ ଗଛ, ରହରହ,
ଦେଖିଅଛି ଏ ଗଛ ମୋ ପିତୃପିତାମହ ।
ନ ହାଣ ଏ ଗଛ ଶୁଣଶୁଣ ମୋର ବାଣୀ,
ଆଉ ମୁଁ ଜୀବନେ ଗଛ ନ ପାରିବ ହାଣି ।



ପୂରୁବ ଆକାଶେ ସୂର୍ଯ୍ୟ ଉଦେ ପ୍ରଭାତରେ,
ଉଠନ୍ତି ପକ୍ଷୀଏ ରାବି ଏହାରି ଡାଳରେ ।
ଯାଅଯାଅ କାଠୁରିଆ ଏ ଗଛ ନ ହାଣି,
ରଖିବି ଏ ଗଛ ମୁହିଁ ସତ୍ୟ ମୋର ବାଣୀ ।



## ଶିକ୍ଷକଙ୍କ ପାଇଁ ସୂଚନା

- ✔ ଶିକ୍ଷାଦାନ ପୂର୍ବରୁ ନନ୍ଦ କିଶୋର ବଳଙ୍କ ଫଟୋ ସଂଗ୍ରହ କରି ଶ୍ରେଣୀ ଗୃହର କାନ୍ଥରେ ଟାଙ୍ଗିବେ ବା ଟେବୁଲ୍ ଉପରେ ରଖିବେ।
- ✔ ବିଦ୍ୟାଳୟ ନିକଟରେ ବା କୌଣସି ପରିଚିତ ରାସ୍ତାକଡ଼ରେ ଥିବା ଗୋଟିଏ ପୁରୁଣା ଗଛପ୍ରତି ଛାତ୍ରଛାତ୍ରୀମାନଙ୍କର ଦୃଷ୍ଟି ଆକର୍ଷଣ କରାଇବେ।
- ✔ ସେହି ଗଛଟି ଆମର କି କି ଉପକାର କରୁଛି, ତାହା ପିଲାଙ୍କଠାରୁ ଆଦାୟ କରିବେ ।
- ✔ ବନମହୋତ୍ସବ ବିଷୟରେ ପ୍ରତିପିଲାଙ୍କୁ ସଚେତନ କରାଇବେ ।
- ✔ ଶେଷରେ ଶିକ୍ଷକ ସମ୍ଭବ ହେଲେ ବିଦ୍ୟାଳୟର ବଗିଚାରେ ପିଲାମାନଙ୍କଦ୍ୱାରା ବୃକ୍ଷ ରୋପଣ କରାଇବେ ।

## ଆସ ଜାଣିବା କେତୋଟି ଶବ୍ଦ

| | | |
|---|---|---|
| ବାସ | ପିତୃପିତାମହ | ପ୍ରଭାତ |
| ମଧୁମକ୍ଷିକା | ଯାତ | ବାଣୀ |
| ମଧୁକାଳ | ନିଶ୍ଚଳ | ବାଲ୍ୟକାଳ |

## ଅଭ୍ୟାସ

### ୧. ଆସ କଥାବାର୍ତ୍ତା ହେବା ।

(କ) ଗଛଠାରୁ ଆମେ କ'ଣ କ'ଣ ପାଇଥାଉ ?
(ଖ) ପିଲାଟି କାହିଁକି ଗଛ ହାଣିବା ପାଇଁ କାଠୁରିଆକୁ ମନାକଲା ?
(ଗ) ମିଠାଫଳ ଫଳୁ ନ ଥିଲେ ମଧ୍ୟ କୌଣସି ଗଛକୁ କାଟିବା ନାହିଁ କାହିଁକି ?
(ଘ) ଗଛ କି କି ଘଟଣା ସବୁ ଦେଖିଛି ବୋଲି କବିତାରେ ଲେଖାଯାଇଛି ?
(ଙ) ପିଲାଟି ବାଲ୍ୟକାଳରେ ଗଛମୂଳେ ବସି କଅଣ କରୁଥିଲା ?

**୨. କବିତାର ଯେଉଁ ଧାଡ଼ିରୁ ତଳଲିଖିତ କଥାଗୁଡ଼ିକ ବୁଝାପଡୁଛି, ସେହି ଧାଡ଼ିଟିକୁ ଆବୃତ୍ତି କରିବା ।**

(କ) ବରଂ ଗଛ ପାଖରେ ମହୁମାଛିମାନେ ସ୍ନେହରେ ନ ଉଡ଼ନ୍ତୁ ।

(ଖ) କାଠୁରିଆ ! ରହିଯାଅ, ସେ ଗଛ ହାଣ ନାହିଁ।

(ଗ) ଏ ଗଛକୁ ଆମ ବାପ ଅଜା ଲଗାଇଥିଲେ ।

(ଘ) ମୁଁ ପିଲାଦିନେ ସାଙ୍ଗମାନଙ୍କ ସହିତ ଖେଳୁଥିଲି ।

**୩. ନିମ୍ନରେ କବିତାର ଗୋଟିଏ ମାତ୍ର ଧାଡ଼ି ଦିଆଯାଇଛି । ମନେ ପକାଇ ଅନ୍ୟ ଧାଡ଼ିଟି ଲେଖି ପୂରଣ କରିବା ।**

(କ) କେତେ ଦୁଃଖସୁଖ ସେ ଯେ ଦେଖିଛି ଆମ୍ଭର।

..........................................................................................

(ଖ) ପଢ଼ଇ ବସି ମୁଁ ସଞ୍ଜ ସକାଳେ ନିଶ୍ଚଳେ

..........................................................................................

(ଗ) ନ ଫଳୁ ପଛେ ଏ ଗଛେ ମିଠାମିଠା ଫଳ

..........................................................................................

(ଘ) ଯାଅ ଯାଅ କାଠୁରିଆ ଏ ଗଛ ନ ହାଣି

..........................................................................................

..........................................................................................

**୪.** ନ ଫଳୁ ପଛେ ଏ ଗଛେ ମିଠାମିଠା ଫଳ,

ଖରାବେଳେ ବାଟୋଇ ତ ବସେ ଏହା ତଳ।

**ଏହି ପଦର ଭାବ କିଛି ଲେଖାଯାଇଛି ବାକି ଲେଖା ପୂରଣ କରିବା**

ଏହି ଗଛରେ ବରଂ ମିଠାମିଠା ଫଳ ନ ଫଳୁ..........................................

..........................................................................................

..........................................................................................

**୫. ତଳେ କବିତାର କେତୋଟି ଧାଡ଼ି ଲେଖାଯାଇଛି । ସେଗୁଡ଼ିକୁ ଗଦ୍ୟ ଆକାରରେ ଲେଖିବା ।**

(କ) ଥାଉ ମୁଁ ଜୀବନେ ଗଛ ନ ପାରିବ ହାଣି

..........................................................................................

(ଖ) ପୂରୁବ ଆକାଶେ ସୂର୍ଯ୍ୟ ଉଦେ ପ୍ରଭାତରେ

..........................................................................................

(ଗ) କେତେ ଦୁଃଖସୁଖ ସେ ଯେ ଦେଖିଛି ଆମ୍ଭର ।


.......................................................................................

(ଘ) କାଠୁରିଆ ନ ହାଣ ସେ ଗଛ ରହ ରହ ।

.......................................................................................

**୬. ଫୁଲର ପାଖୁଡ଼ାରେ ଥିବା ଶବ୍ଦଗୁଡ଼ିକ ସହ ବାମ ପାଖ କୋଠରୀରେ ଥିବା ଶବ୍ଦଗୁଡ଼ିକର ସମ୍ପର୍କ ଅଛି । କୋଠରୀରୁ ଉପଯୁକ୍ତ ଶବ୍ଦ ଆଣି ଉପର ପାଖୁଡ଼ାରେ ଲେଖିବା ।**

- ମେଳା
- ଜୀବନ
- ସାଙ୍ଗ
- କଥା
- ଅଧିକ
- ବସନ୍ତ ଋତୁ




**୭.** (କ) ମଲ୍ଲୀଫୁଲର ବାସ ଭାରି ମଧୁର ।

(ଖ) ଗରିବ ପିଲାଟିର ପିନ୍ଧିବାକୁ ବାସ ଖଣ୍ଡିଏ ବି ନାହିଁ ।

(ଗ) ସନ୍ଧ୍ୟାବେଳେ କୃଷକ ତା' ବାସକୁ ଫେରିଲା ।

**ଏଠାରେ ବାସ ଶବ୍ଦଟି ଭିନ୍ନଭିନ୍ନ ଅର୍ଥରେ ବ୍ୟବହୃତ ହୋଇଛି । କେଉଁ ବାକ୍ୟରେ କେଉଁ ଅର୍ଥ ବୁଝାଉଛି ପାଖ ଘରେ ଲେଖିବା ।**

**୮. ଜଣେ ଲୋକ ଗଛଟିଏ ହାଣିବାକୁ ଯାଉଛି । ତାକୁ କ'ଣ କହି ଗଛ ନ ହାଣିବା ପାଇଁ ବୁଝାଇବା ଆସ ଲେଖିବା ।**

.......................................................................................

.......................................................................................

**୯. ଅକ୍ଷରଗୁଡ଼ିକ ସଜାଡ଼ି ଠିକ୍ ଶବ୍ଦ ଲେଖିବା ।**

କାରିଠୁଆ, କ୍ଷିକାମ, କୋଳକି, ପିହମତା, ପ୍ରତଭା

### ତୁମ ପାଇଁ କାମ

- ଗଛ, ଜଙ୍ଗଲ, ବିଷୟରେ ବିଭିନ୍ନ ପତ୍ରପତ୍ରିକାରୁ ଗପ କବିତା ସଂଗ୍ରହ କର ଓ ପଢ଼ ।
- ଗଛ ବିଷୟରେ ଗୋଟିଏ କବିତା ଲେଖି ଶିକ୍ଷକଙ୍କୁ ଦେଖାଅ ।
- ସାଙ୍ଗମାନେ ଏକାଠି ମିଶି ବିଦ୍ୟାଳୟ ବଗିଚାରେ ଗଛଟିଏ ଲଗାଅ ।

# ସେମାନେ ଆମ ଭାଇଭଉଣୀ

**ଡ. ପ୍ରତିଭା ରାୟ**

କୁଞ୍ଜୁକୁଞ୍ଜିଆ କେତେ ଯେ ପାହାଡ଼ ହାତ ଧରାଧରି ହୋଇ, କାନ୍ଧକୁକାନ୍ଧ ମିଳାଇ ସେମିତି ଠିଆ ହୋଇଛନ୍ତି କେଜାଣି କେତେ କାଳରୁ ! ଆକାଶକୁ ମୁଣ୍ଡଟେକି ପାଚିରୀ ପରି ଠିଆ ହୋଇଥିବା ସେଇ ଉଚ୍ଚାଉଚ୍ଚା ପାହାଡ଼ ଗୁଡ଼ିକର ନାଆଁ ହେଉଛି "ବଣ୍ଡା ପାହାଡ଼" । ସେଇ ପାହାଡ଼ ଉପରେ ସମତଳ ଅଞ୍ଚଳଠାରୁ ବହୁତ ଉଚ୍ଚରେ ବାସ କରନ୍ତି ଆମରି ଭଳି କେତେ ମଣିଷ, ଆଉ କେତେ ଜାତିର ପଶୁପକ୍ଷୀ । ପାହାଡ଼ର ଏତେ ଉଚ୍ଚରେ ଘରଦ୍ୱାର କରି ରହୁଥିଲେ ମଧ୍ୟ ସେଇ ଲୋକମାନେ ଆମଠାରୁ ଭିନ୍ନ ନୁହଁନ୍ତି; କିନ୍ତୁ ସେମାନଙ୍କ ଚାଲିଚଳନ, ପୂଜାପରବ, ବାହାବ୍ରତ ଇତ୍ୟାଦି ଭିନ୍ନ ପ୍ରକାରର। ସେମାନେ ନାଚନ୍ତି, ଗାଆନ୍ତି, ଖେଳନ୍ତି, କେତେ ପ୍ରକାରର ପରବ ପାଳନ୍ତି। ସମତଳ ଅଞ୍ଚଳ ଲୋକେ ସେମାନଙ୍କୁ କହନ୍ତି 'ବଣ୍ଡା'। ଆଗେ ସେମାନେ ଦେହରେ ଖୁବ୍ କମ୍ ଲୁଗାପଟା ପିନ୍ଧୁଥିଲେ। ସେଇଥିପାଇଁ ତାଙ୍କ ସାଙ୍ଗରେ ଏ ବଣ୍ଡା ଶବ୍ଦଟି ଯୋଡ଼ାଯାଇଛି । କିନ୍ତୁ ସେମାନେ ନିଜକୁ କହନ୍ତି 'ରେମୋ'। 'ରେମୋ'ର ଅର୍ଥ ମଣିଷ। କେତେ ସୁନ୍ଦର ଭାବେ ନିଜର ପରିଚୟ ସେମାନେ ଦିଅନ୍ତି । ଏବେ ସେମାନେ ଲୁଗା ପିନ୍ଧିବା ଜାଣିଲେଣି। ହେଲେ ଖୁବ୍ କମ୍ ଲୁଗା ପିନ୍ଧନ୍ତି। ସ୍ତ୍ରୀଲୋକମାନେ ବେକରେ କେତେ ପ୍ରକାର ମାଳି ଝୁଲାଇଥା'ନ୍ତି। ସେମାନେ ସମସ୍ତେ ଆମର ଭାଇଭଉଣୀ। ସେମାନେ ବାସକରନ୍ତି ଆମରି ଓଡ଼ିଶା ପ୍ରଦେଶର ମାଲ୍‌କାନ୍‌ଗିରି ଜିଲ୍ଲାର ବଣ୍ଡା ପାହାଡ଼ରେ।



ମାଲ୍‌କାନ୍‌ଗିରି ଆମ ଓଡ଼ିଶାର ଗୋଟିଏ ପାହାଡ଼ିଆ ଜିଲ୍ଲା । ରାଜ୍ୟର ଦକ୍ଷିଣ ସୀମାରେ ଏଇଟି ହେଉଛି ଶେଷ ଜିଲ୍ଲା । ଆଗେ ଏହା ଥିଲା କୋରାପୁଟ ଜିଲ୍ଲାରେ । ଏବେ ଅଲଗା ହୋଇଯାଇଛି ।

ଆଗେ ବଣ୍ଡା ପାହାଡ଼ ଉପରକୁ ଯିବାପାଇଁ ରାସ୍ତା ନ ଥିଲା । ଲୋକମାନେ ପାଦରେ ଚଢ଼ିଚଢ଼ି ଉପରକୁ ଉଠୁଥିଲେ । ଏବେ ପାହାଡ଼ କଟାଯାଇ ରାସ୍ତା ତିଆରି ହେଲାଣି । ଗାଡ଼ି ମଟର ଗଲାଣି । ଜିପ୍‌ରେ ବସି ପାହାଡ଼ ଉପରକୁ ଉଠିବାବେଳେ ମନେହେବ ତୁମେ ଯେମିତି ଉଡ଼ାଜାହାଜରେ ବସିଛ । ତଳକୁ ଚାହିଁଲେ ଆଖି ପାଇବ ନାହିଁ । ଭାବିବ ବଣ୍ଡା ଗାଁ ଗୁଡ଼ାକ କ'ଣ ଆକାଶରେ ଝୁଲୁ ଥାଏ କି ? ତୀଖ ପାହାଡ଼ ଉପରକୁ ଉଠିବା ବାଟରେ ଦୁଇପଟେ ଦେଖିବ ବଡ଼ବଡ଼ ଶାଳ, ପିଆଶାଳ, ଶିଶୁ, ଶାଗୁଆନ, ଅର୍ଜୁନ, ସୁମରି, ଚନ୍ଦନ, କଇଁଆ, ଆମ୍ବ, ପଣସ, କଇଥ, ଏମିତି କେତେ ଜାତିର ଗଛ । ଶିଆଳିଲଟା ଗେହ୍ଲାରେ ଲଟେଇ ଯାଇଥିବ ଏ ଗଛରୁ ସେ ଗଛକୁ । ମଣିଷ ହାତର ପାପୁଲି ଭଳି ଚକାଚକା ପତର ମେଲି ତମକୁ କ'ଣ ଯେମିତି ମାଗୁଥିବ । ସେ ବୋଧେ ମଇତର ବସିବା ପାଇଁ ଚାହୁଁଥିବ । ଗଛ କ'ଣ ଆମର ବନ୍ଧୁ ନୁହେଁ ? ତା' ସାଙ୍ଗରେ ମଇତର ବସିଲେ କ୍ଷତି କ'ଣ ?

ପାହାଡ଼କଟା ରାସ୍ତାରେ ଉପରକୁ ଉଠିବାବେଳେ ଭାରି ଭୟ ଲାଗିବ; କିନ୍ତୁ ସେଇ ବଣ ରାଇଜର ଅପୂର୍ବ ଶୋଭା ଦେଖିଲେ ମନରୁ ଭୟ କେଉଁଆଡ଼େ ଉଭେଇ ଯିବ । ସବା ଉପରେ ପହଞ୍ଚିଲେ ଦେଖିବ ଏଠି ସେଠି ପ୍ରାୟ ୩୦ଟି ବଣ୍ଡା ଗାଁ । ଗାଁ ଗୁଡ଼ିକ ଛୋଟଛୋଟ । ପ୍ରତି ଗାଁରେ ଖୁବ୍ ବେଶୀରେ ପଚିଶି ତିରିଶଟି ଲେଖାଁ ଝାଟିମାଟି କାନ୍ଥର ଘର । ସେଗୁଡ଼ିକ ପିରିଘାସରେ ଛପର ହୋଇଛି ।



ବଣ୍ଡା ଭାଇଭଉଣୀମାନେ ଭାରି ସରଳ ଓ ସ୍ନେହୀ । ସେମାନେ ମିଛ କହନ୍ତି ନାହିଁ । ପର ଜିନିଷରେ ଲୋଭ କରନ୍ତି ନାହିଁ। ଆମେ ତାଙ୍କ ସାଙ୍ଗରେ ମିଶି ପାରିଲେ ସେମାନେ ଡାକନ୍ତି 'ମଇତର। ଚାଲ ବଣ୍ଡା ପାହାଡ଼କୁ ଯିବା। ଆମକୁ ଦେଖି ସେମାନେ ବହୁତ ଖୁସି ହେବେ। ଖାଇବାପାଇଁ ବଣର ଫଳମୂଳ ଆଣି ଥୋଇଦେବେ। ସେଠାକୁ ଥରେ ଗଲେ ମନହେବ ନାହିଁ ଫେରିବାକୁ ।

ଏଇ ଦୂରରୁ କ'ଣ ଡୁଂଡୁଂ ଶବ୍ଦ ଶୁଭୁଛି। ରୁମ୍‌ଝୁମ୍ ବାଜା ବାଜୁଛି। ପୁଣି ଶୁଭୁଛି ଜୁଂ-ଜୁଂ-ଜଂ-ଜଂ ଜୁଜୁଙ୍ଗ୍ ଉଜୁଙ୍ଗ୍। ବଣ୍ଡା ଝିଅମାନେ ନାଚୁଛନ୍ତି। ଖୁସିରେ ଗୀତ ଗାଉଛନ୍ତି । ସେ ଗୀତର ସୁର କେତେ ମଧୁର। କ'ଣ ଗୋଟାଏ ପରବ ଚାଲିଛି ପରା। ବଣ୍ଡା ଗାଁରେ ବିଭିନ୍ନପ୍ରକାର ପର୍ବ ପାଳନ କରାଯାଏ। ସେଗୁଡ଼ିକ ହେଉଛି ଦଶରାପରବ, ଦିଆଲିପରବ, ପୁଷପରବ, ମାଘପରବ, ଚଇତିପରବ ଇତ୍ୟାଦି। ପରବ ଦିନରେ ସେମାନେ ଘରଦ୍ୱାର ଲିପି ସଫାସୁତରା କରନ୍ତି। ଏକାଠି ଭୋଜିଭାତ କରି, ନାଚି ଗାଇ ଖୁବ ମଉଜ କରନ୍ତି।

ବଣ୍ଡା ସ୍ତ୍ରୀଲୋକମାନେ ଖୁବ୍ ପରିଶ୍ରମୀ। ଖୁବ୍ ଭୋର୍‌ରୁ ଉଠି କାମକୁ ବାହାରି ଯାଆନ୍ତି। ସେମାନେ ଗାଇ, ଗୋରୁ, ଛେଳି, କୁକୁଡ଼ା, ଘୁଷୁରି ପାଳନ୍ତି। ଧାନ, ମାଣ୍ଡିଆ, କାଙ୍ଗୁ, ଅଳସୀ ଇତ୍ୟାଦି କେତେ ଜାତିର ଫସଲ ଚାଷ କରନ୍ତି। ସେମାନଙ୍କ ଭିତରେ ଖୁବ୍ ଏକତା ଥାଏ। ଗାଁ, ମଝିରେ ଗୋଟିଏ ବଡ଼ ଗଛତଳେ ପଥରର ଚଉତରାଟିଏ ଥାଏ। ତାଆରି ଉପରେ ବସି ଗାଁ'ର ଭଲ ମନ୍ଦ କଥା ଆଲୋଚନା କରନ୍ତି। ନ୍ୟାୟ, ନିଶାପ ବି ହୁଏ।

ବଣ୍ଡା ଲୋକମାନେ ଠାକୁର ଠାକୁରାଣୀଙ୍କୁ ମାନନ୍ତି। ସେମାନେ ନିଜପାଇଁ କେବେ କିଛି ମାଗନ୍ତି ନାହିଁ। ଯାହା ମାଗନ୍ତି ଗାଁର ସମସ୍ତଙ୍କ ପାଇଁ। ଗାଁ ଠାକୁରାଣୀଙ୍କୁ ପୂଜା କଲାବେଳେ କହନ୍ତି, "ମା, ଆମ ଗାଁରୁ ବାଘ, ଭାଲୁ, ସାପ, ରୋଗ ଦୂରେଇ ଯାଉ। ବାପା, ମାଆ, ପିଲାଛୁଆ ଗାଇଗୋରୁ, କୁକୁଡ଼ା, ଛେଳି, ଘୁଷୁରି ସମସ୍ତେ ଭଲରେ ରହନ୍ତୁ। କେହି କଳିଗୋଳ ନ କରୁ। ସମସ୍ତେ ମିଳିମିଶି ଖୁସିରେ ଥାଆନ୍ତୁ।" ସେମାନେ ଜାଣନ୍ତି, ଜଣକର ସୁଖରେ ସମସ୍ତଙ୍କର ସୁଖ ନୁହେଁ। ସମସ୍ତେ ସୁଖରେ ରହିଲେ ହିଁ ଜଣେ ସୁଖରେ ରହିବ। ଶୁଣିଲେ ଖୁସି ହେବ ଯେ, ସେମାନେ ଏବେ ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କଲେଣି। ସରକାର ମଧ୍ୟ ସେଥିପାଇଁ କେତେ ପ୍ରକାର ବ୍ୟବସ୍ଥା କରିଦେଲେଣି। ଚାଲ ତାଙ୍କ ସହିତ ମଇତର ବସିବା।



## ଶିକ୍ଷକଙ୍କ ପାଇଁ ସୂଚନା

- ପାଠ ଆରମ୍ଭ ପୂର୍ବରୁ ଶିକ୍ଷକ ପ୍ରଥମେ ଓଡ଼ିଶାର ସମତଳଅଞ୍ଚଳ ଓ ପାର୍ବତ୍ୟଅଞ୍ଚଳ ସମ୍ପର୍କରେ ସମ୍ୟକ୍ ଧାରଣା ଦେବେ। ପାଠ ଶେଷରେ ଓଡ଼ିଶାର ଭିନ୍ନଭିନ୍ନ ଆଦିବାସୀ ଜନଜାତିଙ୍କର ନାମ କହିବେ ଏବଂ ସେମାନଙ୍କର ଜୀବନଯାପନ ପ୍ରଣାଳୀ ସମ୍ପର୍କରେ କିଛି ସୂଚନା ଦେବେ।
- ଏହି ବିଷୟଟିକୁ ପଢ଼ାଇ ସାରିବା ପରେ ଆଦିବାସୀମାନଙ୍କର ସରଳତା, ସ୍ୱାଧୀନ ମନୋଭାବ, ସ୍ୱାବଲମ୍ବନଶୀଳତା ସମ୍ପର୍କରେ କହିବେ।
- ଆଜିକାଲି ସରକାର ଆଦିବାସୀମାନଙ୍କର କଲ୍ୟାଣ ନିମିତ୍ତ କି କି କାର୍ଯ୍ୟମାନ କରୁଛନ୍ତି, ସେ ବିଷୟରେ କହିବେ।

## ସୂଚନା

**କାଙ୍ଗୁ :** ଏହା ଗୋଟିଏ ପ୍ରକାର ଶସ୍ୟ। ସୁଜିଭଳି ଏହାର ଦାନାଗୁଡ଼ିକ କ୍ଷୁଦ୍ର କ୍ଷୁଦ୍ର । ଏଥିରେ ପିଠା ଓ କ୍ଷୀରୀ ପ୍ରସ୍ତୁତ କରାଯାଇପାରେ। ଏହାକୁ ଭାତଭଳି ରାନ୍ଧି ଖିଆଯାଏ ।

**ଅଳସୀ :** ଏକ ପ୍ରକାର ତୈଳବୀଜ। ଏହାର ଫୁଲର ରଙ୍ଗ ସୋରିଷଫୁଲ ଭଳି ହଳଦିଆ ।

### ଆସ କେତୋଟି ଶବ୍ଦ ଜାଣିବା

| | | |
|---|---|---|
| କୁଞ୍ଚୁକୁଞ୍ଚିଆ | ତୀଖ | ଝାଟିମାଟି |
| ବାହାବ୍ରତ | ପରବ୍ | ନିଶାପ |
| ଚଉତରା | ଚାଲିଚଳନ | ଅପୂର୍ବ |

## ଅଭ୍ୟାସ

### ୧. ଆସ କଥାବାର୍ତ୍ତା ହେବା

(କ) 'ପାହାଡ଼ଗୁଡ଼ିକ ହାତ ଧରାଧରି ହୋଇ ଛିଡ଼ା ହୋଇଛନ୍ତି।' ଏଠାରେ 'ହାତ ଧରାଧରି' ର ଅର୍ଥ କ'ଣ ?

(ଖ) କେଉଁମାନଙ୍କୁ 'ରେମୋ' ବୋଲି କୁହାଯାଏ ?

(ଗ) ବଣ୍ଡା ଲୋକମାନେ ଓଡ଼ିଶାର କେଉଁ ଜିଲ୍ଲାରେ ବାସକରନ୍ତି ?

(ଘ) ମାଲକାନ୍‌ଗିରି ଜଙ୍ଗଲରେ କେଉଁସବୁ ଗଛ ଦେଖାଯାଏ ?

(ଙ) ବଣ୍ଡା ଲୋକଙ୍କର ଘରଗୁଡ଼ିକ କିପରି ?

(ଚ) ବଣ୍ଡାମାନେ କେଉଁ କେଉଁ ପରବ ପାଳନ୍ତି ?

(ଛ) ଏ ବିଷୟଟି କିଏ ଲେଖିଛନ୍ତି ?

**୨. ବିଷୟଟିକୁ ପଢ଼ି ଉତ୍ତର ଲେଖିବା ।**

(କ) 'ବଣ୍ଡା ପାହାଡ଼'ରେ ପାହାଡ଼ଗୁଡ଼ିକ କିପରି ଛିଡ଼ା ହୋଇଥିବା ଭଳି ଦିଶନ୍ତି ?

..........................................................................................

..........................................................................................

..........................................................................................

(ଖ) ସେମାନଙ୍କୁ ଆମେ ଆମର ଭାଇଭଉଣୀ ବୋଲି କାହିଁକି କହିବା ?

..........................................................................................

..........................................................................................

..........................................................................................

(ଗ) "ସେଠାକୁ ଗଲେ ଆଉ ଫେରିବାକୁ ଇଚ୍ଛା ହେବ ନାହିଁ" କାହିଁକି ?

..........................................................................................

..........................................................................................

..........................................................................................

(ଘ) ବଣ୍ଡା ସ୍ତ୍ରୀଲୋକମାନେ ଖୁବ୍ ପରିଶ୍ରମୀ ବୋଲି କିପରି ଜଣାପଡ଼େ ?

..........................................................................................

..........................................................................................

..........................................................................................

(ଙ) ସେମାନେ ଠାକୁରାଣୀଙ୍କୁ ପୂଜା କଲାବେଳେ କଣ କହିଥାଆନ୍ତି ?

..........................................................................................

..........................................................................................

..........................................................................................

**୩. ସରଳ ଭାଷାରେ ବୁଝାଇ ଲେଖିବା ।**

(କ) ଜଣକର ସୁଖରେ ସମସ୍ତଙ୍କର ସୁଖ ନୁହେଁ।

..........................................................................................

..........................................................................................

..........................................................................................

(ଖ) ମଣିଷ ହାତର ପାପୁଲି ଭଳି ଚକାଚକା ପତର ମେଲି ତୁମକୁ କ'ଣ ଯେମିତି ମାଗୁଥିବ ! ସେ ବୋଧେ ମଇତର୍ ବସିବା ପାଇଁ ଚାହୁଁଥିବ।

..........................................................................................

..........................................................................................

..........................................................................................

୪. 'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭର ସଂପର୍କିତ ଶବ୍ଦକୁ ମିଶାଇ ନୂଆ ଶବ୍ଦ ଗଢ଼ିବା ।

| 'କ' | 'ଖ' |
|---|---|
| କୁଣ୍ଢକୁଣ୍ଢିଆ | ପତର ........................ |
| | ପାହାଡ଼........................ |
| ଅଙ୍କାବଙ୍କା | କଥା ........................ |
| ଚକାଚକା | ଘର........................... |
| ଝାଟିମାଟି | ଘାସ.......................... |
| ଭଲମନ୍ଦ | ରାସ୍ତା.......................... |

୫. ଡାହାଣ ପାଖ ପାତ୍ରଟିରୁ ଶବ୍ଦ ଆଣି ବାଁ ପାଖରେ ଥିବା ଶବ୍ଦ ସହିତ ମିଶାଇ ଯୋଡ଼ି ଶବ୍ଦ ତିଆରି କରିବା ।

ପୂଜା ........................

ଯାନି ........................

ଘର ........................

ବାଟ ........................

ଭୋଜି ........................

ଭାଇ ........................

ଝାଟି ........................




୬. ବଣ୍ଡା ଲୋକଙ୍କ ବିଷୟରେ ତଳେ କେତୋଟି କଥା କୁହାଯାଇଛି । ଠିକ୍ କଥାଟି ପାଖରେ ଠିକ୍ ଚିହ୍ନ ( ✔ ) ଓ ଭୁଲ୍ କଥା ପାଖରେ ଛକି ଚିହ୍ନ ( ✕ ) ଦିଅ ।

(କ) ବଣ୍ଡାମାନେ କୌଣସି ପର୍ବପର୍ବାଣି ପାଳନ କରନ୍ତି ନାହିଁ ।

(ଖ) ବଣ୍ଡାମାନଙ୍କୁ 'ରେମୋ' ବୋଲି କୁହାଯାଏ ।

(ଗ) ବଣ୍ଡା ଭାଇଭଉଣୀମାନେ ଭାରୀ ସରଳ ଓ ସ୍ନେହୀ ।

(ଘ) ବଣ୍ଡା ସ୍ତ୍ରୀଲୋକମାନେ କିଛି କାମ କରନ୍ତି ନାହିଁ ।

(ଙ) ବଣ୍ଡା ଲୋକମାନଙ୍କ ଭିତରେ ଖୁବ୍ ଏକତା ଥାଏ ।

(ଚ) ସେମାନେ କୌଣସି ଠାକୁର ଠାକୁରାଣୀଙ୍କୁ ପୂଜା କରନ୍ତି ନାହିଁ ।

୭. ଆସ ତଳେଥିବା ଶବ୍ଦଗୁଡ଼ିକୁ ଲଗାଇ ବାକ୍ୟ ଗଠନ କରିବା ।

ସୀମା ..............................................

ନିଶାପ ..............................................

ମଉଜ ..............................................

ଏକତା ..............................................

ଅପୂର୍ବ ..............................................

## ୮. ତଳ ଅନୁଚ୍ଛେଦର ବାକ୍ୟଗୁଡ଼ିକ ମଧ୍ୟରେ କେଉଁ ସ୍ଥାନରେ କି ଚିହ୍ନ ଲାଗିବ, ତାହା ଲଗାଇବା । ଠିକ୍ ହେଲା କି ନାହିଁ ବହିରେ ଥିବା ପାଠ ସହିତ ମିଳାଇବା ।

ତୀଖ ପାହାଡ଼ ଉପରକୁ ଉଠିବା ବାଟରେ ଦୁଇପଟେ ଦେଖିବ ବଡ଼ ବଡ଼ ଶାଳ ପିଆଶାଳ ଶିଶୁ ସାଗୁଆନ ଚନ୍ଦନ ଏମିତି କେତେ ଜାତିର ଗଛ ଶିଆଳିଲଟା ଗେହ୍ଲାରେ ଲଟେଇ ଯାଇଥିବ ଏ ଗଛରୁ ସେ ଗଛକୁ ମଣିଷ ହାତରେ ପାପୁଲି ଭଳି ଚକାଚକା ପତର ମେଲି ତମକୁ କଣ ଯେମିତି ମାଗୁଥିବସେ ବୋଧେ ମଇତର ବସିବା ପାଇଁ ଉହୁଁଥିବ ଗଛ କଣ ଆମର ବନ୍ଧୁ ନୁହେଁ, ତା ସାଙ୍ଗରେ ମଇତର ବସିଲେ କ୍ଷତି କଅଣ ।

## ୯. ତଳଲିଖିତ ବାକ୍ୟଗୁଡ଼ିକର ଖାଲି ସ୍ଥାନକୁ ପୂରଣ କରିବା ।

(କ) ମାଲ୍‌କାନ୍‌ଗିରି ଆମ ଓଡ଼ିଶାର .......................................... ।

(ଖ) ଆଗେ ବଣ୍ଡା ପାହାଡ଼ ଉପରକୁ .......................................... ।

(ଗ) ଆମେ ତାଙ୍କ ସାଙ୍ଗରେ ମିଶି ପାରିଲେ ................................ ।

(ଘ) ଗାଁ ମଝିରେ ଗୋଟିଏ ବଡ଼ ଗଛତଳେ ................................ ।

(ଙ) ସମସ୍ତେ ସୁଖରେ ରହିଲେ ହିଁ .......................................... ।

## ୧୦. ବଣ୍ଡା ଭାଇଭଉଣୀମାନଙ୍କର କେଉଁ ଗୁଣଗୁଡ଼ିକ ଆମକୁ ଭଲ ଲାଗିଲା, ତାହା ତଳେ ୫ଟି ବାକ୍ୟରେ ଲେଖିବା ।

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

### ତୁମ ପାଇଁ କାମ

- ତୁମ ଘରେ କି କି ପର୍ବ ପାଳନ କରାଯାଏ ତାର ଏକ ତାଲିକା କର ।
- ଓଡ଼ିଶାର ମାନଚିତ୍ରଟିଏ ସଂଗ୍ରହ କରି ସେଥିରେ କୋରାପୁଟ ଜିଲ୍ଲା ଏବଂ ମାଲ୍‌କାନଗିରି ଜିଲ୍ଲା କେଉଁଠି ଅଛି ତାକୁ ଚିହ୍ନଟ କର ।


# ସାଇତି ରଖିବା, ସଜାଇ ରଖିବା

**ପଦ୍ମଲୋଚନ ପାଲଟାସିଂହ**

ସମୟ ଦଶଟା । ଚନ୍ଦନ ଆସି ଡାକ ପକାଇଲା – "ତୁ ଏପର୍ଯ୍ୟନ୍ତ ବାହାରି ନାହୁଁ । ତୋ'ର ସବୁଦିନ ବିଳମ୍ବ ହେଉଛି ।"

ତନ୍ମୟ ବଡ଼ ବ୍ୟସ୍ତ ହୋଇ ଶାର୍ଟ୍ ଖୋଜୁଥିଲା। ଏତିକିବେଳେ ତା' ବୋଉ ଧଳା ଶାର୍ଟ୍‌ଟିଏ ଧରି ସେଠାରେ ପହଞ୍ଚିଲେ। ପଚାରିଲେ – "ପିଜୁଳି ଗଛ ଡାଳରେ ଯାକୁ କିଏ ରଖିଥିଲା ?"

ତନ୍ମୟ ପ୍ରତିଦିନ କ'ଣ ନା କ'ଣ ହଜାଏ । ତାକୁ ଖୋଜିବାରେ ତା'ର ବହୁ ସମୟ ନଷ୍ଟ ହୁଏ। କେଉଁଦିନ ପ୍ୟାଣ୍ଟଶାର୍ଟ୍ ଆଲ୍‌ମାରି ପଛପଟେ ପଡ଼ିଥାଏ ତ କେଉଁଦିନ ଆଲଣାରୁ ଲୁଗାତଳେ ରହିଯାଇଥାଏ। ବହି, ଖାତା, କଲମ, ପେନ୍‌ସିଲ୍, ରବର, ସ୍କେଲ୍- ଯାହା ଖୋଜ, ଖୋଜିଲାବେଳେ ହଠାତ୍ କିଛି ମିଳେ ନାହିଁ।



ଏଇ ଅସୁବିଧା ବରାବର ଲାଗି ରହିଥାଏ। ଘରୁ ବାହାରିଲା ବେଳକୁ ତନ୍ମୟ ବୋଉ ଉପରେ ରାଗ ତମତମ ହୋଇ ବାହାରେ। ଏଇ କଥା ତା'ର ମାଉସୀ ପୁଅ ଭାଇ ଚନ୍ଦନ ପ୍ରତିଦିନ ଦେଖେ। ହେଲେ ସେ ବ୍ୟସ୍ତ ହୁଏ ନାହିଁ। ତନ୍ମୟ ଠାରୁ ସେ ବୟସରେ ବଡ଼; ସପ୍ତମ ଶ୍ରେଣୀରେ ପଢ଼ୁଛି। ତନ୍ମୟକୁ ସେ ସ୍ନେହ କରେ। ତାକୁ ସାଥିରେ ସ୍କୁଲ୍‌କୁ ଡାକିନେବାର ଦାୟିତ୍ୱ ମାଉସୀ ତାକୁ ଦେଇଛନ୍ତି। ସେଥିରେ ସେ ଆନନ୍ଦିତ। ଘରୁ ବାହାରି ପଡ଼ିଲେ ଦୁହେଁ ଖୁସି ମନରେ ଗପ କରିକରି ସ୍କୁଲ୍‌କୁ ଯାଆନ୍ତି।

ସେଦିନ ସ୍କୁଲ୍ ଯିବା ବାଟରେ ଚନ୍ଦନ କହିଲା – 'ତନ୍ମୟ ! ତୁ ତୋ ଜିନିଷତକ ସାଇତି କରି ରଖୁ ନାହୁଁ କାହିଁକି ? ଜିନିଷ ସଜାଇ ରଖିଲେ ଖୋଜିବାକୁ ପଡ଼େ ନାହିଁ ।''

ତନ୍ମୟ କହିଲା – "ମୁଁ କ'ଣ ସଜାଡ଼ିକରି ରଖୁ ନାହିଁକି ! ଆମ ଟିନୁ ପରା ସବୁ ଘାଣ୍ଟି ପକାଉଛି ।''

ଚନ୍ଦନ ତା'କୁ ବୁଝାଇଲା – "ଯେଉଁମାନେ ନିଜ କାମ ନିଜେ କରନ୍ତି ନାହିଁ, ସେମାନେ ସବୁବେଳେ ଅନ୍ୟକୁ ଦୋଷ ଦିଅନ୍ତି । ଆମ ଶ୍ରେଣୀ ଶିକ୍ଷକ ଦିନେ ଶ୍ରେଣୀରେ ଆମକୁ କହିଲେ- "ଜିନିଷ ସାଇତି ରଖିବା ଗୋଟିଏ କଠିନ କାମ ନୁହେଁ; ଏହା ଗୋଟିଏ ଭାରି ଭଲ ଗୁଣ । ପ୍ରତିଦିନ ଏଥିପ୍ରତି ସାମାନ୍ୟ ଧ୍ୟାନ ଦେଲେ ଏହା ଅଭ୍ୟାସରେ ପଡ଼ିଯାଏ । ଏସବୁ ବୁଝାଇବାକୁ ଯାଇ ଗୁରୁଜୀ ଦିନେ ଆମକୁ କେତୋଟି ସତ ଘଟଣା କହିଥିଲେ ।"

ଥରେ ଜଣେ ଭଦ୍ରଲୋକ ରେଳଗାଡ଼ିରେ ଯାଉଥିଲେ । ଟି.ଟି.ଇ. ଆସି ତାଙ୍କୁ ଟିକେଟ୍ ମାଗିଲେ । ଭଦ୍ରଲୋକ ତାଙ୍କ ପକେଟ୍, ଡାଏରୀ, ବ୍ୟାଗ୍ -ସବୁଠା' ଖୋଜିଗଲେ; କିନ୍ତୁ ଟିକେଟ୍ ପାଇଲେ ନାହିଁ । ସେ ଟିକେଟ୍ କରିଛନ୍ତି ବୋଲି ଯେତେ କହିଲେ ମଧ୍ୟ ଟି.ଟି.ଇ. ବିଶ୍ୱାସ କରିବାକୁ ନାରାଜ । ଏଣେ ଯେତିକି ବିଳମ୍ବ ହେଉଥାଏ, ପାଖରେ ବସିଥିବା ଯାତ୍ରୀମାନେ ତାଙ୍କ ଆଡ଼କୁ ସେତିକି ଆଡ଼େଇଆଡ଼େଇ ଅନାଉଥା'ନ୍ତି । ସତେ ଯେପରି ସେ ବାହାନା କରୁଛନ୍ତି । ତାଙ୍କୁ ଅପରାଧୀ ଭଳି ଲାଗିଲା ଏବଂ ବଡ଼ ବାଧିଲା । ସେ ବାଧ୍ୟ ହୋଇ ଆଉ ଥରେ ଟିକେଟ୍ କଲେ । ତା' ସାଙ୍ଗକୁ ଜୋରିମାନା ମଧ୍ୟ ଦେଲେ ।

ସେ ଗାଡ଼ିରୁ ଓହ୍ଲାଇ ଘରକୁ ଆସିଲାବେଳେ ବାଟରେ ବ୍ୟାଗ୍ ଭିତରୁ ଟିକେଟ୍ ଖଣ୍ଡିକୁ ପାଇଲେ । ବ୍ୟାଗ୍ ଭିତରେ ଗୋଟିଏ ପକେଟ୍ ଥିଲା । ସେଥିରେ ଟିକେଟ୍‌ଟିକୁ ରଖୁରଖୁ ତାଙ୍କ ଅଜଣାରେ ତାହା ଖଣ୍ଡିଏ ଭାଙ୍ଗ ଭିତରେ ରହି ଯାଇଥିଲା । ସାମାନ୍ୟ ଅଯତ୍ନରୁ ତାଙ୍କୁ ଅପମାନ ଓ ଧନହାନୀ ଉଭୟ ସହିବାକୁ ପଡ଼ିଲା ।

ଯେଉଁ ଜିନିଷଟି ଯେଉଁ ଜାଗାରେ ରହିବା କଥା, ତାକୁ ଠିକ୍ ସେଇ ଜାଗାରେ ରଖିଲେ ଘରଟି ସଫାସୁତର ରହେ, ସ୍ଥାନଟି ସୁନ୍ଦର ଦିଶେ । ଏଭଳି କେତେକ ଜିନିଷ ଅଛି ଯେଉଁଗୁଡ଼ିକ ଯତ୍ନର ସହିତ ସାଇତି ରଖିଲେ, ଭବିଷ୍ୟତରେ ସେଗୁଡ଼ିକ ମୂଲ୍ୟବାନ ସଂଗ୍ରହ ରୂପେ ବିବେଚିତ ହୋଇଥାଏ । ଡାକଟିକେଟ୍, ପୁରୁଣା



ମୁଦ୍ରା, ଶଙ୍ଖ ଓ କଉଡ଼ି ଭଳି ସାମୁଦ୍ରିକ ପଦାର୍ଥ, ପକ୍ଷୀମାନଙ୍କର ପର, ବିଭିନ୍ନପ୍ରକାର ଦୁର୍ଲଭ ପଥର ସଂଗ୍ରହ କଲେ ସେଥିରୁ ଅନେକ କଥା ଜାଣିହୁଏ। ଗୁରୁଜୀ କହୁଥିଲେ ଆମ ରାଜ୍ୟର ଭୁବନେଶ୍ୱରରେ ଗୋଟିଏ ମ୍ୟୁଜିୟମ୍ ବା ସଂଗ୍ରହାଳୟ ଅଛି। ସେଠାରେ ବହୁ ପ୍ରକାର ଜିନିଷ ସଂଗ୍ରହ କରି ସାଇତି ରଖାଯାଇଛି । ପ୍ରତିଦିନ ସେଠାକୁ ବହୁ ଲୋକ ବୁଲି ଦେଖିବାକୁ ଯାଉଛନ୍ତି। ମୁଁ ପରା କେତେଜାତିର ଜିନିଷ ସଂଗ୍ରହ କରି ଆମ ଘରେ ଗୋଟିଏ ଛୋଟ ସଂଗ୍ରହାଳୟ ତିଆରି କରିଛି।

ଏ କଥା ଶୁଣି ତନ୍ମୟ ସେସବୁ ଦେଖିବାକୁ ଆଗ୍ରହ ପ୍ରକାଶ କଲା। ଯେତେବେଳେ ଇଚ୍ଛା ଆମ ଘରକୁ ଗଲେ, ସବୁ ଜିନିଷ ଦେଖାଇଦେବି ବୋଲି ଚନ୍ଦନ ଆନନ୍ଦରେ କହିଲା। ସେହିଦିନ ସନ୍ଧ୍ୟାରେ ତନ୍ମୟ ସବୁ କଥା ତା ବୋଉଙ୍କୁ ଜଣାଇଲା।

ତା' ପରଦିନ ଛୁଟି ଥିଲା। ତନ୍ମୟ ଚନ୍ଦନ ଘରକୁ ବୋଉଙ୍କ ସାଥିରେ ଗଲା । ଗୋଟିଏ ପିଲା ପାଠ ପଢ଼ିବା ସଙ୍ଗେସଙ୍ଗେ ଏତେ ଜିନିଷ ସଂଗ୍ରହ କରିପାରିଛି ଏବଂ ଏତେ ସୁନ୍ଦର ଭାବରେ ସଜାଇ ରଖିଛି ଦେଖି ସେମାନେ ଖୁସି ହୋଇଗଲେ।

ଚନ୍ଦନ ନାନା ପ୍ରକାରର ପଥର, ପଶୁପକ୍ଷୀଙ୍କର ଚିତ୍ର, ପକ୍ଷୀଙ୍କର ପର, ଡାକଟିକେଟ୍, ମୁଦ୍ରା ଇତ୍ୟାଦି ସଂଗ୍ରହ କରିଥିଲା। ସେ ପତ୍ରପତ୍ରିକାରୁ କେତେ ଲେଖା କାଟିକରି ରଖିଛି। ତା'ର ଗୋଟିଏ ଫଟୋ ଆଲ୍‌ବମ୍ ମଧ୍ୟ ଅଛି। ବିଭିନ୍ନ ଚିତ୍ର, ଜିନିଷ ଏବଂ ପରିଷ୍କାରପରିଚ୍ଛନ୍ନ ସାଜସଜ୍ଜା ଦେଖି ତନ୍ମୟକୁ ଭାରି ଭଲ ଲାଗିଲା । ସେ ସେଠାରେ ଅନେକ ପ୍ରକାରର କଣ୍ଢେଇ ବି ଦେଖିଲା । ସେ ପୁଣି ଦେଖିଲା ଚନ୍ଦନର ପ୍ୟାଣ୍ଟଶାର୍ଟ୍ ସୁନ୍ଦର ଭାବରେ ସଜଡ଼ା ହୋଇ ରହିଛି । ତା'ର ସବୁ ବହି ନୂଆପରି ଚିକ୍‌ଚିକ୍ କରୁଛି ।

ମାଉସୀ ଖୁସି ହୋଇ ଚନ୍ଦନକୁ କହି ପକାଇଲେ "ପୁଅ, ତୁ ଘରେ ଗୋଟିଏ ଛୋଟ ସଂଗ୍ରହାଳୟ କରି ଦେଇଛୁ। ତନ୍ମୟ କ'ଣ ଦେଖିବ, ତୋ'ର ସଂଗ୍ରହଗୁଡ଼ିକ ବଡ଼ ମଣିଷ ମଧ୍ୟ ଆସି ଦେଖିବେ । ତନ୍ମୟ ଫଟୋ ଆଲବମ୍ ଓ ଚଢ଼େଇମାନଙ୍କ ଚିତ୍ର ଦେଖିସାରି ଡାକଟିକେଟ୍ ଆଲବମ୍ ଦେଖୁ ଦେଖୁ ବୋଉଙ୍କୁ କହିଲା - "ବୋଉ, ଚିନୁକୁ ଆଣିବା, ସେ ବି ଦେଖିବ । ଏ ସବୁ ଦେଖିଲେ ସେ ଆଉ କିଛି ଫୋପଡ଼ାଫୋପଡ଼ି ଓ ଭଙ୍ଗାରୁଜା କରିବ ନାହିଁ ।"



ବୋଉ କହିଲେ "ତୁ ଏଣିକି ତୋ ଜିନିଷ ସାଇତି ରଖ। ସେ ତାହା ଦେଖି, ବଡ଼ ଭାଇଠୁ ସାନଭାଇମାନେ ଅନେକ କଥା ଶିଖନ୍ତି ।"

ଚନ୍ଦନ କହିଲା - "ନିଜ ଜିନିଷ ସାଇତି ରଖିଲେ ଏବଂ ସଜାଇ ରଖିଲେ ତୁ ବୁଝି ପାରିବୁ, ଏଥିରୁ କେତେ ଆନନ୍ଦ ମିଳେ।"

ସାଇତି ରଖିବାର ଅଭ୍ୟାସ ମଣିଷକୁ ଯତ୍ନଶୀଳ, ଦାୟିତ୍ୱବାନ୍ ଓ ଶୃଙ୍ଖଳିତ କରିଥାଏ । ଜଣେ ଯତ୍ନଶୀଳ ଓ ଦାୟିତ୍ୱବାନ ଲୋକ ଜୀବନରେ କେବେ ହାରିଯାଏ ନାହିଁ ।

## ଶିକ୍ଷକଙ୍କ ପାଇଁ ସୂଚନା

- ✔ କୌଣସି ଜିନିଷକୁ ଯଥାସ୍ଥାନରେ ସଜାଡ଼ି ନ ରଖିଲେ କି ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ, ସେ ବିଷୟରେ ପିଲାମାନଙ୍କର ଯଦି କିଛି ଅନୁଭୂତି ଥାଏ, ସେ କଥା ଶିକ୍ଷକ ପଚାରି ଆଦାୟ କରିବେ।
- ✔ ଶିକ୍ଷକ ପାଠ ବାହାରେ ଏଇଭଳି ଆଉ କେତୋଟି ଅନୁଭୂତିର ଉଦାହରଣ ଦେବେ ।
- ✔ ଭୁବନେଶ୍ୱରରେ ଥିବା ରାଜ୍ୟ ସଂଗ୍ରହାଳୟ ବିଷୟରେ ପିଲାମାନଙ୍କୁ ଧାରଣା ଦେବେ ଓ କେବେ ସୁବିଧା ପାଇଲେ ସେଠାକୁ ବୁଲିଯିବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିବେ।
- ✔ ଶ୍ରେଣୀଗୃହରେ ବା ବାରଣ୍ଡାରେ ଯଦି କିଛି ଅସଜଡ଼ା ଜିନିଷ ଥାଏ, ତେବେ ସେଗୁଡ଼ିକୁ ପିଲାମାନଙ୍କ ସାହାଯ୍ୟରେ ସଜାଡ଼ି ଦେବେ । ସଜଡ଼ା ଯିବା ପରେ ସ୍ଥାନଟି କିଭଳି ସୁନ୍ଦର ଦେଖାଗଲା, ସେ ବିଷୟ ପିଲାଙ୍କ ଅନୁଭବକୁ ଆଣିବେ ।

## ଆସ ଜାଣିବା କେତୋଟି ଶବ୍ଦ

ଆଲଣା, ଟି.ଟି.ଇ, ଡାଏରୀ, ଆଲବମ୍, ବାହାନା, ଦୁର୍ଲ୍ଲଭ, ସଂଗ୍ରହାଳୟ

## ଅଭ୍ୟାସ

### ୧. ଆସ କଥାବାର୍ତ୍ତା ହେବା ।

(କ) ତନ୍ମୟ ବ୍ୟସ୍ତ ହୋଇ କ'ଣ ଖୋଜୁଥିଲା ?

(ଖ) କେଉଁମାନେ ସବୁବେଳେ ଅନ୍ୟକୁ ଦୋଷ ଦିଅନ୍ତି ?

(ଗ) କେଉଁ କାରଣରୁ ଭଦ୍ରଲୋକ ଜୋରିମାନା ଦେଲେ ?

(ଘ) ଚନ୍ଦନ କ'ଣ କ'ଣ ସଂଗ୍ରହ କରି ରଖିଥିଲା ?

(ଙ) ରାଜ୍ୟ ସଂଗ୍ରହାଳୟଟି କେଉଁଠାରେ ଅବସ୍ଥିତ ?

### ୨. ଆସ ଉତ୍ତର ଲେଖିବା ।

(କ) ଜିନିଷ ସବୁକୁ ସଜାଇ ନ ରଖିଲେ ଆମର କି କି ଅସୁବିଧା ହୋଇଥାଏ ?

(ଖ) ଘରୁ ବାହାରିଲାବେଳକୁ ତନ୍ମୟ ରାଗ ତମତମ ହୋଇ ବାହାରେ କାହିଁକି ?

(ଗ) ଦୁର୍ଲ୍ଲଭ ପଦାର୍ଥ ଆମେ କାହିଁକି ସଂଗ୍ରହ କରିବା ?

(ଘ) ଚନ୍ଦନର ଘରେ କ'ଣ ସବୁ ଦେଖି ତନ୍ମୟ ଖୁସି ହୋଇଗଲା ?

(ଙ) କୌଣସି ଜିନିଷକୁ ସାଇତି ରଖିଲେ ଆମର କି ଉପକାର ହୁଏ ?

**୩. ସରଳ ଭାଷାରେ ବୁଝାଇ ଲେଖିବା ।**

ଜଣେ ଯତ୍ନଶୀଳ ଓ ଦାୟିତ୍ୱବାନ ଲୋକ ଜୀବନରେ କେବେ ହାରିଯାଏ ନାହିଁ ।

.....................................................................................

.....................................................................................

.....................................................................................

.....................................................................................

.....................................................................................

**୪. ବିପରୀତ ଅର୍ଥ ବୁଝାଉଥିବା ଶବ୍ଦକୁ ପାଖ ଗାରରେ ଲେଖିବା ।**

ମିଛ .................... ପରିଷ୍କାର ....................

ଯତ୍ନ .................... ଅପକାର ....................

ସୁବିଧା ....................

**୫. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ଆଣି ଖାଲି ଜାଗାରେ ଲେଖିବା ।**

(କ) ଜିନିଷ ସାଇତି ରଖିବା ଗୋଟିଏ.............. କାମ ନୁହେଁ । (ଭଲ, କଠିନ, ଉଚିତ)

(ଖ) ଆମ ରାଜ୍ୟର..............ରେ ଗୋଟିଏ ସଂଗ୍ରହାଳୟ ଅଛି । (କଟକ, ସମ୍ବଲପୁର, ଭୁବନେଶ୍ୱର)

(ଗ) ଯତ୍ନଶୀଳ ଓ ଦାୟିତ୍ୱବାନ ଲୋକ ଜୀବନରେ କେବେ ............. ନାହିଁ।
(ସୁଖୀ ହୁଏ, ବଡ଼ ହୁଏ, ହାରିଯାଏ)

**୬. ଆସ ତଳେ ଥିବା ଅପୂର୍ଣ୍ଣ ବାକ୍ୟଗୁଡ଼ିକୁ ବହିରୁ ଖୋଜି ପୂରଣ କରିବା ।**

(କ) ଜିନିଷ ସାଇତି ରଖିବା ଗୋଟିଏ........................... ।

(ଖ) ସାମାନ୍ୟ ଅଯତ୍ନରୁ ତାଙ୍କୁ................................. ।

(ଗ) ସେ ପତ୍ରପତ୍ରିକାରୁ କେତେ ଲେଖା........................ ।

(ଘ) ମୁଁ ପରା କେତେ ଜାତିର ଜିନିଷ ସଂଗ୍ରହ କରି ଆମ ଘରେ............................... ।

(ଙ) ବଡ଼ଭାଇଠୁ ସାନଭାଇମାନେ................................ ।

**୭. ଆସ ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଢ଼ିବା ।**

ଦୁର୍ଲ୍ଲଭ .....................................................................................

ବାହାନା .....................................................................................

ରାଗ ତମତମ ..............................................................................

ଦାୟିତ୍ୱ .....................................................................................

ଅପରାଧୀ ...................................................................................

୮. ବାକ୍ସ ଭିତରେ ଏହି ପାଠରୁ କିଛି ଶବ୍ଦ ଦିଆଯାଇଛି । ଆସ, ସେଗୁଡ଼ିକୁ ବ୍ୟବହାର କରି ଅନୁଚ୍ଛେଦଟିଏ ଲେଖିବା ।

| | |
|---|---|
| ବିଳମ୍ବ, ଟିକେଟ, ନାରାଜ, ବାଧିଲା, ଡାଏରୀ, ଧନହାନି, ବାହାନା, ଟି.ଟି.ଇ., ମାଗିଲେ, ପକେଟ୍ | ..........<br>..........<br>..........<br>..........<br>.......... |

୯. 'ପଢ଼ିବା' ଗୋଟାଏ କାମକୁ ବୁଝାଉଛି । ଏଇ କାମଟି କରିବାକୁ କାହାକୁ ଆଦେଶ ଦେଲେ କୁହାଯିବ 'ପଢ଼' । ସେହିଭଳି ତଳଲିଖିତ କାର୍ଯ୍ୟଗୁଡ଼ିକ କରିବା ପାଇଁ ଆଦେଶ ଦେଲେ କ'ଣ ହେବ ଲେଖିବା ।

କରିବା ..........

କହିବା ..........

ଶୁଣିବା ..........

ଯିବା ..........

ଡେଇଁବା..........

ଖୋଜିବା ..........

୧୦. 'ସଫାସୁତୁରା' ପରି ଆଉ କେତୋଟି ଯୋଡ଼ା ଶବ୍ଦ ମନରୁ ଭାବି ଲେଖିବା ।

.......... .......... ..........

.......... .......... ..........

.......... .......... ..........

## ତୁମ ପାଇଁ କାମ

- ତୁମେ ଘରେ କି କି ଜିନିଷ ସାଇତି ରଖିଛ, ତାହାର ଏକ ତାଲିକା କର ।
- ତୁମ ଘର ପାଖରେ ଯଦି କୌଣସି ସଂଗ୍ରହାଳୟ ଥାଏ ତେବେ ସେଠାକୁ ଯାଅ ଏବଂ ସେଠାରେ କି କି ଜିନିଷ ସଜାହୋଇ ରହିଛି, ସେସବୁକୁ ଦେଖି ତାହାର ଏକ ତାଲିକା ନିଜ ଟିପାଖାତାରେ ଲେଖି ରଖ ।
- ତୁମେ ଡାକଟିକେଟ, ଦିଆସିଲି ଖୋଳ ସଂଗ୍ରହ କରି ଏକ ଆଲବମ୍ ପ୍ରସ୍ତୁତ କର ।
- ସୁବିଧା ପାଇଲେ ଭୁବନେଶ୍ୱରରେ ଥିବା ରାଜ୍ୟ ସଂଗ୍ରହାଳୟକୁ ଥରେ ବୁଲିଯାଅ ।


# ଭଲ କି କରିନି ମୁହିଁ ?

କୃଷ୍ଣଚନ୍ଦ୍ର କର

ବାଲୁତ ସୂରୁଯ ନ ଉଠୁଣୁ ଆଜ
ହସର ଆଲୁଅ ବୁଣି
ଧଡ଼ପଡ଼ ହୋଇ ଉଠିଲି, ବୋଉ ଲୋ,
ଶୁଆ, ଶାରୀ ଡାକ ଶୁଣି ।

ପିଞ୍ଜରାରୁ କାଢ଼ି ଦେଲି ଯେବେ ଛାଡ଼ି
ଡେଣା ଝାଡ଼ି କେଡ଼େ ସୁଖେ
ଉଡ଼ିଉଡ଼ି ସେ ଯେ ମିଶିଗଲେ କାହିଁ
ଗହନ ବନର ବୁକେ ।

କହ, ବୋଉ ! କହ ତୁହି,
ଉଡ଼ାଇ ଦେଇ ତୋ ପୋଷା ଶୁଆ, ଶାରୀ
ଭଲ କି କରିନି ମୁହିଁ ?







ଟମ ଧୁଡୁଧୁଡୁ ଫୁଙ୍ଗୁଳା ବୁଢ଼ାଟି
ଦେଖିଲି ସଡ଼କ ଦାଢ଼େ,
ଦିହ ଥୁରୁଥୁରୁ ବାଳ ଫୁରୁଫୁରୁ
ମାଘର ବାଘୁଆ ଜାଡ଼େ ।
କାଲୁଆ ବାଆର ହାବୁକା-ମାଡ଼ରୁ
ବରତିବ ବୋଲି ସିଏ,
ଦିହରୁ କାଢ଼ି ମୋ ଲାଲ ଶାଲଟିକି
ଘୋଡ଼ାଇ ଦେଲି ତା ଦେହେ ।
କହ, ବୋଉ ! କହ ତୁହି
ନିସାହା ବୁଢ଼ାକୁ ଶାଲଟିଏ ଦେଇ
ଭଲ କି କରିନି ମୁହିଁ ?

ବଣ ଶୁଆଶାରୀ ବଣେ ଉଡ଼ିଗଲେ
ଆପଣା ଜନମ ଥାନେ,
ସାଥୀମେଳେ ଏବେ ଗାଉଥିବେ ଡାଳେ
ମନ-ଉଲାସିଆ ତାନେ !



ଶାଲ ପାଇ ବୁଢ଼ା ଶୀତହେମାଳରୁ
ଏ ସାଲଟି ଯିବ ତରି,
ତୋ ପଣତ ପରା ଶୀତବାରଣୀ ମୋ
ଶାଲ କି ହେବ ତା ସରି ?





କହ, ବୋଉ ! କହ ତୁହି,
ନିଆଶୀ ମନରେ ସୁଖ ଟିକେ ଦେଇ
ଭଲ କି କରିନି ମୁହିଁ ?



## ଶିକ୍ଷକଙ୍କ ପାଇଁ ସୂଚନା

- ପ୍ରଥମେ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ କିଏ କେଉଁ ଜୀବଜନ୍ତୁ ପାଳିଛନ୍ତି ବୋଲି ପଚାରିବେ ।
- ଜୀବଜନ୍ତୁମାନଙ୍କର ସ୍ୱାଧୀନତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଧାରଣା ଦେବେ ।
- ସ୍ୱାଧୀନ ଭାବରେ ଜୀବନ ଯାପନ କରୁଥିବା ପ୍ରାଣୀମାନଙ୍କୁ ଆବଦ୍ଧ କରି ରଖିଲେ ସେମାନେ କି କଷ୍ଟ ଅନୁଭବ କରନ୍ତି; ସେ ବିଷୟରେ ସଂକ୍ଷେପରେ ଆଲୋଚନା କରିବେ ।
- ଶୁଆଶାରୀ କିମ୍ବା ବଣି ଚଢ଼େଇଙ୍କୁ ପିଞ୍ଜରା ଭିତରେ ରଖି ଖାଇବାକୁ ଦେବା ଏବଂ ସେମାନେ ମନଇଚ୍ଛା ଉଡ଼ିବୁଲି ଖାଦ୍ୟ ସଂଗ୍ରହ କରିବାରେ କି ତଫାତ୍ ଅଛି; ତାହା ପିଲାମାନଙ୍କଠାରୁ ପଚାରି ଆଦାୟ କରିବେ ।
- ପାଠ ଶେଷରେ ବନ୍ୟପ୍ରାଣୀମାନଙ୍କୁ ଆବଦ୍ଧ କରି ରଖିବା ଦୋଷାବହ ବୋଲି ସରକାର କରିଥିବା ଆଇନ ବିଷୟରେ ପିଲାମାନଙ୍କୁ ବୁଝାଇବେ ।
- ମା'ଙ୍କୁ ବୋଉ ମଧ୍ୟ ଡାକନ୍ତି ବୋଲି ଧାରଣା ଦେବେ ।

## ଆସ ଜାଣିବା କେତୋଟି ଶବ୍ଦ

| | | | | | |
|---|---|---|---|---|---|
| ବାଲୁତ | ଆଜ | ଗହନ | ଫୁଙ୍ଗୁଳା | ଦାଢ଼େ | ଜାଡ଼େ |
| କାଲୁଆ ବାଆ | | ହାବୁକା | ନିସାହା | ଶୀତବାରଣୀ | ନିଆଶୀ |

## ଅଭ୍ୟାସ

### ୧. ଆସ କଥାବାର୍ତ୍ତା ହେବା ।

(କ) ପିଲାଟି କାହାର ଡାକରେ ସକାଳୁ ଉଠିପଡ଼ିଲା ?

(ଖ) ଶୁଆଶାରୀ ପିଞ୍ଜରାରୁ ବାହାରି କେଉଁଆଡ଼େ ଚାଲିଗଲେ ?

(ଗ) ପିଲାଟି ସଡ଼କ ଦାଢ଼ରେ କାହାକୁ ଦେଖିଲା ?

(ଘ) ନିଜର ଲାଲ ଶାଲକୁ ନେଇ ପିଲାଟି କ'ଣ କଲା ?

### ୨. ସରଳ ଭାଷାରେ ବୁଝାଇ ଲେଖିବା ।

ତୋ ପଣତ ପରା ଶୀତ-ବାରଣୀ ମୋ ଶାଲ କି ହେବ ତା ସରି ?

....................................................................

....................................................................

....................................................................

....................................................................

....................................................................

୩. ଆସ ଉତ୍ତର ଲେଖିବା

(କ) ଶୁଆଶାରୀ ଦୁହେଁ ଆନନ୍ଦରେ ଉଡ଼ିଗଲେ କାହିଁକି ?

(ଖ) ପିଲାଟି ନିଜର ଶାଲଟିକୁ ବୁଢ଼ାକୁ ଦେଲା କାହିଁକି ?

(ଗ) ବଣ ଶୁଆଶାରୀ ଉଡ଼ିଗଲା ପରେ ସାଥୀ ମେଳରେ କ'ଣ କରୁଥିବେ ?

(ଘ) ଶାଲ୍‌ଟି ପାଇ ବୁଢ଼ାଟିର ଅବସ୍ଥାରେ କି ପରିବର୍ତ୍ତନ ହୋଇଥିବ ?

(ଙ) ପିଲାଟି କେଉଁ ଦୁଇଟି ଭଲ କାମ କରିଥିଲା ?

୪. ବୃତ୍ତ ଭିତରେ କେତେଗୁଡ଼ିଏ ଶବ୍ଦ ଏକାଠି ରଖାଯାଇଛି । କାହା ସହିତ କିଏ ମିଶିବ, ତାକୁ ଏକାଠି ଯୋଡ଼ି ଲେଖିବା ।

ଯେମିତି - ଫୁଙ୍ଗୁଳା ବୁଢ଼ା

.............................................

.............................................

.............................................

.............................................

.............................................

.............................................

ବାଲୁତ, ପୋଷା, ସଡ଼କ, ଫୁଙ୍ଗୁଳା, ବାଘୁଆ, ହାବୁକା, ନିଆଶୀ, ମନ, ଜାଡ଼େ, ମାଡ଼, ସୂରୁଯ, ଗହନ, ବୁଢ଼ା, ଦାଢ଼େ, ଶୁଆଶାରୀ

୫. ଏହି କବିତାରୁ କାମକୁ ବୁଝାଉଥିବା କେତୋଟି ଶବ୍ଦ ଖୋଜି ତଳ କୋଠରୀରେ ଲେଖିବା ଯେପରି ........... ଉଠିଲି, ଉଠିଲ ।

୬. 'ଶୁଣିଲା'ରୁ ଯେପରି 'ଶୁଣି' ହେଉଛି । ସେହିପରି ନିମ୍ନ ଶବ୍ଦଗୁଡ଼ିକର ରୂପ କ'ଣ ହେବ ଲେଖିବା ।

ହେଲା.............. କାଢ଼ିଲା...................

ଦେଲା............. ଉଡ଼ିଲା....................

ଡରିଲା............ ପାଇଲା...................

୭. ଏହି ପାଠରେ "ଧୁଡୁଧୁଡୁ" ପରି ଆଉ କେତୋଟି ଶବ୍ଦ ବ୍ୟବହାର କରାଯାଇଛି । ତାକୁ ବାଛି ତଳ କୋଠରୀରେ ଲେଖିବା ।

୮. 'ହସ'ର ବିପରୀତ ଅର୍ଥବୋଧକ ଶବ୍ଦ 'କାନ୍ଦ' । ସେହିପରି ନିମ୍ନଲିଖିତ ଶବ୍ଦ ଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦକୁ ଲେଖିବା ।

ସୁଖ.................. ଭଲ.....................

ଆପଣା............. ବାଳୁତ..................

୯. 'ସୂରୁଯ'ର ଗଦ୍ୟ ରୂପଟି 'ସୂର୍ଯ୍ୟ' ଅଟେ । ସେହିପରି ନିମ୍ନଲିଖିତ ଶବ୍ଦମାନଙ୍କର ଗଦ୍ୟରୂପକୁ ପାଖ କୋଠରୀରେ ଲେଖିବା ।

ବରତିବ ମରମ

ଜନମ କରମ

୧୦. କବିତାର କିଛି ଅଂଶ ଛାଡ଼ି ଦିଆଯାଇଛି । ଆସ ସେହି ଅଂଶତକ ମନେ ପକାଇ ଲେଖିବା ।

(କ) ............................... ବଣେ ଗଲେ ଉଡ଼ି ।

(ଖ) ପିଞ୍ଜରାରୁ କାଢ଼ି............................ ।

(ଗ) ନିଆଶୀ ମନରେ........................... ଭଲ କି କରିନି ମୁହିଁ ?

୧୧. ଯେଉଁଗୁଡ଼ିକ ଭଲକାମ ତାକୁ ବାଛି ତଳ କୋଠରୀରେ ଲେଖିବା ।

ଖେଳାବୁଲାରେ ସମୟ କଟାଇବା, ନିସାହା ବୁଢ଼ାକୁ ସାହାଯ୍ୟ କରିବା, ପିଞ୍ଜରାରେ ଶୁଆଶାରୀଙ୍କୁ ରଖିବା, ଅନ୍ଧକୁ ବାଟ କଢ଼ାଇବା, ସୂର୍ଯ୍ୟୋଦୟ ପୂର୍ବରୁ ଶେଯରୁ ଉଠିବା ।

## ତୁମ ପାଇଁ କାମ

- ପ୍ରତିଦିନ ତୁମେ ଯେଉଁସବୁ ଭଲକାମ କରୁଛ, ତାହାକୁ ଗୋଟାଏ ଖାତାରେ ଲେଖି ରଖ ।
- ତୁମ ସାଙ୍ଗମାନଙ୍କ ମଧ୍ୟରୁ କେହି ଯଦି କୌଣସି ପକ୍ଷୀକୁ ପଞ୍ଜୁରୀରେ ରଖିଥାନ୍ତି, ତେବେ ସେହି ପକ୍ଷୀକୁ ଛାଡ଼ି ଦେବାକୁ ବୁଝାଅ ।

# ମାଟିଗଲା ବିଗିଡ଼ି

**ଡ. ନରେନ୍ଦ୍ର ପ୍ରସାଦ ଦାସ**

ବାପୁ ଓ ଦୀପୁ ଦୁଇ ଭାଇ । ବାପୁ ବଡ଼, ଦୀପୁ ସାନ । ଦୁହେଁ ଗାଁ ସ୍କୁଲ୍‌ରେ ପାଠ ପଢ଼ନ୍ତି । ସେ ଦୁହେଁ ଥରେ ଛୁଟିରେ ତାଙ୍କ ମଉସାଙ୍କ ଘରକୁ ବୁଲି ଯାଇଥିଲେ । ମଉସାଙ୍କ ଘର ଏକ ନଈକୂଳିଆ ମଫସଲ ଗାଆଁରେ। ମଉସାଙ୍କ ବାପା ଥିଲେ ଜଣେ ପାକଲାବୁଢ଼ା । ବୟସ ପ୍ରାୟ ଅଶୀ ହେବ । ଏତେ ବୟସରେ ବି ସେ ଟାଣ ଅଛନ୍ତି । ଦାନ୍ତ କେତୋଟି ପଡ଼ିଯାଇଥିଲେ ବି ଆଉ ଯେଉଁ କେତୋଟି ଅଛି, ସେଗୁଡ଼ିକ ବେଶ୍ ମଜବୁତ୍ ଅଛି । ଏବେ ବି ସେଥିରେ ସେ ମକା, କାକୁଡ଼ି ଓ ପିଜୁଳି ଚୋବେଇ ଖାଆନ୍ତି। ଚଷମା ନ ଲଗାଇ ବହି, ଖବରକାଗଜ ପଢ଼ିପାରନ୍ତି । ବାପୁ, ଦୀପୁ ତାଙ୍କୁ ଅଜା ବୋଲି ଡାକନ୍ତି ।

ମଉସାଙ୍କ ଘର ପଛପଟେ ଗୋଟିଏ ବଡ଼ ବଗିଚା । ସେଇ ବଗିଚାରେ କେତେ ଜାତିର ଫୁଲଗଛ ଫଳଗଛ ଲଗାଯାଇଛି । ବରଷର ବାରମାସ ସେଠାରେ ନାନା ପ୍ରକାର ପନିପରିବା ମଧ୍ୟ ଚାଷ କରାଯାଏ। ସେଦିନ ସକାଳେ ବାପୁ, ଦୀପୁ ମଉସାଙ୍କ ଘରେ ପହଞ୍ଚିଲା ବେଳକୁ ଦେଖିଲେ ଅଜା ତାଙ୍କ ବଗିଚାରେ କାମ କରୁଛନ୍ତି । ସେ ମାଟି ହାଣୁଛନ୍ତି, ଘାସ ବାଛୁଛନ୍ତି, ଗଛମୂଳେ ପାଣି ଦେଉଛନ୍ତି । ଭାଇ ଦୁହେଁ ଅଜାଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କଲେ । ଅଜା ପିଲା ଦୁଇଟିଙ୍କୁ ଦେଖି ଖୁସି ହୋଇଗଲେ । ମୁହଁରୁ ଝାଳ ପୋଛି ଗୋଟିଏ ଗଛ ଛାଇରେ ଯାଇ ବସି ପଡ଼ିଲେ । ବାପୁ, ଦୀପୁଙ୍କର ଭଲମନ୍ଦ ଖବର ସବୁ ପଚାରିଲେ।

ବାପୁ କହିଲା, "ଅଜା, ଆପଣ ଏ ବୟସରେ ଏତେ ପରିଶ୍ରମ କରୁଛନ୍ତି କାହିଁକି ?"



ଅଜା କହିଲେ, "ମୋତେ ଅଳସୁଆ ହୋଇ ଘରେ ବସି ରହିବାକୁ ଭଲ ଲାଗେ ନାହିଁ । ସକାଳେ ସଞ୍ଜେ ଦୁଇଓଳି ଏମିତି ଘଣ୍ଟାଏ ଲେଖାଏଁ ବଗିଚାରେ କାମ କରେ । ତା ଦ୍ୱାରା ଦେହ ଭଲ ରହେ, ମନ ଫୂର୍ତ୍ତି ଲାଗେ । ତା ଛଡ଼ା କିଛି ଫଳ, ଫସଲ ମଧ୍ୟ ଅମଳ କରିହୁଏ ।''



ଦୀପୁ କହିଲା, "ଅଜା, ଆପଣ ଘରେ ବସି କିଛି କାମ କରୁ ନାହାନ୍ତି । ଏ ଧୂଳି ମାଟିରେ କାହିଁକି ଘାଣ୍ଟି ହେଉଛନ୍ତି ?

ଅଜା କହିଲେ, "କ'ଣ କହିଲୁ ? ଧୂଳିମାଟି ? ଆରେ, ଏ ମାଟି ହେଉଛି ଆମ ମାଆ, ଏ ଧୂଳି ହେଉଛି ଚନ୍ଦନ । ଏ ମାଟି ନ ଥିଲେ ଆମେ କେଉଁଠି ଥାଆନ୍ତେ କହିଲୁ ?" ତା' ପରେ ଅଜା ଗୁଣୁଗୁଣୁ ହୋଇ ପାକୁଆ ପାଟିରେ କ'ଣ ପଦେଗୀତ ଗାଇ କୋଡ଼ି କୋଦାଳ ଧରି ଉଠିଲେ । କହିଲେ, "ପିଲାଏ, ଖରା ଟାଣ ହେଲାଣି । ତୁମକୁ ଭୋକ ଲାଗିବଣି । ଚାଲ, ଘରେ ଖିଆପିଆ ସାରି କଥାବାର୍ତ୍ତା ହେବା ।''

ବାପ୍ପୁ, ଦୀପୁ ସେଦିନ ମଉସାଙ୍କ ଘରେ ରହିଲେ । ମଉସାମାଉସୀ ତାଙ୍କୁ ଖୁବ୍ ସ୍ନେହ ଆଦର କଲେ । ଉପର ଓଳି ଖରା ନଇଁବା ପରେ ଅଜା ପୁଣି ବାହାରିଗଲେ ବଗିଚାକୁ । ବାପ୍ପୁ, ଦୀପୁ ମଧ୍ୟ ଗଲେ । ଅଜାଙ୍କ ସାଙ୍ଗରେ ମିଶି ସେ ଦୁହେଁ କେତେ କାମ କରି ପକାଇଲେ । ବଗିଚା କାମ ତାଙ୍କୁ ଭାରି ଭଲ ଲାଗିଲା ।

ବାପ୍ପୁ କହିଲା, "ଅଜା, ଆପଣଙ୍କ ବାଡ଼ିରେ ତ କେତେ ସୁନ୍ଦରସୁନ୍ଦର ଫୁଲ ସବୁ ଫୁଟିଛି, କେତେ ଜାତିର ପରିବା ବି ଫଳିଛି । ଆପଣ କ'ଣ ବେଶୀ ପରିମାଣରେ ସାର ଦେଉଛନ୍ତି ।''

ଅଜା କହିଲେ, "ବେଶି ସାର ଦେଲେ ଯେ ବେଶୀ ଫସଲ ଅମଳ ହେବ, ସେକଥା ଠିକ୍ ନୁହେଁ । କେତେ ଜମିରେ କେତେ ସାର ଦିଆଯିବ, ତାର ଏକ ହିସାବ ଅଛି । ତା' ଛଡ଼ା ବଜାରରେ ଯେଉଁ କୃତ୍ରିମ ସାର ବା ରାସାୟନିକ ସାର ମିଳୁଛି, ସେଇତ ହେଉଛି ସବୁ ଅନିଷ୍ଟର ମୂଳ ।"

ଦୀପୁ କହିଲା, "ସେ ସାର ଦେଲେ ତ ଅଧିକ ଫସଲ ଅମଳ ହେଉଛି । ତାହା ପୁଣି ଅନିଷ୍ଟ କରୁଛି କେମିତି ?"



ଅଜା କହିଲେ, " ଶୁଣ ପିଲାଏ, ଆମ ଏଇ ନଈକୂଳିଆ ଗାଆଁଟିର ମାଟି ଆଗେ ଖୁବ୍ ଉର୍ବର ଥିଲା । ମଞ୍ଜିଟାଏ କି ଚାରାଟାଏ ପୋତିଦେଲେ ମନକୁ ମନ କାହିଁରେ କ'ଣ ବଢ଼ିଯାଉଥିଲା । କିଛି ବର୍ଷ ତଳେ ଏ ଅଞ୍ଚଳରେ ଗୋଟାଏ ବଡ଼ ଧରଣର ବାତ୍ୟା ହେଲା । ବାତ୍ୟାରେ ଲୋକମାନଙ୍କର ଘରଦ୍ୱାର ଯାହା ତ ଭାଙ୍ଗିଲା, ତା ସହିତ ଅଧାରୁ ଅଧିକ ବଡ଼ବଡ଼ ଗଛସବୁ ଉପୁଡ଼ି ପଡ଼ିଲା । ବାତ୍ୟା ପରେ କ୍ଷେତବାଡ଼ିରେ ପୋକ ଭର୍ତ୍ତି ହୋଇଗଲେ । ପୋକଙ୍କ ଦାଉରୁ ଫସଲ ରକ୍ଷା କରିବା ପାଇଁ ଚାଷୀମାନେ ମନଇଚ୍ଛା ପୋକମରା ବିଷ ପକାଇଲେ ।"

ବାପୁ କହିଲା, "ସେ ତ ପୋକମରା ଔଷଧ, ତାକୁ ଆପଣ ବିଷ ବୋଲି କାହିଁକି କହୁଛନ୍ତି ?'' ଅଜା ଟିକିଏ ହସିଲେ । କହିଲେ, " ସେ ପ୍ରକୃତରେ ଔଷଧ ନୁହେଁ ଖାଣ୍ଟି ବିଷ । କେବଳ ପୋକ କାହିଁକି ସେଥିରେ କାଉ, ଚିଲ, ବଗ ଭଳି ପକ୍ଷୀଙ୍କ ସହିତ ଗୋରୁଗାଈ, ଛେଳି ମେଣ୍ଢା ଏପରିକି ମଣିଷ ମଧ୍ୟ ମରିଯିବେ ।



ତାଙ୍କୁ ଔଷଧ ନ କହି ବିଷ ବୋଲି କହିବା ଠିକ୍ ହେବ ।''

ଅଜା ପୁଣି କହିଲେ, " ଲୋକମାନେ କ୍ଷେତବାଡ଼ିରେ ବିଷ ପକାଇବା ଫଳରେ ଅବଶ୍ୟ ଗଛପତରରୁ ପୋକ ମରିଗଲେ; ହେଲେ ଆଉ ଗୋଟାଏ କ୍ଷତି ହେଲା । ମାଟିରୁ ଜିଆମାନେ ମଧ୍ୟ ମରିଗଲେ ।

ପିଲା ଦୁହେଁ ହଠାତ୍ ବୁଝିପାରିଲେ ନାହିଁ ଯେ ମାଟିରୁ ଜିଆମାନେ ମରିଯିବାରୁ କ୍ଷତି କଅଣ ହେଲା ! ଅଜା କହିଲେ, "ବୁଝିଲ, ଜିଆ ହେଉଛି କୃଷକର ପ୍ରକୃତ ବନ୍ଧୁ । ମାଟି ଭିତରେ ଅସଂଖ୍ୟ ଅଣୁଜୀବ ଅଛନ୍ତି । ସେମାନେ ଏତେ କ୍ଷୁଦ୍ର ଯେ ଖାଲି ଆଖିକୁ ଦେଖାଯାଆନ୍ତି ନାହିଁ । ଜିଆମାନେ ମାଟିକୁ ଖୋଳନ୍ତି, ମାଟିକୁ



ଖାଆନ୍ତି । ଜିଆମାନେ ମାଟିକୁ ଖୋଳିଲେ ତାହା ଫସଫସିଆ ହୋଇଯାଏ । ମାଟିକୁ ଫସଫସିଆ କରିବାରେ ଅଣୁଜୀବମାନେ ସାହାଯ୍ୟ କରନ୍ତି । ତା ଫଳରେ ମାଟି ଉର୍ବର ହୋଇଥାଏ ।

ବାପୁ, ଦୀପୁ ଆଗ୍ରହରେ ଅଜାଙ୍କ କଥା ଶୁଣୁଥିଲେ । ସେମାନେ ପଚାରିଲେ, "ତା ପରେ କଅଣ ହେଲା ?''

ଅଜା କହିଲେ, " ପୋକମରା ବିଷର ପ୍ରୟୋଗ ଫଳରେ ମାଟିରୁ ଜିଆ ମଲେ, ତାଙ୍କ ସହିତ ଉପକାରୀ ଅଣୁଜୀବମାନେ ମଧ୍ୟ ମଲେ । ଫଳରେ ମାଟିର ଜୀବନୀ ଶକ୍ତି ଚାଲିଗଲା । ସେ ଆଉ ଲୋକଙ୍କ

କଥା ଶୁଣିଲା ନାହିଁ । ତା ପରେ ଲୋକମାନେ ମାଟିରେ ଦେଲେ ରାସାୟନିକ ସାର । ଏହା ଦ୍ୱାରା ଫସଲ ସିନା ଭଲ ହେଲା, ମାତ୍ର ମାଟିର ସ୍ୱଭାବଟା ବିଗିଡ଼ିଗଲା । ସାର ଦେଲେ ଫଳିବ, ନ ହେଲେ ନାହିଁ । ତା ସହିତ ପୁଣି ଶାଗପତରଠାରୁ ଆରମ୍ଭ କରି ପନିପରିବା ପର୍ଯ୍ୟନ୍ତ ସବୁଥିରେ ଛିଞ୍ଚାଗଲା ମାରାତ୍ମକ ପୋକମରା ବିଷ । ପ୍ରତିଦିନ ବଜାରରୁ ଆମେ ଯେଉଁ ପନିପରିବା କିଣିକରି ଖାଉଛୁ, ତା ଦେହରେ କେତେ ବିଷ ଲାଗିକରି ରହିଛି ଜାଣିଛ ? ସେ ସବୁ ତ ଆମ ପେଟକୁ ଯାଉଛି । ଆମେ ତ ସବୁଦିନେ ବିଷ ଖାଉଛୁ ।"

ବାପୁ କହିଲା, "ଅଜା, ଆପଣ ରାସାୟନିକ ସାର ଓ ପୋକମରା ବିଷ ବ୍ୟବହାର କରୁନାହାନ୍ତି ?"

ଅଜା ଜୋର ଦେଇ କହିଲେ, "ନା-ନା-ନା । ମୁଁ ଏ ସବୁ କେବେ ବ୍ୟବହାର କରେ ନାହିଁ । ଆମ ପାଖରେ ତ ଢେର ପ୍ରାକୃତିକ ସାର ଅଛି । ପିଡ଼ିଆ, ଗୋବରଖତ, କମ୍ପୋଷ୍ଟ ଖତ ଏସବୁ ହେଉଛି ପ୍ରାକୃତିକ ସାର । ପ୍ରାକୃତିକ ସାର ଦେଲେ ପୋକମରା ବିଷ ପକାଇବା ଦରକାର ହେବ ନାହିଁ । ତା ଫଳରେ ଆମେ ଶୁଦ୍ଧ ଖାଦ୍ୟ ଖାଇବା ।

ଅଜାଙ୍କ ଠାରୁ ଏତେକଥା ଶୁଣିବା ପରେ ବାପୁ ମୁଣ୍ଡରେ ଗୋଟିଏ ପ୍ରଶ୍ନ ଖେଳୁଥିଲା । ବାତ୍ୟାରେ ତ ଗଛ ଉପୁଡ଼ିଲା, ହେଲେ କ୍ଷେତରେ ପୋକ ବଢ଼ିଲେ କାହିଁକି, ଅଜା ତାର ସନ୍ଦେହ ଦୂର କରିବାକୁ ଯାଇ କହିଲେ, "ଗଛରେ ଚଢ଼େଇମାନେ ବସାକରି ରହନ୍ତି । ସେମାନେ ବିଲବାଡ଼ିରୁ ପୋକ ଖାଆନ୍ତି। ବାତ୍ୟାରେ ଗଛ ଉପୁଡ଼ିଯିବାରୁ ସେମାନଙ୍କ ମଧ୍ୟରୁ କେତେକ ମଲେ, ଆଉ କେତେକ ଆଶ୍ରୟହୀନ ହୋଇ ଅନ୍ୟଆଡ଼େ ଉଡ଼ିଗଲେ । ଫଳରେ ପୋକସଂଖ୍ୟା ବଢ଼ିଲା ।''

ଗୋଟିଏ କଥାରୁ ଯେ ଏତେ କଥା ଘଟିଯାଏ, ଏକଥା ଜାଣି ଦୁଇଭାଇ ଚୁପ ରହିଲେ । ଏଥର ଅଜା ଉଠିଲେ । କହିଲେ, "ଚାଲ ପିଲାଏ, ସନ୍ଧ୍ୟା ହୋଇଗଲାଣି ଘରକୁ ଯିବା ।"

## ଶିକ୍ଷକଙ୍କ ପାଇଁ ସୂଚନା

- ବିଷୟଟିକୁ ପଢ଼ାଇବା ମଝିରେ ଶିକ୍ଷକ ଆବଶ୍ୟକସ୍ଥଳେ ପିଲାମାନଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରିବେ ଓ ତାଙ୍କଠାରୁ ଉତ୍ତର ଆଦାୟ କରିବେ। ଯଥା - ସେମାନଙ୍କ ବାଡ଼ିରେ କି କି ପ୍ରକାରର ପନିପରିବା ଚାଷ କରାଯାଉଛି। ସେଥିରେ ସେମାନେ କି କି ପ୍ରକାର ସାର ଦେଉଛନ୍ତି ଓ ଫସଲରେ ପୋକ ଲାଗିଲେ କଣ କରୁଛନ୍ତି।
- ରାସାୟନିକ ସାର ଓ କୀଟନାଶକ ଔଷଧର ଅପକାରିତା ସମ୍ପର୍କରେ ପିଲାଙ୍କୁ ଉତ୍ତମରୂପେ ଧାରଣା ଦେବେ।
- କମ୍ପୋଷ୍ଟ ଖତ ତିଆରି କରିବାର ପ୍ରଣାଳୀ ବୁଝାଇବେ ଓ ଆବଶ୍ୟକ ହେଲେ ବିଦ୍ୟାଳୟ ହତା ମଧ୍ୟରେ ପିଲାମାନଙ୍କ ଦ୍ୱାରା କମ୍ପୋଷ୍ଟ ଖାତଟିଏ ତିଆରି କରାଇବେ।

## ଆସ ଜାଣିବା କେତୋଟି ଶବ୍ଦ

| | | | | | |
|---|---|---|---|---|---|
| ପାକଲାବୁଢ଼ା | ଫୂର୍ତ୍ତି | ଅନିଷ୍ଟ | ଉର୍ବର | ସ୍ୱଭାବ | କୃତ୍ରିମ |
| ଜୀବନୀଶକ୍ତି | ମାରାତ୍ମକ | ପ୍ରାକୃତିକ | କମ୍ପୋଷ୍ଟ | ଆଶ୍ରୟହୀନ | ରାସାୟନିକ |

## ଅଭ୍ୟାସ

### ୧. ଆସ କଥାବାର୍ତ୍ତା ହେବା ।

(କ) ଛୁଟିରେ ବାପୁ ଓ ଦୀପୁ କେଉଁଠିକୁ ଯାଇଥିଲେ ?

(ଖ) ଅଜା ବଗିଚାରେ କେଉଁ କାମ କରୁଥିଲେ ?

(ଗ) ଚାଷୀମାନେ ପୋକଦାଉରୁ ଫସଲକୁ ରକ୍ଷା କରିବାକୁ କ'ଣ କଲେ ?

(ଘ) ଜିଆମାନେ କୃଷକର କି ଉପକାର କରନ୍ତି ?

(ଙ) କେଉଁଗୁଡ଼ିକୁ ଆମେ ପ୍ରାକୃତିକ ସାର ବୋଲି କହିବା ?

### ୨. ଆସ ଉତ୍ତର ଲେଖିବା

(କ) ମଉସାଙ୍କ ବଗିଚାରେ କ'ଣ କ'ଣ ଚାଷ କରାଯାଏ ?

(ଖ) ପରିଶ୍ରମ କରିବା ଦ୍ୱାରା ଅଜାଙ୍କର କି ଉପକାର ହେଉଥିଲା ?

(ଗ) ବାତ୍ୟା ଯୋଗୁଁ ନଈକୂଳିଆ ଗାଁଟିର କି କ୍ଷତି ହେଲା ?

(ଘ) ଜିଆ କିପରି କୃଷକର ବନ୍ଧୁ ?

(ଙ) ମାଟି କିପରି ବିଗିଡ଼ିଗଲା ?

### ୩. ସରଳ ଭାଷାରେ ବୁଝାଇ ଲେଖିବା ।

(କ) ଏ ମାଟି ହେଉଛି ଆମ ମାଆ । ଏ ଧୂଳି ହେଉଛି ଚନ୍ଦନ ।

(ଖ) ସେଇ ତ ହେଉଛି ସବୁ ଅନିଷ୍ଟର ମୂଳ ।

୪. ତଳେ ଦିଆଯାଇଥିବା ଶବ୍ଦକୁ ବାକ୍ୟରେ ବ୍ୟବହାର କରିବା ।

କ୍ଷେତବାଡ଼ି ...................................................

ଧୂଳିମାଟି ...................................................

ସ୍ନେହଆଦର...................................................

ଗଛପତର...................................................

୫. ଯେପରି 'ପ୍ରକୃତି'ରୁ 'ପ୍ରାକୃତିକ' ହୁଏ । ସେହିପରି ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ କ'ଣ ହେବ ?

ସମାଜ ......

ସମୁଦ୍ର ......

ସମ୍ବାଦ .....

ବର୍ଷ ....

୬. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ବିପରୀତ ଅର୍ଥ ବୁଝାଉଥିବା ଶବ୍ଦଗୁଡ଼ିକୁ କୋଠରି ଭିତରେ ଲେଖିବା ।

ସକାଳ ......................................

ବଡ଼ ......................................


ସୁନ୍ଦର ......................................


କୃତ୍ରିମ ......................................

ବିଷ ......................................

୭. ଅଜା ଟିକିଏ ହସିଲେ । କହିଲେ, "ସେ ପ୍ରକୃତରେ ଔଷଧ ନୁହେଁ । ଖାଣ୍ଟି ବିଷ। କେବଳ ପୋକ କାହିଁକି ସେଥିରେ କାଉ, ଚିଲ, ବଗ ଭଳି ପକ୍ଷୀଙ୍କ ସହିତ ଗୋରୁ ଗାଈ, ଛେଳି, ମେଣ୍ଢା ଏପରିକି ମଣିଷ ମଧ୍ୟ ମରିଯିବେ । ତାକୁ ଔଷଧ ନ କହି ବିଷ ବୋଲି କହିବା ଠିକ୍ ହେବ ।"

**ଏହି ଅନୁଚ୍ଛେଦରେ କେତେଗୁଡ଼ିଏ ନାମକୁ ବୁଝାଉଥିବା ପଦ ଓ କାମକୁ ବୁଝାଉଥିବା ପଦ ରହିଛି । ନାମକୁ ବୁଝାଉଥିବା ପଦକୁ ତଳ ବାକ୍ସରେ ଓ କାମକୁ ବୁଝାଉଥିବା ପଦକୁ ଝୁଡ଼ିରେ ରଖିବା ।**





**୮. ନିମ୍ନରେ କେତୋଟି ଶବ୍ଦ ଦିଆଯାଇଛି । ପ୍ରତ୍ୟେକ ଶବ୍ଦ ପୂର୍ବରୁ 'ଅ' ଯୋଗକରି ନୂଆ ଶବ୍ଦଟି ଲେଖିବା ଓ ବାକ୍ୟରେ ବ୍ୟବହାର କରିବା ।**

ଜଣା ..............................................................

ସାଧାରଣ..............................................................

ସୁବିଧା ..............................................................

ଭାବ ..............................................................

**୯. 'ଗୁଣୁଗୁଣୁ' ଶବ୍ଦଟି ଏହି ପାଠରେ ଯେଉଁ ସ୍ଥାନରେ ବ୍ୟବହାର କରା ହୋଇଛି, ସେହି ବାକ୍ୟଟିକୁ ତଳେ ଲେଖିବା ।**

..............................................................

..............................................................

**୧୦. ତଳେ ଦୁଇଟି ବାକ୍ସରେ କେତେଗୁଡ଼ିଏ ଶବ୍ଦ ଦିଆଯାଇଛି । ସେଗୁଡ଼ିକର ଯାହା ସହିତ ଯାହାର ସମ୍ପର୍କ ଅଛି, ଆସ ତାକୁ ବାଛି ତଳେ ଲେଖିବା ।**

ଖବର କୃତ୍ରିମ ସୁନ୍ଦର
ପୋକମରା ପାକୁଆ
ନଈକୂଳିଆ ଶାଗ

ସାର ଔଷଧ ପତର
ଫୁଲ ପାଟି
କାଗଜ ଗାଆଁ

..................... ..................... ................. ..............
..................... ..................... ................. ..................

**୧୧. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ସଜାଇ ବାକ୍ୟରେ ଲେଖିବା ।**

ନାନାପ୍ରକାର ସେଠାରେ ପନିପରିବା ବାରମାସ ଚାଷ କରାଯାଏ ।

.................................................................................

ଦୁଇଟିକୁ ଅଜା ଦେଖି ପିଲା ହୋଇଗଲେ ଖୁସି

.................................................................................

କାହିଁକି ହେଉଛନ୍ତି ଏ ଧୂଳିମାଟିରେ ଘାଣ୍ଟି ?

.................................................................................

**ତୁମ ପାଇଁ କାମ**

- ତୁମ ବାଡ଼ିରେ କେଉଁ କେଉଁ ଫଳଗଛ ଅଛି, ତା'ର ଏକ ତାଲିକା କର ।
- ତୁମ ଚାଷଜମିରେ କେଉଁ କେଉଁ ସାର ପ୍ରୟୋଗ କରାହେଉଛି । ତାର ଏକ ତାଲିକା କର ।


8C4GKB

# କରିଦିଅ ମୋତେ ସାଇଁ

ବଟକୃଷ୍ଣ ସ୍ୱାଇଁ

(୧)

ଏଡ଼େ ଝଙ୍କାଳିଆ ବରଗଛଟିଏ
ନ କରିଲେ ପଛେ ନାହିଁ
ଛୋଟ ହେଲେ ହେଉ ତୁଳସୀ ଗଛଟେ
କରିଦିଅ ମୋତେ ସାଇଁ ।
ମାଟି ଚଉରାରେ ଶୋଭା ପାଉଥାଏ
ଦାଣ୍ଡେ ଅଗଣାରେ ଥାଇ
ଦିଅଁଙ୍କର ପାଶେ ଲାଗିହୁଏ ନିତି
ସୋହାଗ ଆଦର ପାଇ ।






(୨)


ଏଡ଼େ ବଡ଼ ଜୀବ ହାତୀଟିଏ ମୋତେ
ନ କରିଲେ ପଛେ ନାହିଁ
ଛୋଟ ହେଲେ ହେଉ ମହୁମାଛିଟିଏ
କରିଦିଅ ମୋତେ ସାଇଁ ।
ଫୁଲ ପାଶେ ଯାଇ ଗୁଣୁ ଗୁଣୁ ଗାଇ
ଆହରି ଆଣେ ମୁଁ ମଧୁ
ପରହିତ ଲାଗି ବିତରି ତାହାକୁ
ଜଗତକୁ କରେ ବନ୍ଧୁ ।



(୩)


ଏଡ଼େ ମନୋହର ପଳାଶଫୁଲଟେ
ନ କରିଲେ ପଛେ ନାହିଁ
ଛୋଟ ହେଲେ ହେଉ ଗଙ୍ଗ ଶିଉଳିଟେ
କରିଦିଅ ମୋତେ ସାଇଁ ।
ସଞ୍ଜରେ ଫୁଟି ମୁଁ ସକାଳକୁ ଝରେ
ମୁଖେ ଉକୁଟାଇ ହାସ
ହରେ ଜନମନ ମଧୁର ମହକେ
ଚହଟାଇ ଚଉପାଶ ।





|| ୪ ||

ଏଡ଼େ ସୁବିଶାଳ ସାଗର ପଛକେ
ନ କରିଲେ ମୋତେ ନାହିଁ
ଛୋଟ ହେଲେ ହେଉ ଟିକି ଝରଣାଟେ
କରିଦିଅ ମୋତେ ସାଇଁ ।
କୁଳୁକୁଳୁ ଗୀତ ଗାଇ ଦିବାନିଶି
ଡେଇଁ କେତେ ଗିରିବନ
ବିତରି ଶୀତଳ ମଧୁର ଜଳ ମୁଁ
ତୋଷୁଥିବି ଜନମନ ।





|| ୫ ||

ଏଡ଼େ ମନଲୋଭା ପୁନେଇଁ ଜହ୍ନ ମୁଁ
ନ ହେଲେ ପଛକେ ନାହିଁ
ଛୋଟ ହେଲେ ହେଉ ମାଟି ଦୀପଟିଏ
କରିଦିଅ ମୋତେ ସାଇଁ
ଜଳିଜଳି ଯାଉ ସଳିତାଟି ମୋର
ଅନ୍ଧାରେ ଆଲୋକ ଦେଇ
ପରହିତେ ଯିଏ ଜୀବନଟା ଦିଏ
ଜଗତରେ ଧନ୍ୟ ସେଇ ।

## ଶିକ୍ଷକଙ୍କ ପାଇଁ ସୂଚନା

- ★ ପ୍ରଥମେ ଶିକ୍ଷକ ପିଲାମାନଙ୍କୁ ଭବିଷ୍ୟତରେ କିଏ କ'ଣ ହେବାକୁ ଚାହୁଁଛନ୍ତି ପଚାରିବେ ।
- ★ ପିଲାମାନଙ୍କ ଠାରୁ ଉତ୍ତର ଶୁଣିବା ପରେ ତା' ଦ୍ୱାରା ସେମାନେ ଅନ୍ୟର କି ଉପକାର କରିପାରିବେ ବୋଲି ଭାବୁଛନ୍ତି, ତାହା ସେମାନେ କହିବେ ।
- ★ ଏହି କବିତାରେ କବି କଅଣ ଓ କାହିଁକି ହେବାକୁ ଚାହୁଁଛନ୍ତି, ସେ ବିଷୟରେ ଆସ କବିତାଟି ପଢ଼ିବା ବୋଲି ଶିକ୍ଷକ ସୂଚାଇବେ ।
- ★ କ୍ଷୁଦ୍ର ହେଲେ ମଧ୍ୟ ଜଣେ ଅନେକ ବଡ଼ବଡ଼ କାମ କରି ଜଗତର ଉପକାର କରିପାରେ; ଏବଂ ଲୋକମାନେ ତାହାକୁ ମନେ ରଖନ୍ତି ଏକଥା ଶିକ୍ଷକ ଶେଷରେ କହିବେ ।

## ଆସ ଜାଣିବା କେତୋଟି ଶବ୍ଦ

| | | | |
|---|---|---|---|
| ଝଙ୍କାଳିଆ | ମନୋହର | ସୁବିଶାଳ | ତୋଷୁଥିବି |
| ଚଉପାଶ | ମହକାଇ | ବିତରି | ମନଲୋଭା |
| ସୋହାଗ | ଉକୁଟାଇ | ଆହରି | ସଳିତା |

১. ଆସ କଥାବାର୍ତ୍ତା ହେବା ।

(କ) କବି ଝଙ୍କାଳିଆ ବରଗଛ ନ ହୋଇ କେଉଁ ଗଛ ହେବାକୁ ଚାହୁଁଛନ୍ତି ଓ କାହିଁକି ?

(ଖ) ତୁଳସୀ ଗଛର ଆଉ କ'ଣ ଉପକାରିତା ରହିଛି ?

(ଗ) କବି କାହିଁକି ମହୁମାଛିଟିଏ ହେବାକୁ ଚାହିଁଛନ୍ତି ?

(ଘ) ମହୁମାଛିଟିଏ ଆମର କି ଉପକାର କରେ ?

(ଙ) ପଳାଶଫୁଲ ଓ ଗଙ୍ଗଶିଉଳି ଫୁଲ ମଧ୍ୟରେ କ'ଣ ପାର୍ଥକ୍ୟ ରହିଛି ?

(ଚ) କବି ସମୁଦ୍ର ନ ହୋଇ ଝରଣାଟିଏ ହେବାକୁ କାହିଁକି ପସନ୍ଦ କରିଛନ୍ତି ?

୨. ଏହି କବିତାରେ କବି କ'ଣ କ'ଣ ହେବାକୁ ଚାହିଁଛନ୍ତି ଲେଖ ?

.............................................................................................

.............................................................................................

.............................................................................................

.............................................................................................

୩. 'କ' ସ୍ତମ୍ଭରେ ଥିବା କେଉଁ ଶବ୍ଦ ସହିତ 'ଖ' ସ୍ତମ୍ଭରେ ଥିବା କେଉଁ ଶବ୍ଦର ସମ୍ପର୍କ ଅଛି, ତାହା ବାଛି ପାଖ ଘରେ ଲେଖିବା ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଝଙ୍କାଳିଆ | ପଳାଶଫୁଲ |
| ମନୋହର | ପୁନେଇଜହ୍ନ |
| ସୁବିଶାଳ | ସାଗର |
| ମନଲୋଭା | ବରଗଛ |
| | ଚଉରା |

୪. ସରଳ ଭାଷାରେ ବୁଝାଇ ଲେଖିବା ।

ସଞ୍ଜରେ ଫୁଟି ମୁଁ ସକାଳକୁ ଝରେ
ମୁଖେ ଉକୁଟାଇ ହସ
ହରେ ଜନମନ ମଧୁର ମହକେ
ଚହଟାଇ ଚଉପାଶ ।

.............................................................................................

.............................................................................................

.............................................................................................

**୫. 'ନ ଗଲେ ପଛେ', 'ନ ଖାଇଲେ ପଛେ', 'ନ ଦେଲେ ପଛେ', 'ନ ଆସିଲେ ପଛେ', - ଏହି ବାକ୍ୟାଂଶଗୁଡ଼ିକ ବ୍ୟବହାର କରି ଗୋଟିଏ ଗୋଟିଏ ବାକ୍ୟ ରଚନା କରିବା ।**

ଉଦାହରଣ - ମୋତେ ହାତୀଟିଏ ନ କଲେ ପଛେ ନାହିଁ, ଗୋଟିଏ ମହୁମାଛି କରିଦିଅ ।

**୬. ପଦ୍ୟଟିକୁ ପଢ଼ି ଶବ୍ଦଗୁଡ଼ିକର ଅର୍ଥ ଲେଖିବା ।**

ମନୋହର .................... ଗିରିବନ ....................

ମହକାଇ ...................... ସୁବିଶାଳ .................

ଦିବାନିଶି ...................... ମନଲୋଭା ...............

**୭. 'ଗୁଣୁଗୁଣୁ' ପରି ଆଉ ୫ଟି ଯୋଡ଼ା ଶବ୍ଦ ଲେଖିବା ।**

..................... .......................... ..........................

..................... ..........................

**୮. ତଳେ ଦିଆଯାଇଥିବା କଥାଗୁଡ଼ିକରୁ ଯେଉଁଟି ଠିକ୍ ତାହା ପାଖରେ ( ✔ ) ଚିହ୍ନ ଏବଂ ଯେଉଁଟି ଭୁଲ୍ ତା ପାଖରେ ( ✘ ) ଚିହ୍ନ ଦିଅ ।**

କ. ଏଠାରେ କବି ବରଗଛଟିଏ ହେବାକୁ ଚାହୁଁଛନ୍ତି ।

ଖ. ଝରଣାଟିଏ ଶୀତଳ ମଧୁର ଜଳ ଦାନ କରେ ।

ଗ. ଗଙ୍ଗଶିଉଳି ଫୁଲ ସକାଳେ ଫୁଟି ସଞ୍ଜରେ ଝଡ଼ିଯାଏ ।

ଘ. କବି ପଳାଶଫୁଲ ନ ହୋଇ ଗଙ୍ଗଶିଉଳି ଫୁଲ ହେବାକୁ ଚାହୁଁଛନ୍ତି ।

ଙ. ମହୁମାଛି ଜଗତକୁ ବନ୍ଧୁ କରିଥାଏ ।

ଚ. ପଳାଶ ଫୁଲର ଭଲ ବାସ୍ନା ଥାଏ ।

ଛ. ଆମେ ସମସ୍ତେ ପର ପାଇଁ କାମ କରିବା ଉଚିତ ।



୯. ଉପର ଚିତ୍ରଟି ଦେଖି ଚାରି ଧାଡ଼ିର ଏକ କବିତା ଲେଖ ।

______________________________

______________________________

______________________________

______________________________

**ତୁମ ପାଇଁ କାମ**


- ତୁଳସୀ ଗଛର ଉପକାରିତା ବିଷୟରେ ପିତାମାତାଙ୍କୁ ପଚାରି ଲେଖ ।
- ବଟକୃଷ୍ଣ ସ୍ୱାଇଁଙ୍କର ଅନ୍ୟ କବିତା ସଂଗ୍ରହ କରି ପଢ଼ ଓ ସାଙ୍ଗମାନଙ୍କ ସହ ଆଲୋଚନା କର ।

# କୁହୁକୀ ବନ : ଭିତରକନିକା

ଡ. ଶରତ କୁମାର ବିଶ୍ୱାଳ

ଭିତରକନିକା ହେଉଛି ପ୍ରାକୃତିକ ସୌନ୍ଦର୍ଯ୍ୟର ଏକ ଗନ୍ତାଘର। ଏହାର ନଦୀ, ନାଳ, ଲୁଣା ଜଙ୍ଗଲ, ହେନ୍ତାଳ ବଣ, ଘଞ୍ଚ ଅରଣ୍ୟରେ ବାସକରୁଥିବା ନାନାଜାତିର ପଶୁପକ୍ଷୀ ସବୁଗୁଡ଼ିକ ଦେଖିବାକୁ ସୁନ୍ଦର। ଥରେ ଏହି ଅଞ୍ଚଳକୁ ବୁଲିଗଲେ ଗୋଟିଏ ପରୀ ରାଇଜରେ ବିଚରଣ କଲା ଭଳି ମନେହେବ।

ଭିତରକନିକା ଅଞ୍ଚଳଟି ଓଡ଼ିଶାର ପୂର୍ବଉପକୂଳରେ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ରାଜନଗର ଥାନାରେ ଅବସ୍ଥିତ। ବ୍ରାହ୍ମଣୀ, ବୈତରଣୀ ଓ ଧାମରା ନଦୀ ମୁହାଣରେ ଥିବା ଏକ ବିସ୍ତୃତ ଲୁଣା ଜଙ୍ଗଲକୁ ଭିତରକନିକା ବୋଲି କୁହାଯାଏ । ଏହି ଅଞ୍ଚଳଟି ଆଗେ କନିକା ରାଜ୍ୟର ଅନ୍ତର୍ଭୁକ୍ତ ଥିଲା। ଏହାର ପୂର୍ବରେ ବଙ୍ଗୋପସାଗର ଅବସ୍ଥିତ। ଅନ୍ୟ ତିନି ପାଖରେ ବ୍ରାହ୍ମଣୀ, ବୈତରଣୀ ଓ ଧାମରା ନଦୀ ଏବଂ ବ୍ରାହ୍ମଣୀର ଏକ ଶାଖାନଦୀ ଘେରି ରହିଛନ୍ତି। ସମୁଦ୍ର ନିକଟବର୍ତ୍ତୀ ହୋଇଥିବାରୁ ଏହା ଏକ ଲୁଣା ଅଞ୍ଚଳ ଏବଂ ନଦୀନାଳ ଦ୍ୱାରା ଖଣ୍ଡବିଖଣ୍ଡିତ। ଏଠାକୁ ଯିବାକୁ ହେଲେ ରାଜନଗର ଘାଟରୁ ଜଳପଥରେ ଡଙ୍ଗା କିମ୍ବା ମଟର ଲଞ୍ଚ ଯୋଗେ ଯିବାକୁ ହୁଏ। ଚାନ୍ଦବାଲିଠାରୁ ବୈତରଣୀ ନଦୀବାଟେ ମଧ୍ୟ ଯାତାୟାତ ସୁବିଧା ଅଛି। ଏହା ଗୋଟିଏ ଅଭୟାରଣ୍ୟ ହୋଇଥିବାରୁ ଜଙ୍ଗଲ ମଧ୍ୟରେ ପ୍ରବେଶ କରିବା ପୂର୍ବରୁ ସେଠାରେ ଥିବା ବନ ବିଭାଗର ଅଫିସ୍‌ରୁ ଅନୁମତି ପତ୍ର ନେବାକୁ ହୋଇଥାଏ।



ଭିତରକନିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତ୍ୟନ୍ତ ରମଣୀୟ । ମଟର ଲଞ୍ଚ୍‌ରେ ଗଲାବେଳେ ନଦୀ ଏବଂ ନାଳର ଉଭୟ ପାର୍ଶ୍ୱରେ ଦେଖାଯାଏ ଘଞ୍ଚ ଜଙ୍ଗଲ । ସ୍ଥାନେସ୍ଥାନେ ଗଛର ଡାଳଗୁଡ଼ିକ ପାଣି ଉପରକୁ ନଇଁ ଆସିଥିବା ଗଛ ଡାଳରେ ନାନା ଜାତିର ଚଢ଼େଇ ବସି କିଚିରିମିଚିରି ଶବ୍ଦ କରୁଥିବେ । ସେମାନଙ୍କ ମଧୁର କଳରବରେ ବନଭୂମି ମୁଖରିତ ହୋଇଉଠୁଥିବ । କେଉଁଠିକେଉଁଠି ମାଙ୍କଡ଼ମାନେ ହୁଙ୍କାର କରି ଏ ଡାଳରୁ ସେ ଡାଳକୁ ଡେଇଁ ଗଛକୁ ଦୋହଲାଇ ଦେଉଥିବେ । ମାଛରଙ୍କା ଚଢ଼େଇମାନେ ଆକାଶରେ ଘୂରିଘୂରି ପାଣି ଉପରକୁ ଝାମ୍ପ ଦେଉଥିବେ ।

ଭିତରକନିକା ହେଉଛି ନାନା ଜାତିର ପକ୍ଷୀଙ୍କର ଏକ ନିରାପଦ ଆଶ୍ରୟସ୍ଥଳ । ଏଠାରେ ପ୍ରାୟ ୧୭୦ ପ୍ରକାର ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରେ ଖରହଂସ, ଅଙ୍କି, ଟିଆ, କେଶରପାଣ୍ଡିଆ, ରାଜପେଚ଼, ଡାହୁକ, ଛଞ୍ଚାଣ, ଶଙ୍ଖଚିଲ, ମାଟିଆଚିଲ, କୋଇଲି, କପୋତ, ହଳଦିବସନ୍ତ, ବଗ, ଶାଗୁଣା, ଗେଣ୍ଡାଳିଆ ଇତ୍ୟାଦି ପ୍ରଧାନ । ସୁଦୂର ସାଇବେରିଆ, କାସ୍ପିୟାନ ସାଗର ଏବଂ କାଲିଫର୍ଣ୍ଣିଆରୁ କେତେକ ବିଦେଶୀ ପକ୍ଷୀ ମଧ୍ୟ ଏଠାକୁ ଆସିଥାଆନ୍ତି । ସବୁଠାରୁ ଅଧିକ ଆକର୍ଷଣୀୟ ହେଉଛି ବଗଗହଣ । ପ୍ରାୟ ୨୦ ଏକର ପରିମିତ ଅଞ୍ଚଳରେ ହଜାରହଜାର ସଂଖ୍ୟାରେ ବଗ ଏକତ୍ର ବାସକରନ୍ତି ।



ଏହି ଜଙ୍ଗଲରେ ଶିଆଳ, ହେଟାବାଘ, ବାରହା, ସମ୍ବର, ବଣଘୁଷୁରି, କଟାସ, ଗଧିଆ, ଓଧ, ଝିଙ୍କ, ନେଉଳ ଇତ୍ୟାଦି ବହୁ ପ୍ରକାର ଜୀବ ବାସକରନ୍ତି । ସରୀସୃପଙ୍କ ପାଇଁ ଭିତରକନିକା ଜଙ୍ଗଲ ପୃଥିବୀ ପ୍ରସିଦ୍ଧ ଅଟେ । ଏଠାରେ ବିରାଟବିରାଟ ଗୋଧି ଏବଂ ବଡ଼ବଡ଼ ସାପ ବୁଲୁଥିବାର ଦେଖାଯାଏ । ନଦୀର ଉଭୟ ପାର୍ଶ୍ୱରେ ଦଳଦଳ ହୋଇ ହରିଣ ବୁଲୁଥିବାର ଦୃଶ୍ୟ ଅତ୍ୟନ୍ତ ଚମତ୍କାର । ମଟର ଲଞ୍ଚର ଘର୍ଘର ଶବ୍ଦ ଶୁଣିଲେ ସେମାନେ ଡେଇଁଡେଇଁ, ନାଚିନାଚି ଜଙ୍ଗଲ ଭିତରକୁ ପଳାଇ ଯାଆନ୍ତି । ପ୍ରକୃତି କୋଳରେ ସ୍ୱାଧୀନ ଭାବରେ ବିଚରଣ କରୁଥିବା ଏଇ ବନ୍ୟଜୀବମାନଙ୍କର ଏଇ ମନମୁଗ୍ଧକର ଦୃଶ୍ୟ ଚିଡ଼ିଆଖାନାର ତାର ବାଡ଼ ମଧ୍ୟରେ ଦେଖିବାକୁ ମିଳେ ନାହିଁ । ସ୍ୱାଧୀନତାର ଯେ କି ସୁଖ ଓ ଆନନ୍ଦ ତାହା ଏଇ ପ୍ରାଣୀମାନଙ୍କୁ ଦେଖିଲେ ଅନୁଭବ କରିହୁଏ ।

ଭିତରକନିକାରେ ଦିନରେ ଦୁଇଥର ଜୁଆର ଆସେ । ଜୁଆର ସମୟରେ ନଦୀ ନାଳ ଭୟଙ୍କର ଭାବେ ଫୁଲି ଉଠନ୍ତି । ଜୁଆର ଗୁଡ଼ିକ ସମୟରେ ଛୋଟଛୋଟ ରଙ୍ଗିନ୍ କଙ୍କଡ଼ା ବାଲି ଓ କାଦୁଅ ଉପରେ ଦୌଡ଼ୁଥିବାର ଦୃଶ୍ୟ ଖୁବ୍ ସୁନ୍ଦର । ଏହି ଅଞ୍ଚଳରେ ଭେକ୍‌ଟି, ଇଲିଶି, ଖଇଙ୍ଗା, କଣ୍ଟିଆ, ଜଳଙ୍ଗ, ଖୁରାଣ୍ଟି ପ୍ରଭୃତି ବିଭିନ୍ନ ପ୍ରକାର ଲୁଣିମାଛ ଏବଂ ନାନାଜାତିର ଚିଙ୍ଗୁଡ଼ି ଓ କଙ୍କଡ଼ା ପ୍ରଚୁର ପରିମାଣରେ ମିଳନ୍ତି । ମତ୍ସ୍ୟଜୀବୀମାନଙ୍କର ଜୀବିକାର୍ଜନର ଏହା ହେଉଛି ପ୍ରଧାନ ମାଧ୍ୟମ ।

ଜୁଆର ପାଣି ଯୋଗୁଁ ଏଠାକାର ଭୂମି ସବୁବେଳେ ସନ୍ତସନ୍ତିଆ ଥାଏ। ଏଠାରେ ରାଇ, ବଣିଆ, ପିତାମାରି, ସୁନ୍ଦରୀ, ହେନ୍ତାଳ, ଗୁଆଁ, ବନି, କେରୁଆଁ, ସିଙ୍ଗଡ଼ା, ରୁଅ, ପାଣିଆମ୍ବ, ବଣଲେମ୍ବୁ ଇତ୍ୟାଦି ବିଭିନ୍ନ ପ୍ରକାର ଗଛ ଜନ୍ମେ। ହେନ୍ତାଳ ଗଛଗୁଡ଼ିକ ଦେଖିବାକୁ ଛୋଟ ଆକାରର ଖଜୁରୀଗଛ ଭଳି। ଏହି ଗଛର ସରୁସରୁ ଗଣ୍ଡି ଖୁବ୍ ମଜବୁତ। ତାହା ଘର ତିଆରି କାମରେ ବ୍ୟବହୃତ ହୁଏ। ଏହାର ପତ୍ରକୁ ପିଞ୍ଛ କହନ୍ତି। ଏହି ପିଞ୍ଛରେ ଛାଞ୍ଚୁଣି ତିଆରି ହୁଏ ।

ଲୁଣାଗଛଗୁଡ଼ିକର ଚେରସବୁ ମାଟିକୁ ଏପରି ଜାବୁଡ଼ି ଧରି ଥାଆନ୍ତି ଯେ ଜୁଆର ପାଣି ମୃତ୍ତିକା କ୍ଷୟ କରିପାରେ ନାହିଁ। ଏହା ସେ ଅଞ୍ଚଳର ଏକ ପ୍ରାକୃତିକ ପ୍ରାଚୀର ଭଳି କାମ କରେ। ଭୟଙ୍କର ବନ୍ୟା, ବାତ୍ୟା ଓ ସାମୁଦ୍ରିକ ଢେଉ କବଳରୁ ଏହା ଲୋକଙ୍କର ଧନଜୀବନ ରକ୍ଷା କରିଥାଏ। ଏହି ଲୁଣା ଜଙ୍ଗଲରେ ଅନେକ ପ୍ରକାରର ଔଷଧୀୟ ବୃକ୍ଷ ମଧ୍ୟ ଦେଖିବାକୁ ମିଳେ। ଏଠାରୁ ପ୍ରଚୁର ପରିମାଣରେ ମହୁ ସଂଗ୍ରହ କରାଯାଏ।



ଏହି ଅଞ୍ଚଳର ବଉଳାକୁମ୍ଭୀର ଓ ଅଲିଭ୍ ରିଡ଼୍ଲେ କଇଁଛ ଏବେ ସାରା ପୃଥିବୀର ଦୃଷ୍ଟି ଆକର୍ଷଣ କରିଛି। ଡାଙ୍ଗମାଳ ଅଞ୍ଚଳରେ ୧୯୭୫ ମସିହାରୁ ସରକାରଙ୍କ ତରଫରୁ କୁମ୍ଭୀର ଗବେଷଣା କେନ୍ଦ୍ର ଆରମ୍ଭ ହୋଇଛି। କୁମ୍ଭୀରମାନେ କିପରି ସୁରକ୍ଷିତ ରହିବେ ଏବଂ ସେମାନଙ୍କର ବଂଶ ବୃଦ୍ଧି ହେବ, ସେଥିପାଇଁ ଚେଷ୍ଟା କରାଯାଉଛି। ଗୋଟିଏଗୋଟିଏ କୁମ୍ଭୀର ଏଠାରେ ପ୍ରାୟ ଛ' ସାତ ମିଟର ଲମ୍ବ ହୋଇଥାଆନ୍ତି। ସେମାନେ ନଦୀ ନାଳରେ ସ୍ୱାଧୀନ ଭାବରେ ବିଚରଣ କରନ୍ତି। ଡାଙ୍ଗମାଳରେ ବନ ବିଭାଗର ଡାକବଙ୍ଗଳା ଓ ମ୍ୟୁଜିୟମ୍ ଅଛି । ଛୋଟଛୋଟ କେତୋଟି ଜଳାଶୟରେ ଦର୍ଶକମାନଙ୍କ ନିମନ୍ତେ କେତୋଟି କୁମ୍ଭୀରଙ୍କୁ ଯତ୍ନର ସହିତ ରଖାଯାଇଛି। ସବୁଠାରୁ ଆକର୍ଷଣୀୟ ହେଉଛି କୁମ୍ଭୀର ଗୌରୀ। ତା'ଘରି ପାଖରେ ସବୁବେଳେ ଭିଡ଼ ଲାଗି ରହିଥାଏ। ଭିତରକନିକାର ପୂର୍ବ ଦିଗରେ ସମୁଦ୍ର କୂଳରେ ଗହୀରମଥା ବେଳାଭୂମି ଅବସ୍ଥିତ। ପ୍ରତିବର୍ଷ ଶୀତଋତୁରେ ଲକ୍ଷ



ଲକ୍ଷ ସଂଖ୍ୟାରେ ଅଲିଭ୍ ରିଡ୍‌ଲେ କଇଁଛ ଏଠାରେ ଅଣ୍ଡା ଦେବାକୁ ଆସନ୍ତି । ୧୯୭୫ ମସିହାରେ ଭିତରକନିକାକୁ ସରକାରଙ୍କ ତରଫରୁ ଏକ ଅଭୟାରଣ୍ୟ ରୂପେ ଘୋଷଣା କରାଯାଇଛି । ଏଠାରେ କେହି କୌଣସି ଜୀବଜନ୍ତୁଙ୍କୁ ଶିକାର କରିପାରିବେ ନାହିଁ କିମ୍ବା କାଠ କାଟି ପାରିବେ ନାହିଁ ।

ଜଙ୍ଗଲ ମଧ୍ୟରେ ଏକ କାଠ ନିର୍ମିତ ବିରାଟ ମୀନାର ଅଛି । ଦର୍ଶକମାନେ ଏହା ଉପରେ ଚଢ଼ି ଭିତରକନିକାର ବିସ୍ତୃତ ଅଞ୍ଚଳର ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ । ଏହା କେବଳ ଓଡ଼ିଶାର କିମ୍ବା ଭାରତର ନୁହେଁ, ସମଗ୍ର ପୃଥିବୀର ଏକ ଦର୍ଶନୀୟ ସ୍ଥାନ । ପରୀ ରାଇଜ ଭଳି ମନେ ହେଉଥିବା ଏହି କୁହୁକୀବନ ବାସ୍ତବିକ ପ୍ରକୃତିର ଏକ ଅପୂର୍ବ ସୃଷ୍ଟି ।

## ଶିକ୍ଷକଙ୍କ ପାଇଁ ସୂଚନା

- ★ ପ୍ରଥମେ ଶିକ୍ଷକ ଅଭୟାରଣ୍ୟ ସମ୍ପର୍କରେ ସୂଚନା ଦେବେ ।
- ★ ଜୀବଜନ୍ତୁ ଓ ପରିବେଶର ସୁରକ୍ଷା ପାଇଁ ଅଭୟାରଣ୍ୟ କରାଯାଇଛି ବୋଲି କହିବେ ।
- ★ ଭିତରକନିକାର ଅବସ୍ଥିତି ସମ୍ପର୍କରେ ଧାରଣା ଦେବେ ।
- ★ ଶେଷରେ କେଉଁମାନେ ଭିତରକନିକା ଦେଖିଛନ୍ତି ବୋଲି ପଚାରିବେ ଏବଂ ସେ ସ୍ଥାନଟିକୁ ବୁଲିଯିବା ପାଇଁ ଉତ୍ସାହିତ କରିବେ ।
- ★ ଭିତରକନିକା ଭଳି ଓଡ଼ିଶାରେ ଆଉ କେଉଁଠି ଅଭୟାରଣ୍ୟ ଅଛି, ପିଲାମାନଙ୍କୁ ପ୍ରଶ୍ନ ପଚାରିବେ ।
- ★ ପିଲାଙ୍କଠାରୁ ଉତ୍ତର ପାଇବା ପରେ ଶିମିଳିପାଳ, ନନ୍ଦନକାନନ ଏବଂ ସମ୍ବଲପୁର ଜିଲ୍ଲାର ଉଷାକୋଠି ସମ୍ପର୍କରେ ଧାରଣା ଦେବେ ।
- ★ ବନ୍ୟଜନ୍ତୁ ଓ ପଶୁପକ୍ଷୀଙ୍କୁ ଶିକାର କରିବା, ସେମାନଙ୍କୁ କଷ୍ଟ ଦେବା ବା ଆବଦ୍ଧ କରି ରଖିବା ଆଇନ୍ ଦୃଷ୍ଟିରୁ ଅପରାଧ ବୋଲି ପିଲାମାନଙ୍କୁ ସୂଚାଇବେ ।

## ସୂଚନା

ଅଭୟାରଣ୍ୟ : ଜୀବଜନ୍ତୁ ଏବଂ ବୃକ୍ଷଲତା ସୁରକ୍ଷା ନିମିତ୍ତ ରାଜ୍ୟ ସରକାର କେତେକ ଜଙ୍ଗଲକୁ ଅଭୟାରଣ୍ୟ ବୋଲି ଘୋଷଣା କରିଛନ୍ତି । ଏଠାରେ ଶିକାର କରିବା ଓ ଗଛ କାଟିବା ନିଷେଧ କରାଯାଇଥାଏ । ଜୀବଜନ୍ତୁମାନେ ଏହି ଅଭୟାରଣ୍ୟରେ ନିର୍ଭୟରେ ଏବଂ ସ୍ୱାଧୀନ ଭାବରେ ବିଚରଣ କରନ୍ତି ।

କୁହୁକୀବନ : ଯେଉଁ ବଣଟି ଗୋଟିଏ କୁହୁକ ରାଜ୍ୟ ଭଳି ମନେହୁଏ ।

ମତ୍ସ୍ୟଜୀବୀ : ମାଛ ମାରି ଯେଉଁମାନେ ଜୀବିକା ନିର୍ବାହ କରନ୍ତି ।

ମ୍ୟୁଜିୟମ୍ : ଯେଉଁଠାରେ ବହୁ ପୁରୁଣା କାଳର ବିଭିନ୍ନ ପ୍ରକାର ବସ୍ତୁ ସଂଗ୍ରହ କରି ରଖାଯାଇଥାଏ ।

## ଆସ ଜାଣିବା କେତୋଟି ଶବ୍ଦ

| | | | | |
|---|---|---|---|---|
| ଗନ୍ତାଘର | ବିଚରଣ | ରମଣୀୟ | କଳରବ | ନିରାପଦ, |
| ମୁହାଣ | ଘଞ୍ଚ | ସରୀସୃପ | ଜୁଆର | ଜୀବିକାର୍ଜନ, |
| ସନ୍ତସନ୍ତିଆ | ବେଳାଭୂମି | ମୀନାର | ଯାତାୟାତ | ଅପୂର୍ବ |

## ଅଭ୍ୟାସ

**୧. ଆସ ଦୁଇଦଳ ହୋଇ ବସିବା ଓ ତଳଲିଖିତ ପ୍ରଶ୍ନଗୁଡ଼ିକୁ ପଚରାପଚରି ହେବା ।**

(କ) ଭିତରକନିକା କେଉଁ ଜିଲ୍ଲାରେ ଅବସ୍ଥିତ ?

(ଖ) ବଙ୍ଗୋପସାଗର ଭିତରକନିକାର କେଉଁ ଦିଗରେ ଅବସ୍ଥିତ ?

(ଗ) ଭିତରକନିକାର ନଦୀନାଳରେ କି କି ମାଛ ମିଳେ ?

(ଘ) ଭିତରକନିକାରେ କି କି ଗଛ ରହିଛି ?

(ଙ) ଭିତରକନିକା ଅଭୟାରଣ୍ୟରେ କି କି ଜୀବଜନ୍ତୁ ଦେଖାଯାଆନ୍ତି ?

(ଚ) ସରକାର କେବେ ଭିତରକନିକାକୁ ଅଭୟାରଣ୍ୟ ରୂପେ ଘୋଷଣା କଲେ ?

**୨. ଆସ ଉତ୍ତର ଲେଖିବା ।**

(କ) ଭିତରକନିକାକୁ ମଟର ଲଞ୍ଚରେ ଗଲାବେଳେ କେଉଁ ଦୃଶ୍ୟ ଦେଖିବାକୁ ମିଳେ ?

(ଖ) ଭିତରକନିକାକୁ ବିଦେଶୀ ପକ୍ଷୀମାନେ କେଉଁ ଦେଶରୁ ଆସିଥାନ୍ତି ?

(ଗ) ହେନ୍ତାଳଗଛ ଲୋକମାନଙ୍କର କି ଉପକାର କରିଥାଏ ?

(ଘ) ଭିତରକନିକା ଅଞ୍ଚଳରେ ଭୂମି କାହିଁକି ସର୍ବଦା ସନ୍ତସନ୍ତିଆ ରହେ ?

(ଙ) ଭିତରକନିକା ସମଗ୍ର ପୃଥିବୀରେ କେଉଁଥି ପାଇଁ ଖ୍ୟାତି ଅର୍ଜନ କରିଛି ?

(ଚ) ଭିତରକନିକା ଲୁଣା ଜଙ୍ଗଲ କି ଉପକାରରେ ଆସେ ?

**୩. ଆସ ବୁଝିବା ଓ ଏହାକୁ ସରଳ ଭାଷାରେ ଲେଖିବା ?**

ସ୍ୱାଧୀନତାର ଯେ କି ସୁଖ ଓ ଆନନ୍ଦ ତାହା ଏହି ପ୍ରାଣୀମାନଙ୍କୁ ଦେଖିଲେ ଅନୁଭବ କରିହୁଏ ।

## ୪. ଆସ ତଳ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଲେଖିବା ।

ସନ୍ତସନ୍ତିଆ ..............................................

ନିରାପଦ ..............................................

ଗନ୍ତାଘର ..............................................

ରମଣୀୟ ..............................................

କଳରବ ..............................................

## ୫. 'ଜାତି' ଶବ୍ଦରୁ 'ଜାତୀୟ' ହେଲାପରି ତଳେଥିବା ଶବ୍ଦଗୁଡ଼ିକ କ'ଣ ହେବ ତା' ପାଖରେ ଥିବା ଘରେ ଲେଖିବା ।

ଦେଶ [ ]  ଦଳ [ ]  ଜଳ [ ]  ବାଷ୍ପ [ ]

## ୬. ଗୋଟିଏ ଶବ୍ଦରେ ଲେଖିବା : -

(କ) ଯେଉଁମାନେ ଜଳରେ ବିଚରଣ କରନ୍ତି ।

(ଖ) ଯେଉଁମାନେ ସ୍ଥଳରେ ବିଚରଣ କରନ୍ତି ।

(ଗ) ଯେଉଁମାନେ ଉଭୟ ଜଳ ଓ ସ୍ଥଳରେ ବିଚରଣ କରନ୍ତି ।

(ଘ) ଯେଉଁମାନେ ବନରେ ବିଚରଣ କରନ୍ତି ।

## ୭. ଶୂନ୍ୟସ୍ଥାନ ପୂରଣ କରବା : -

| | | |
|---|---|---|
| କ୍ଷୁଦ୍ର | କ୍ଷୁଦ୍ରତର | କ୍ଷୁଦ୍ରତମ |
| ବୃହତ୍ | .......... | ବୃହତ୍ତମ |
| ଦୀର୍ଘ | .......... | .......... |
| ........ | ଉଚ୍ଚତର | ........... |

ମନରୁ ଏହିଭଳି ଆଉ କେତୋଟି ଲେଖିବା

.................... .................... ....................

.................... .................... ....................

୮. ଭିତରକନିକା ଓଡ଼ିଶାର ଏକ ଅଭୟାରଣ୍ୟ ଏଠାରେ ଜୀବଜନ୍ତୁ ନିର୍ଭୟରେ ରହିଥାନ୍ତି ବିଶେଷକରି ଅଲିଭ ରିଡ୍‌ଲେ କଇଁଛ ଜଙ୍ଗଲ ଜୀବଜନ୍ତୁ ଓ ମଣିଷ ମଧ୍ୟରେ ସମ୍ପର୍କ ବହୁ ପୁରାତନ ଜଙ୍ଗଲ ଓ ଜୀବଜନ୍ତୁ ବଞ୍ଚି ନ ରହିଲେ ମଣିଷ ବଞ୍ଚିବା କଷ୍ଟକର ।

ଉପରେ ଦିଆଯାଇଥିବା ଅନୁଚ୍ଛେଦରେ ଉପଯୁକ୍ତ ସ୍ଥାନରେ ପୂର୍ଣ୍ଣଚ୍ଛେଦ ଦେଇ ବାକ୍ୟଗୁଡ଼ିକ ନିମ୍ନ ସ୍ଥାନରେ ଲେଖିବା ।

..........................................................................................

..........................................................................................

..........................................................................................

..........................................................................................

..........................................................................................

୯. ଏହି ଚିତ୍ରକୁ ଆଧାର କରି ଅନୁଚ୍ଛେଦଟିଏ ଲେଖିବା ।



..........................................................................................

..........................................................................................

..........................................................................................

..........................................................................................

୧୦. ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକରେ ଗାର ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ଗୋଟିଏ ଶବ୍ଦରେ କ'ଣ ହେବ, ତାହା ଝୁଡ଼ି ମଧ୍ୟରେ ଦିଆଯାଇଛି । ଝୁଡ଼ି ମଧ୍ୟରୁ ଉପଯୁକ୍ତ ଶବ୍ଦଗୁଡ଼ିକ ଖୋଜି ବାକ୍ୟ ପାଖରେ ଥିବା କୋଠରିରେ ଲେଖିବା ।

ସରୀସୃପ, ନିର୍ଭୟ,
ସାମୁଦ୍ରିକ ବେଳାଭୂମି,
ମୁହାଣ

(କ) ସାପ, କୁମ୍ଭୀର ଇତ୍ୟାଦି ପ୍ରାଣୀମାନେ ଛାତିରେ ଭରା ଦେଇ ଚାଲନ୍ତି ।

(ଖ) ଇଲିଶି ସମୁଦ୍ରରେ ରହୁଥିବା ଗୋଟିଏ ମାଛ ।

(ଗ) ଗହୀର ମଥା ସମୁଦ୍ର ନିକଟବର୍ତ୍ତୀ ବାଲୁକା ଶଯ୍ୟାରେ କଇଁଛମାନେ ଆସି ଅଣ୍ଡା ଦିଅନ୍ତି ।

(ଘ) ଭିତରକନିକା ଜଙ୍ଗଲରେ ପଶୁପକ୍ଷୀମାନେ ବିନା ଭୟରେ ବିଚରଣ କରନ୍ତି ।

## ତୁମ ପାଇଁ କାମ

- ଭିତରକନିକା ଭଳି ଓଡ଼ିଶାର ଅନେକ ଦର୍ଶନୀୟ ସ୍ଥାନ ବିଷୟରେ ଗପ, କବିତା ଲେଖାଯାଇଛି । ସେଗୁଡ଼ିକ ପଢ଼ ଓ ସାଙ୍ଗମାନଙ୍କ ସହ ଆଲୋଚନା କର ।
- ସୁଯୋଗ ମିଳିଲେ ଥରେ ଯାଇ ଭିତରକନିକା ଅଭୟାରଣ୍ୟ ବୁଲିଆସ ।



# ମାଟି

ନନ୍ଦ କିଶୋର ସାମଲ



ଏ ମାଟି ଆମକୁ କି ଅବା ଦେଇନି
ଦେଇଅଛି ଖାଦ୍ୟ ବାସ,
ଛାତିକି ତାହାର ଚିରିଦେଲେ ମିଳେ
ଯୁଗ ଯୁଗ ଇତିହାସ ।

ପିଲାଟି ବେଳରୁ ପାଳିଛି ଆମକୁ
ସୁଖରେ ଆହାର ଦେଇ,
ଗଛରେ ରଖିଛି ଜାତିଜାତି ଫଳ
ଏଠି ସେଠି ସବୁଠେଇଁ ।

କାଠ ତ ଦେଇଛି ଘର କରିବାକୁ
ଛପର ପାଇଁକି ନଡ଼ା,
ପରିବା ଶାଗ ତ ଦେଇଛି ଅଜାଡ଼ି
ଯାହାର ଯେପରି ଲୋଡ଼ା ।

ମୁଗ, ବିରି, ଧାନ, ଗହମ, ମାଣ୍ଡିଆ
କଅଣ ସେ ଦେଇ ନାହିଁ,
ସବୁଜ ସୁନ୍ଦର ରୂପଟିକୁ ତା'ର
କିଏ ବା ଭୁଲିଛି କାହିଁ ?



ଛାତିରେ ତାହାରି କେତେ ଯେ ପାହାଡ଼
ପରବତ ଏଠି ସେଠି,
କେତେ ନିରିମଳ ଝର ଫିଟି ପଡ଼େ
ତାଡ଼ିଦେଲେ ଟିକେ ମାଟି ।

ଖଣି ଓ ଖାଦାନ କେତେ ଯେ କେଜାଣି
ମାଟି ତାଡ଼ି ଦେଲେ ମିଳେ,
ଲୁହା ମାଙ୍ଗାନିଜ୍ ପେଟ୍ରୋଲ୍ କୋଇଲା
ସବୁ ଏଇ ମାଟିତଳେ ।

ଯାହା ଯେତେବେଳେ ଯିଏ ଖୋଜିଥାଏ
ତାହାକୁ ସେ ଯାଚି ଦିଏ
ସେନେହମୟୀ ସେ ମାଟି ମାଆ ପରି
ଆଉ ଜଣେ କାହିଁ କିଏ ?




## ଶିକ୍ଷକଙ୍କ ପାଇଁ ସୂଚନା

★ ଶିକ୍ଷକ ପ୍ରଥମେ ବିଭିନ୍ନ ପ୍ରକାରର ମାଟି ବିଷୟରେ ଧାରଣା ଦେବେ ।
★ ପ୍ରଥମ ପଦଟି ପଢ଼ାଇଲା ବେଳେ ମାଟିତଳୁ କିଭଳି ପ୍ରାଚୀନ ଇତିହାସ ମିଳୁଛି, ସେ ସମ୍ପର୍କରେ ବୁଝାଇବେ । ମହେଞ୍ଜୋଦାରୋ ଓ ହରପ୍ପା, ଶିଶୁପାଳଗଡ଼, ଲଳିତଗିରି, ଉଦୟଗିରି, ବାରବାଟୀ ଦୁର୍ଗର ଉଦାହରଣ ଏ ପ୍ରସଙ୍ଗରେ ଦେବେ ।
★ ପ୍ରସଙ୍ଗକ୍ରମେ ମାଟିର ମହତ୍ତ୍ୱ ଯଥାଯଥ ଭାବରେ ପିଲାମାନଙ୍କୁ ହୃଦୟଙ୍ଗମ କରାଇବେ ।
★ ମାଟି କିପରି ଆମରି ମାଆ ତାହା ଯଥାଯଥ ଭାବରେ ବୁଝାଇବେ ।
★ ମାଟିତଳୁ ମିଳୁଥିବା ବିଭିନ୍ନ ପ୍ରକାରର ଖଣିଜ ପଦାର୍ଥ ସମ୍ପର୍କରେ ସୂଚନା ଦେବେ ।
★ ଓଡ଼ିଶାର କେଉଁଠାରେ ଲୁହାଖଣି ଓ କୋଇଲା ଖଣି ଅଛି, ତାହା ଜଣାଇବେ ।

## ଆସ ଜାଣିବା କେତୋଟି ଶବ୍ଦ

ଆହାର    ଖଣି ଖାଦାନ

## ଅଭ୍ୟାସ

୧. ଆସ ଉତ୍ତର ଖୋଜି ଲେଖିବା ।

(କ) ମାଟିର ଛାତିକି ଚିରିଦେଲେ କଅଣ କଅଣ ମିଳେ ?

(ଖ) ମାଟି ଆମକୁ କ'ଣ କ'ଣ ଦେଇଛି ବୋଲି କବିତାରେ ଅଛି ?

(ଗ) ମାଟିର କେଉଁ ରୂପଟିକୁ ଆମେ ଭୁଲିପାରିବା ନାହିଁ ?

(ଘ) ମାଟିକୁ ମାଆ ବୋଲି କବି କାହିଁକି କହିଛନ୍ତି ?

(ଙ) ମାଟିକୁ ଆମେ ସ୍ନେହମୟୀ ବୋଲି କାହିଁକି କହିବା ?

**୨. ବୃତ୍ତ ମଧ୍ୟରେ କେତେଗୁଡ଼ିଏ ଶବ୍ଦ ଦିଆଯାଇଛି । ଆସ କାହା ସହିତ କିଏ ମିଶିବ ଯୋଡ଼ି ଲେଖିବା ।**

**ଯେମିତି - ଖାଦ୍ୟବାସ ।**

ବାସ ଖାଦ୍ୟ ମାଆ
ନେଉଟିଆ
ଜାତିଜାତି
ସବୁଜ
ସେନେହମୟୀ
ସୁନ୍ଦର
ଝର
ଛପର
ନିରିମଳ
ଫଳ ନଡ଼ା

.................... ....................
.................... ....................
.................... ....................
.................... ....................

**୩. ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକ ପଠିତ କବିତାର କେଉଁ କେଉଁ ଧାଡ଼ିର ଅର୍ଥ ବୁଝାଉଛି, ଆସ ସେ ଧାଡ଼ିଗୁଡ଼ିକୁ ବାଛି ଲେଖିବା ।**

ଛୋଟ ପିଲା ସମୟରୁ ଆମକୁ ଖାଦ୍ୟ ଦେଇ ସେ ପାଳିଛି ।

........................................................................................................

ତା'ର ସବୁଜ ସୁନ୍ଦର ରୂପଟିକୁ କେହି ଭୁଲିପାରିବ ନାହିଁ ।

........................................................................................................

ତା'ର ମାଟିକୁ ଖୋଳିଦେଲେ ଅତି ନିର୍ମଳ ଝର ଝରିପଡ଼େ ।

........................................................................................................

ଯିଏ ଯେତେବେଳେ ଯାହା ଖୋଜେ, ମାଟି ମାଆ ତାକୁ ତାହା ଯାଚି ଦେଇଥାଏ ।

........................................................................................................

୪. କବିତାରେ କବି 'ମାଟି' କୁ ସେନେହମୟୀ ମାଆ କହିଛନ୍ତି । ନିମ୍ନଲିଖିତ ଉକ୍ତି ଗୁଡ଼ିକ ମଧ୍ୟରୁ କେଉଁଟି ତାହା ସୂଚାଉଛି ତାହାର ଡାହଣ ପଟେ (✔) ଚିହ୍ନ ଦେବା ।

(କ) ସେ ଆମକୁ ଖାଦ୍ୟବସ୍ତ୍ର ଯୋଗାଉଛି ।

(ଖ) ତା'ର ଛାତି ଚିରିଦେଲେ ଯୁଗ ଯୁଗର ଇତିହାସ ମିଳେ ।

(ଗ) ଘର କରିବାକୁ ସେ ଆମକୁ କାଠ ଯୋଗାଉଛି ।

(ଘ) ଲୁହା, ମାଙ୍ଗାନିଜ୍, ପେଟ୍ରୋଲ୍, କୋଇଲା ଯୋଗାଉଛି ।

(ଙ) 'ପନିପରିବା' ଶାଗ ଆମେ ତା'ଠାରୁ ପାଉ ।

(ଚ) ପିଲାଟି ବେଳରୁ ଆହାର ଦେଇ ସୁଖରେ ପାଳିଛି ।

୫. କବିତାରେ ଯେଉଁ ଅଂଶଟି ଆମକୁ ଭଲ ଲାଗୁଛି ତାକୁ ଆବୃତ୍ତି କରିବା ଓ କାହିଁକି ଭଲ ଲାଗୁଛି ସେ ବିଷୟରେ ଦୁଇଟି ଧାଡ଼ି ଲେଖିବା ।

..........................................................................................

..........................................................................................

..........................................................................................

୬. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଗଦ୍ୟ ରୂପ ଲେଖିବା ।

ନିରିମଳ ....................

ସେନେହମୟୀ ....................

ପରବତ ....................

୭. ଯାହା ଯେତେବେଳେ ଯିଏ ଖୋଜିଥାଏ

ତାହାକୁ ସେ ଯାଚିଦିଏ ..................

ଏହି ପଦରୁ ଯାହା ବୁଝାପଡୁଛି ନିଜ ଭାଷାରେ ଲେଖିବା ।

.......................................................................................................

.......................................................................................................

.......................................................................................................

.......................................................................................................

.......................................................................................................

୮. କବିତାଟିକୁ ପଢ଼ି ସେଇ ଅନୁସାରେ ଖାଲି ସ୍ଥାନଗୁଡ଼ିକୁ ପୂରଣ କରିବା ।

(କ) ଗଛରେ ରଖିଛି ..............................

ଏଠି ସେଠି ସବୁଠେଇଁ ।

(ଖ) ..................... ଘର କରିବାକୁ

ଛପର ପାଇଁ କି .................... ।

(ଗ) ଲୁହା, ମାଙ୍ଗାନିଜ୍, ପେଟ୍ରୋଲ୍ ..................

ସବୁ ଏଇ ...................... ।


## ତୁମ ପାଇଁ କାମ

- ତୁମ ବଗିଚାରେ ମାଟି ଖୋଳି ଗୋଟିଏ ଫୁଲ ବା ଫଳ ଗଛ ଲଗାଅ ।
- ମାଟି ତଳେ ଫଳୁଥିବା କେତେଗୁଡ଼ିଏ ପରିବାର ନାମ ଲେଖ ।
- ଆମ ଓଡ଼ିଶାରେ ଲୁହାଖଣି ଓ କୋଇଲା ଖଣି ବ୍ୟତୀତ ଆଉ କେଉଁକେଉଁ ଖଣି ରହିଛି ଲେଖ ।

# ପାହାଡ଼ର ଡାକ

ମଙ୍ଗୁଳୁ ଚରଣ ବିଶ୍ୱାଳ

ସଂକ୍ଷିପ୍ତ ପରିଚୟ - ବିର୍ସାମୁଣ୍ଡା - ବାପା ସୁଗନା ମୁଣ୍ଡା - ମାଆ କରମୀ । ଜନ୍ମ - ୧୮୭୫ ମସିହା । ଗୁରୁବାରରେ ଜନ୍ମ ବୋଲି ନାମ ବିର୍ସା, ବିର୍ସାଙ୍କ ଡାକରେ ସାରା ମୁଣ୍ଡାଜାତି ଇଂରେଜ ବିରୋଧରେ ଚେଇଁ ଉଠିଥିଲେ । ଶେଷରେ ମାଝିତାମାରିଆ ନାମକ ଜଣେ ମୁଣ୍ଡା ଜାତିର ଲୋକ ଅର୍ଥ ଓ ଜମି ଲୋଭରେ ବିର୍ସାଙ୍କୁ ଧରେଇ ଦେଇଥିଲେ । ରାଞ୍ଚି ଜେଲରେ ବିର୍ସା ବନ୍ଦୀ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ ଜୁନ୍ ୯ ତାରିଖ ୧୯୦୦ ମସିହାରେ । ଅନେକ କହନ୍ତି ବିର୍ସାଙ୍କର ସହପାଠୀ ଥିବା ଜଣେ ଡାକ୍ତର ବିର୍ସାଙ୍କୁ ବିଷ ଇଞ୍ଜେକ୍ସନ୍ ଦେଇଥିଲେ । ଫଳରେ ବିର୍ସାଙ୍କର ମୃତ୍ୟୁ ହୋଇଥିଲା ।



## ପ୍ରଥମ ଦୃଶ୍ୟ

(କୁଡ଼ିଆଟିଏ । ଆଗରେ ଅଗଣା । ବିର୍ସାଙ୍କର ମାଆ କରମୀ ଚୁଲିରେ ଖୁଦଋଉଳର ଜାଉ ବସାଇଥାଏ । ବିର୍ସା ବଇଁଶୀଟିଏ ଧରି ବଜାଉଥାଏ) ।

ବିର୍ସା - ମାଆ, ବା କହୁଥିଲା ମୁଁ କୁଆଡ଼େ ବଡ଼ ହେଲିଣି ?

କରମୀ - ଆଠବର୍ଷ ହୋଇଗଲେ ସବୁ ମୁଣ୍ଡା ପିଲା ବଡ଼ ହୋଇଯାଆନ୍ତି ରେ !

ବିର୍ସା - କେମିତି ଗୋ ?

କରମୀ - ମୁଣ୍ଡା ପିଲା ଗୋରୁ ଜଗେ । ବଣରୁ ଫଳମୂଳ ଆଣେ । ମହୁଲ ଫୁଲ ଗୋଟାଏ । କୁଟୁମ୍ବ ପୋଷେ । ସଂସାର ଚଳାଏ ।



ବିର୍ସା - ସଂସାର ଚଳାଏ ? ସଂସାରଟା କେମିତି ଗୋ ?

କରମୀ - ଦଦରା ପଣତ ପରିରେ ପୁଅ । ପାଖେ ସିଇଁଲେ ଆଉ ପାଖେ ଚିରିଯାଏ ।
(କରମୀ ପତର ଠୋଲାରେ ଖୁଦଜାଉ ଆଣି ଦେଲା) ।

ବିର୍ସା - ସବୁଦିନ ଏମିତି ଘାଟେ (ଜାଉ) ଦେଉଛୁ ମା, ଭଲ କରି ଲୁଣ ଟିକେ ବି ଦେଉନୁ ।

କରମୀ - ତୋ'ର ବଡ଼ ଭାଇ ଚୁପ୍‌ଚାପ୍ ଖାଇଦିଏ । ତୁ କିଆଁ ଏମିତିଆ ହେଉରେ ?

ବିର୍ସା - ମା' କୋମତା ଭାଇ କହୁଥିଲେ, ସେ କୁଆଡ଼େ ବସ୍ତାଏ ଲୁଣ ଆଣିବ । ଜାଉରେ ମିଶାଇ ଖାଇବା । ସତରେ ମା' ଆଣିବ ?

କରମୀ - ସେ ଆଣୁ ନ ଆଣୁ ତୁ'ତ ଆଣିବୁ (ବିର୍ସା ଜାଉ ଖାଇସାରି ମୁହଁ ଧୋଇଲା) ।

ବିର୍ସା - ମୁଁ ବଣକୁ ଯାଉଛି ମାଆ ଘୂରି ଆସିବି ।

କରମୀ - ବଣକୁ ଯିବୁ ? ଏକଲା ଯିବୁନି ।

ବିର୍ସା - ମୋତେ ଏ ଜଙ୍ଗଲ ଭାରି ଭଲ ଲାଗେ ମା' । ଗଛ ସବୁ ମେଘକୁ ଛୁଇଁବି ଛୁଇଁବି ହେଉଥା'ନ୍ତି ।

କରମୀ - ଏଇ ବଣ ଜଙ୍ଗଲ ତ ଆମର ମା'ରେ । ମୁଣ୍ଡା ଜାତିର ମା' । ହେଲେ ଦିକୁମାନେ ତାକୁ ଉଜାଡ଼ କରି ଦେଲେଣି ।

ବିର୍ସା - ଦିକୁ କିଏ ଗୋ ମା' ?

କରମୀ - ଦିକୁ ଆମ ଭଳି ମଣିଷ । ମଣିଆ, ମହାଜନ, ରଜା, ଜମିଦାର, ସାହୁକାର, ଗୋରା ସାହେବ - ଏ ସଭିଏଁ ତ ଦିକୁ ।

ବିର୍ସା - ଆମ ଗାଁରୁ ଏମାନେ କ'ଣ ଆମକୁ ତଡ଼ିଦେଲେ ମା ?

କରମୀ - ଭଲିହାତୁ ଗାଁ । ଗୋରାମାନେ ଛଡ଼େଇ ନେଲେ ଆମଠୁ ଆମ ଗାଁ ମାଟି । ତୁ ଜନମ ହୋଇ ନ ଥିଲୁ । ତୋ' ବଡ଼ ଭାଇ କୋମତା ତୋ' ଭଳି ହୋଇଥାଏ । ତୋ' ଭଉଣୀ ଦାସନୀ ଆଉ ଚମ୍ପା ବୁଟୁବୁଟୁ ଚାଲୁଥାନ୍ତି । ଆମେ ଏଇ 'ବାମ୍ବା' ପଳେଇ ଆସିଲୁ । ଏଠି ତୋ'ର ଜନ୍ମ । ଗୁରୁବାରରେ ଜନ୍ମ ବୋଲି ତ ତୋ' ନା ଦେଇଛି ବିର୍ସା ।



ବିର୍ସା - ଆମ ଜନମ ମାଟିକୁ ଗୋରା ହାତରୁ ମୁଁ ମୁକୁଳାଇବି ମା' ।

କରମୀ - ତୁ କ'ଣ କହୁଛୁ ? ସତରେ ତୁ ପାରିବୁରେ ଧନ ? ଖାଣ୍ଟି ସୁନାଠୁ ବି ଖାଣ୍ଟି ଆମର ମାଟିରେ।

## ଦ୍ୱିତୀୟ ଦୃଶ୍ୟ

(ଚାଏଁବାସାର ଏକ ମିଶନାରୀ ଅନୁଷ୍ଠାନ। ବିର୍ସା ପାଠ ପଢୁଥାଏ ସେଇଠି। ଅମୂଲ୍ୟ ଆବ୍ରାହମ୍ ଏକ ଅନାଥ ପିଲା। ବିର୍ସାର ସହପାଠୀ)।

ବିର୍ସା - ଏ ଅନ୍ୟାୟ ମୁଁ ସହି ପାରିବିନି ଭାଇ।

ଅମୂଲ୍ୟ - ସବୁ ସହିବାକୁ ହେବ।

ବିର୍ସା - ଆମେ କ'ଣ ମଣିଷ ନୋହୁଁ । ଆମ ବେକରେ ଯୁଆଳି ଦେଇ ଗୋରାମାନେ ହଳ କରିବେ। ଆମକୁ ବଳଦ ଭାବିଲେନା କ'ଣ ?

ଅମୂଲ୍ୟ - ସେମାନେ ତୁମକୁ ତଡ଼ିଦେବେ। ଆଉ ପଢ଼ି ପାରିବନି ।

ବିର୍ସା - ଏମିତି ପଢ଼ିବାଠାରୁ ନ ପଢ଼ିବା ଭଲ ।

ଅମୂଲ୍ୟ - କିନ୍ତୁ ଲେଖାପଢ଼ା ମଣିଷକୁ ବଡ଼ କରିଦିଏ ।

ବିର୍ସା - ଯେଉଁଠି ମଣିଷ ମଣିଷକୁ ଏତେ ଛୋଟ ଭାବେ, ସେଇଠି ଲେଖାପଢ଼ାର କିଛି ମାନେ ଥାଏନା । ସେମାନେ ମୋତେ ତଡ଼ିବା ଆଗରୁ ମୁଁ ଆପେଆପେ ଚାଲିଯିବି ଭାଇ ।

ଅମୂଲ୍ୟ - ବିର୍ସା ସତରେ ତୁମେ ଚାଲିଯିବ !

ବିର୍ସା - ହଁ ଚାଲିଯିବି । ପବିତ୍ର ଶିକ୍ଷାନୁଷ୍ଠାନରେ ଯେତେବେଳେ ଏପରି ଅତ୍ୟାଚାର ଚାଲିଛି, ମୋର କୋଟିକୋଟି ଦେଶଭାଇଙ୍କୁ ଏମାନେ କ'ଣ କରୁ ନଥିବେ କହିଲ ?

ଅମୂଲ୍ୟ - ହେଲେ ଆମେ କ'ଣ ଏମାନଙ୍କ ସାଙ୍ଗରେ ଲଢ଼ିପାରିବା ?

ବିର୍ସା - ନିଶ୍ଚୟ ପାରିବା । ଏ ଦେଶରେ କୋଟିକୋଟି ଲୋକ ମିଳିଯାଇ ଗୋଟିଏ ହୋଇଗଲେ ଏଇ ହାତ ଗଣତା କେଇଜଣ କରିବେ କ'ଣ ? ଆମ ଲୋକଙ୍କ ମନରେ ସାହସ ଦେବାକୁ ହେବ ।

ଅମୂଲ୍ୟ - ତମେ ପାରିବ ?

ବିର୍ସା - ନିଶ୍ଚୟ ପାରିବି ଭାଇ, ନିଶ୍ଚୟ ପାରିବି । ମୁଣ୍ଡା କ'ଣ ସବୁଦିନ କୁଦୋ ଜାଉ ଖାଉଥିବ, ଆଉ ସାହେବମାନେ ମଉଜ କରୁଥିବେ ?

ଅମୂଲ୍ୟ - ନିଜ ମାଟିରେ ନିଜର ଅଧିକାରକୁ ଗୋରାମାନେ ଅପରାଧ ବୋଲି ଭାବନ୍ତି ବିର୍ସାଭାଇ !

ବିର୍ସା - ସାହେବ ଘୋଡ଼ା ଚଢ଼ିବ, ମୁଣ୍ଡା ଦେବ ଦାନା । ସାହେବ ଖାଇବ କ୍ଷୀର, ମୁଣ୍ଡା ଚରେଇବ ଗାଈ ! ହଜାରହଜାର ଦେଶବାସୀ ଯେତେବେଳେ ଦୁଃଖରେ ସଢ଼ୁଛନ୍ତି, ମୁଁ ସେମାନଙ୍କ ବ୍ୟତୀତ ଅନ୍ୟ କଥା ଭାବିବି କେମିତି ଯେ !

ଅମୂଲ୍ୟ - ତମର ରକତ ଭିତରେ ବନ୍ଧୁକର ବଡ଼ 'ଢୋ'ଟାଏ ପରି ଜମା ହେଉଛି ଏକ ବଡ଼ ପ୍ରତିବାଦ ।

ବିର୍ସା - ପେଟପୂରା ଭାତମୁଠେ ଖାଇବାରେ, ଭଲ ଲୁଗା ଖଣ୍ଡେ ପିନ୍ଧିବାରେ, ପାଞ୍ଚଜଣରେ ବସି ସୁଖଦୁଃଖ ହେବାରେ ସୁଖଥାଏ । ମୋ' ଦେଶବାସୀ ସେ ସୁଖ ପାଇପାରୁ ନାହାଁନ୍ତି । ମା' ମାଟି ଆଉ ଆମ ଭିତରେ ଆଜି ଅନେକ ଦୂରତା ।

ଅମୂଲ୍ୟ - ମୁଁ ବୁଝିପାରୁଛି ବିର୍ସା, ତମେ ହିଁ ପ୍ରଥମ ମୁଣ୍ଡା ଯେ କି ମୁଣ୍ଡା ହୋଇ ଜନ୍ମ ହୋଇଛ । ଦେଶପ୍ରେମ ତୁମକୁ ପାଗଳ କରି ଦେଇଛି ।

ବିର୍ସା - ଗୋରାମାନଙ୍କ ବାହାରଟା ପରି ଭିତରଟା ସେମିତି ସଫା ହୋଇ ଥାଆନ୍ତା କି ?

ଅମୂଲ୍ୟ - ତା' ହୋଇଥିଲେ ବିର୍ସା ଭଳି ଜଣକୁ ଜନ୍ମ ନେବାକୁ ପଡ଼ି ନଥାନ୍ତା ।

## ତୃତୀୟ ଦୃଶ୍ୟ

(ଜଣେ ମୁଣ୍ଡାବୁଢ଼ା ଧାନୀ ଓ ବିର୍ସାର ଅନୁଗାମୀ ବୀର ସାଇତ ଡୋନ୍‌କା ସହିତ ବିର୍ସା କଥାବାର୍ତ୍ତା କରୁଥାଏ ।)

ବିର୍ସା - ତମେ ଜାଣ ଡୋନ୍‌କା, ବୀର ସାଇତ ହେଲେ କ'ଣ କରିବାକୁ ହୁଏ ?

ଡୋନ୍‌କା - ନୂଆ ଜନ୍ମ ନେବାକୁ ହୁଏ। ଅନ୍ଧବିଶ୍ୱାସ ଛାଡ଼ିବାକୁ ହୁଏ।

ବିର୍ସା - ଡୋମ୍ବାରୀ ପାହାଡ଼ ତଳର ସଭାରେ କ'ଣ କହିଥିଲି ମନେ ଅଛି ନା ?

ଡୋନ୍‌କା - ହଁ ଭଗବାନ୍, ବେଶ୍ ମନେ ଅଛି। ତମେ କହିଥିଲ ଗଛ କାଟ ନାହିଁ । ଆମ୍ବ, ଜାମୁ, ପଣସ, କଦଳୀ, ନଡ଼ିଆ ଗଛ ସବୁ ଲଗାଅ। ଫଳଫୁଲ ବିକ । ନିଜ ହକ୍ ପାଇଁ ଭଲ ବାଟରେ ଲଢ଼।

ବିର୍ସା - ହଁ, ଏ ସବୁ ଶାନ୍ତିର ବାଟ। ଭଲ ବାଟ। ଆମେ ଠିକ୍ ବାଟରେ ଯିବା।

ଡୋନ୍‌କା - ଗୋରାମାନେ ଯଦି ଅବାଟରେ ଯାଆନ୍ତି ?

ବିର୍ସା - ଆମର ତୀର, ତଲୁଆର୍ କଥା କହିବ। ମନେରଖ ଡୋନ୍‌କା, ଆମର ବୀର ସାଇତମାନେ ଧୋତି ପିନ୍ଧିବେ, କପାଳରେ ଚନ୍ଦନ ଚିତା ଦେବେ, ପଇତା ପକେଇବେ। ଆମର ଫଉଜ ତିନିଭାଗ ହେବ। ନା-ବାଳକ ପିଲାଏ ହେବେ ନାନକ। ସା-ବାଳକମାନେ ହେବେ ପ୍ରଚାରକ। ବୟସ୍କମାନେ ହେବେ ପୁରାଣକ।

ଡୋନ୍‌କା - ଲଢ଼େଇ ପରେ ଏ ମହାନ୍ ଦେଶରେ ସାନବଡ଼ ରହିବେନି । ସବୁରେ ସଭିଙ୍କର ସମାନ ଅଧିକାର ରହିବ ।

ଧାନୀ - (ମୁଣ୍ଡା ବୁଢ଼ାଟିଏ) ସେ ସବୁରେ କଣ୍ଟା ଥାଏରେ ପୁଅ ।

ବିର୍ସା - ଆମେ ସେ କଣ୍ଟା ବାହାର କରିଦେବୁ ଧାନୀ ବାବା । ଆ' କହିଲେ ନୂଆ ଯୁଗ ଆସେନା, ତାକୁ ଭିଡ଼ି ଆଣିବାକୁ ହୁଏ । (ପ୍ରସ୍ଥାନ)

ଡୋନ୍‌କା - ସରନା ଜଙ୍ଗଲର ଘାଟି ଇଂରେଜମାନେ ଦଖଲ କରିଛନ୍ତି ଧାନୀ ବାବା ।

ଧାନୀ - ଆମର ବୀର ସାଇତମାନେ କରୁଥିଲେ କ'ଣ ?

ଡୋନ୍‌କା - ଜଙ୍ଗଲର ଗଛରେ ଚଢ଼ି ଗୋରାବାହିନୀ ଉପରକୁ କୋଚିଲା ତୀର ଛାଡ଼ିଲେ । ତୀର ଯାହା ଦେହରେ ଲାଗିଲା ସେ ଟଳିପଡ଼ିଲା ।

ଧାନୀ - ତୀର ମୁନରେ କୋଚିଲା ବିଷ ନାଗସାପର ବିଷଠାରୁ ବି ଭୟଙ୍କରରେ ପୁଅ !

ଡୋନ୍‌କା - ମେଘ ଘୋଟି ଅଇଲା ପରି ତୀର ଛାଡୁଛନ୍ତି । ହେଲେ ଆମ ଭଗବାନ ମଝିରେମଝିରେ ବିଗାଡ଼ି ଦେଉଥା'ନ୍ତି ।

ଧାନୀ - ବିର୍ସା କହୁଛି କ'ଣ ?

ଡୋନ୍‌କା - ଗୋରା ପଲଟନ୍ ଆମ ପିଲାଛୁଆ, ବୁଢ଼ାବୁଢ଼ୀ କାହାକୁ ଛାଡୁ ନାହାନ୍ତି । ମାରି ଶୁଆଇ ଦେଉଛନ୍ତି । ହେଲେ ଆମ ବେଳକୁ ମନା କରି ଦେଉଛନ୍ତି ।

ଧାନୀ - ମନା କରୁଛି କ'ଣ ପାଇଁ ?

ଡୋନ୍‌କା - ବିର୍ସା ଭଗବାନ କହୁଛନ୍ତି, ଇଂରେଜର ଶାସନ ଓ ତା'ର ନୀତି ବିରୋଧରେ ଆମର ଲଢ଼େଇ। ଇଂରେଜ ଜାତି ବିରୋଧରେ ନୁହେଁ । ରାଞ୍ଚି, ଖୁଣ୍ଟି, ଚାଏଁବାସାର ଗୋରା ବସତିଗୁଡ଼ିକୁ ନିଆଁ ଲଗେଇ ଦେଇଥାନ୍ତେ ଆମ ବୀର ସାଇତମାନେ ।

ଧାନୀ - ଠିକ୍ ହୋଇଥା'ନ୍ତା । ବେପାରୀ ଜାତିଟାକୁ ମୂଳ,ପୋଛ ନକଲେ ଆଉ ରକ୍ଷା ନାହିଁ।

ଡୋନ୍‌କା - ହେଲେ ପାରିଲେ କଉଠି ? ଭଗବାନ ହୁକୁମ କଲେ ବୀର ସାଇତମାନେ ଘାଟିକୁ ଫେରିଯାଅ। ଏଇ ନିରୀହମାନଙ୍କୁ ହତ୍ୟା କରି ଲାଭ କ'ଣ ?

ଧାନୀ - ଭଗବାନଟା ଏମିତି ମଝିରେମଝିରେ ତ ଅଡୁଆ କରୁଛି ।

## ଚତୁର୍ଥ ଦୃଶ୍ୟ

(ଡୋନ୍‌କାର ସ୍ତ୍ରୀ ସାଲୀ । ସିଏ ବି ବୀରସାଇତ ହୋଇଛି) ।

ସାଲୀ - କିଏ କେଉଁଠି ଅଛରେ, ଧାଇଁ ଆସ । ମୋର ଭଗବାନକୁ ଧରିନେଇ ଯାଉଛନ୍ତିରେ । ଆରେ ମାଝିତା ମାରିଆ କ'ଣ ପାଇଲୁରେ ? ମୋର ଭଗବାନକୁ ଧରେଇ ଦେଲୁ । ପାଞ୍ଚ ଶହ ଟଙ୍କା ବଡ଼ ହେଲା ତୋତେ ?

ଧାନୀ - (ପ୍ରବେଶକରି)ଆଉ ପାଟି କରି କ'ଣ ପାଇବୁରେ ମା' । ଲୁହା ଭିତରେ କାଠ ଖଣ୍ଡେ ପଶିଲେ ପରା ଗଛ ବଉଁଶ ନାଶ ହୁଏ । ମାଝିତା ମାରିଆଟା ମୁଣ୍ଡା କି ଆଉ କ'ଣରେ ?

ସାଲୀ - ମୋର ଭଗବାନର କ'ଣ ହେବ, ଧାନୀ ବାବା ?

ଧାନୀ - ଆଉ କ'ଣ ହେବରେ ମା' ଫାଶୀ କି ଜେଲ୍ । ଲଢ଼େଇର ଦୁଇଟା କଥାରେ ମା' । ହାରିବା କି ଜିତିବା । ଯିଏ ଜିତେ ତା' ନାଁ ଲେଖି ରଖେ ଇତିହାସ, ଯିଏ ହାରେ ତା ନାଁ ଲେଖା ହୁଏ ମଣିଷର ରକତରେ, ତା'ର ଭୋକରେ, ତା'ର ଶୋଷରେ, ତା'ର ଦୀର୍ଘ ଶ୍ୱାସରେ ।

ସାଲୀ - ବିର୍ସା ବଇଁଶୀ ବଜେଇ ଦେଲେ, ମଣିଷର ରକତରେ ମାଦଳ ବାଜୁଥିଲା । ବିର୍ସା ଡ଼ାକିଲେ ଜଙ୍ଗଲ 'ଓ' କରୁଥିଲା । ଆଜି ସେ ପିଞ୍ଜରାର ବାଘପରି ଉଠ୍ ବସ୍ ହେଉଛି । କୁଆଡ଼େ ଗଲା ତା'ର ସିଂହ ଠାଣି ?

ଧାନୀ - ସୁଖ ମଣିଷକୁ ଭୟାଳୁ ଆଉ ଦୁର୍ବଳ କରି ଦିଏରେ ମା' । ମୁଣ୍ଡା ଜାତିଟା ସୁଖ ଚାହିଁଲା । ବିର୍ସା ଆଉ କରନ୍ତା କ'ଣ ?

## ପଞ୍ଚମ ଦୃଶ୍ୟ

(ରାଞ୍ଚି ଜେଲ୍ । ଜୁନ୍ ୯ ତାରିଖ, ୧୯୦୦ ମସିହା ସକାଳ) ।

ବିର୍ସା - ହେ ବିଶ୍ୱସ୍ରଷ୍ଟା, ଆମର ପ୍ରାର୍ଥନା ବ୍ୟର୍ଥ କରନା । ତୁମଠାରେ ଆମର ପୂର୍ଣ୍ଣ ବିଶ୍ୱାସ ରହିଛି । ହେ ମୋର ଜନ୍ମଭୂମି ! ଆଗୋ ମୋର ମା' ! ମୁଁ କଥା ଦେଇଥିଲି ମା' ତୋତେ ମୁକ୍ତ କରିବାକୁ, ହେଲେ ପାରିଲି ନାହିଁ ଗୋ । ଶୁଣି ପାରୁଛି ମା' କେପ୍‌ଟନ୍ ରୋଶ୍‌ର ଚିତ୍କାର । ଏ ବନ୍ଦୀଶାଳାକୁ ବି ପଶିଆସୁଛି ବାରୁଦର ଗନ୍ଧ । ମୋର ମୁଣ୍ଡା ବାହିନୀର ରେ-ରେ କାର ତୁ କ'ଣ ଶୁଣୁ ନାହୁଁ ମା' ? ତୁ ତ ଜାଣୁ ମା' ମୁଣ୍ଡା ରକତରେ କି ଭୟଙ୍କର ନିଆଁ ଲାଗିଥିଲା, ହେଲେ, ଆଜି ସବୁ ଶେଷ ମା' । ହାତ ଯୋଡ଼ିବାକୁ ବି ମୋର ଶକ୍ତି ନାହିଁ । (ଯନ୍ତ୍ରଣାରେ) ଓଃ, ହୋ ! ତମେ କ'ଣ ଫୋଡ଼ିଦେଲ ଅମୂଲ୍ୟ, ମୋତେ ତ ଘରିଆଡ଼େ ଅନ୍ଧାର ଦିଶୁଛି । (ଜେଲ ଫାଟକ ଆଗରେ ହଜାର ହଜାର ମୁଣ୍ଡା ନରନାରୀ ଜୟ ଜୟକାର କରୁଛନ୍ତି) ।

ଧାନୀ - ବିର୍ସା ଭଗବାନ କି,

ସମସ୍ତେ - ଜୟ

ଧାନୀ - ଧରତି ମାଆ କି,

ସମସ୍ତେ - ଜୟ

ଧାନୀ - ଏ ଲଢ଼େଇର ଶେଷ ନାହିଁରେ ମୁଣ୍ଡାମାନେ, ହାରି ଯାଇଥିବା ଲଢ଼େଇର ଶେଷ ହୁଏନା ।

### ଶିକ୍ଷକଙ୍କ ପାଇଁ ସୂଚନା

★ ପ୍ରଥମେ ବିର୍ସାମୁଣ୍ଡାଙ୍କର ଏକ ଫଟୋ ସଂଗ୍ରହକରି ଶ୍ରେଣୀ ଗୃହରେ ଟାଙ୍ଗିବେ କିମ୍ବା ଟେବୁଲ ଉପରେ ରଖିବେ ।

★ ବିର୍ସାମୁଣ୍ଡାଙ୍କର ଏକ ସଂକ୍ଷିପ୍ତ ପରିଚୟ ପିଲାମାନଙ୍କ ଆଗରେ କହିବେ ।

★ ବିର୍ସାମୁଣ୍ଡାଙ୍କ ଭଳି ଆଉ କେତେ ଜଣ ସେ କାଳର ଆଦିବାସୀ ନେତାଙ୍କ ନାମ ପିଲାମାନଙ୍କୁ ପଚାରିବେ ।

★ ପିଲାମାନଙ୍କ ଉତ୍ତର ପାଇବା ପରେ ଲକ୍ଷ୍ମଣ ନାୟକ, ଚକରା ବିଶୋଇ, ଦୋରା ବିଶୋଇଙ୍କର ଉଦାହରଣ ଦେବେ ।

★ ଏହି ଏକାଙ୍କିକାଟିକୁ ଶିକ୍ଷକ ଶ୍ରେଣୀରେ ଅଭିନୟ କରାଇବେ ।

## ସୂଚନା

| | | |
|---|---|---|
| ବୀରସାଇତ | - | ମୁଣ୍ଡାଜାତିର ସାହସୀ ଓ ଆଗୁଆ ଲୋକ । |
| ଭଗବାନ | - | ବିର୍ସାଙ୍କୁ ତାଙ୍କ ଲୋକମାନେ ଭଗବାନ ବୋଲି କହୁଥିଲେ । |
| କୁଦୋ | - | ସୁଆଁଧାନର ଚାଉଳ । |

## ଆସ ଜାଣିବା କେତୋଟି ଶବ୍ଦ

| | | |
|---|---|---|
| କୁଦୋ | ବୀରସାଇତ | ରକତରେ ମାଦଳ ବାଜିବା |
| ମହୁଆଫୁଲ | ନାନକ | ରେ ରେକାର |
| ସିଇଁଲେ | ପ୍ରଚାରକ | ରକ୍ତରେ ନିଆଁ ଲାଗିବା |
| ଦିକୁ | ପୁରାଣକ | ବୁଟୁବୁଟୁ ଚାଲିବା |

## ଅଭ୍ୟାସ

### ୧. ଆସ କଥାବାର୍ତ୍ତା ହେବା ।

(କ) ବିର୍ସା ମୁଣ୍ଡାଙ୍କର ବାପା ଓ ମାଆଙ୍କ ନାମ କ'ଣ ?

(ଖ) ବିର୍ସା କ'ଣ କରିବାକୁ ଶପଥ କରିଥିଲେ ?

(ଗ) ବିର୍ସାଙ୍କୁ ଇଂରେଜମାନଙ୍କ ହାତରେ କିଏ ଧରେଇ ଦେଇଥିଲା ?

(ଘ) ବିର୍ସାମୁଣ୍ଡା କେଉଁଠାରେ ମୃତ୍ୟୁବରଣ କରିଥିଲେ ?

(ଙ) ବିର୍ସାମୁଣ୍ଡାଙ୍କ ମୃତ୍ୟୁ ସମ୍ପର୍କରେ କ'ଣ ଶୁଣାଯାଏ ?

### ୨. ଆସ ଉତ୍ତର ଲେଖିବା ।

(କ) ବିର୍ସା କେଉଁଠାରେ ପାଠ ପଢୁଥିଲେ ?

(ଖ) ବିର୍ସାଙ୍କୁ ମୁଣ୍ଡାଜାତି କାହିଁକି ଭଲ ପାଉଥିଲେ ?

(ଗ) ବିର୍ସା ନିଜର ଅନୁଗାମୀମାନଙ୍କୁ କିପରି ଚଳିବାକୁ କହୁଥିଲେ ?

(ଘ) ବୀରସାଇତମାନଙ୍କର ବେଶପୋଷାକ କିଭଳି ହେବ ବୋଲି ବିର୍ସା ସୂଚନା ଦେଇଥିଲେ ?

୩. ତଳେ ଦିଆଯାଇଥିବା ଉକ୍ତିଗୁଡ଼ିକର କି ଅର୍ଥ ବୁଝାପଡୁଛି, ଆସ ଲେଖିବା ।

(କ) ବିର୍ସା ଡାକିଲେ ଜଙ୍ଗଲ 'ଓ' କରୁଥିଲା ।

..........................................................................................

..........................................................................................

..........................................................................................

(ଖ) ଆଜି ସେ ପିଞ୍ଜରାର ବାଘପରି ଉଠ୍‌ବସ୍ ହେଉଛି ।

..........................................................................................

..........................................................................................

..........................................................................................

୪. ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ଭଲ ଭାବରେ ପଢ଼ିବା ଓ ରେଖାଙ୍କିତ ପଦଗୁଡ଼ିକ କାହାକୁ ବୁଝାଉଛି ଖାଲି ଘରେ ଲେଖିବା ।

(କ) ହେଲେ ଆମେ <u>ଏମାନଙ୍କ</u> ସାଙ୍ଗରେ ଲଢ଼ିପାରିବା ? [ ]

(ଖ) <u>ଭଗବାନଟା</u> ଏମିତି ମଝିରେମଝିରେ ତ ଅଡୁଆ କରୁଛି ? [ ]

୫. ତଳେ ଗୋଟିଏ କୋଠରିରେ କିଛି ସ୍ଥାନର ନାମ ଏବଂ ଅନ୍ୟ କୋଠରିରେ ବିର୍ସା ଜୀବନର କେତେକ ଘଟଣା ଦିଆଯାଇଛି । କେଉଁ ସ୍ଥାନ ସହିତ କେଉଁ ଘଟଣାର ସମ୍ପର୍କ ଅଛି ଆସ ଲେଖିବା ।

| | | |
|---|---|---|
| ରାଞ୍ଚି | ପାଠ ପଢ଼ିବା | |
| ଡୋମ୍ବାରୀ ପାହାଡ଼ | ଜନ୍ମ | |
| ଚାଏଁବାସା | ଅନୁଗାମୀମାନଙ୍କ ସଭା | |
| ବାମ୍ବା | ଜେଲ୍‌ଯିବା | |

୬. ଏମାନଙ୍କୁ ଆମେ ଚିହ୍ନି ସାରିଲେଣି । ଏମାନେ ସବୁ କିଏ ଆସ କହିବା ଓ ଖାଲି ଜାଗାରେ ଲେଖିବା ।

ସୁମନା......................  ଅମୂଲ୍ୟ......................

କରମୀ......................  ଡୋନ୍‌କା......................

କୋମତା......................  ଧାନୀ......................

ଦାସନୀ......................  ସାଲୀ......................

ଚମ୍ପା......................  ମାଝିତା ମାରିଆ......................

୭. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ପାଖ ମୁଣ୍ଡଳି ମଧ୍ୟରେ ରଖାଯାଇଛି, କେଉଁଟି କାହାର ଅର୍ଥକୁ ବୁଝାଉଛି ତାକୁ ବାଛି ଶବ୍ଦ କଡ଼ରେ ଲେଖିବା ।

ଦିକୁ ......................

କୁଦୋ ......................

ବୀରସାଇତ ......................

ପଲଟନ......................

ଧରତି ......................

ବୀର ସୈନିକ, ପୃଥିବୀ, ଶୋଷଣକାରୀ, ଇଂରେଜ ସୈନ୍ୟ, ନା'ବାଳକ, ସୁଆଁ ଧାନର ଚାଉଳ, ଖୋଲିବା

୮. ପଠିତ ଏକାଙ୍କିକାର କେତେକ ଉକ୍ତି ତଳେ ଦିଆଯାଇଛି । ଏଗୁଡ଼ିକ କେଉଁ ଅର୍ଥରେ ବ୍ୟବହାର କରାଯାଇଛି, ଡାହାଣ ପାଖ ଖାଲି ଜାଗାରେ ଲେଖିବା ।

ସଂସାର ଚଳାଇବା ..................................................

ମେଘକୁ ଛୁଇଁବା ଭଳି ..................................................

ଅଡୁଆ କରିବା ..................................................

ରକତରେ ମାଦଲ ବାଜିବା ..................................................

ପିଞ୍ଜରାର ବାଘ ପରି ଉଠ୍ ବସ୍ ହେବା ..................................................

ରକତରେ ନିଆଁ ଲାଗିବା ..................................................

୯. ତଳେ ଦିଆଯାଇଥିବା କଥାଗୁଡ଼ିକ କିଏ, କାହାକୁ କହିଛନ୍ତି, ସେମାନଙ୍କ ନାମ ମୁଣ୍ଡଳି ମଧ୍ୟରୁ ଖୋଜି ଆଣି ଖାଲିଘରେ ଲେଖିବା ।

(କ) ସଂସାରଟା କେମିତି ଗୋ ?

(ଖ) କିନ୍ତୁ ଲେଖାପଢ଼ା ମଣିଷକୁ ବଡ଼ କରିଦିଏ ।

(ଗ) ଖାଣ୍ଟି ସୁନାରୁ ବି ଖାଣ୍ଟି ଆମ ମାଟିରେ ।

(ଘ) ଦେଶପ୍ରେମ ତୁମକୁ ପାଗଳ କରିଦେଇଛି ।

(ଙ) ଲଢ଼େଇ ପରେ ଏ ମହାନ୍ ଦେଶରେ ସାନ ବଡ଼ ରହିବେନି ।

ବିର୍ସା, କରମୀ, ଅମୂଲ୍ୟ, ଧାନୀ, ଡୋନ୍‌କା

୧୦. ତଳେ ଦିଆଯାଇଥିବା ଅନୁଚ୍ଛେଦରୁ ନାମଗୁଡ଼ିକୁ ବାଛି ବାମ ପାଖରେ ଥିବା ବାକ୍ସରେ ରଖିବା ଓ କାମଗୁଡ଼ିକୁ ବାଛି ଡାହାଣ ପାଖରେ ଥିବା ଗୋଲରେ ରଖିବା ।

ସାହେବମାନେ ଖାଇବେ କ୍ଷୀର, ମୁଣ୍ଡା ଚରେଇବ ଗାଈ ।
ଆମ ବୀର ସାଇତମାନେ ଧୋତି ପିନ୍ଧିବେ ।
ଭଗବାନଟା ଏମିତି ମଝିରେମଝିରେ ଅଡୁଆ କରୁଛି ।
ଗୋରାମାନେ ଛଡ଼େଇନେଲେ ଆମଠୁ ଆମ ଗାଁ ମାଟି ।

### ତୁମପାଇଁ କାମ

- ତୁମ ଅଞ୍ଚଳର ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ କାହାଣୀ ସଂଗ୍ରହ କରି କହ ?
- ଏକାଙ୍କିକାଟିକୁ ଶ୍ରେଣୀଗୃହରେ ଅଭିନୟ କର ।